

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୬ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 FEBRUARY 2021

Vol.No. 31 ■ No. 35 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦୁନିଆ ଦେଖିବ ଓଡ଼ିଆ ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ 'ରୋବଟ୍'

କଟକ,୦୫।୦୨ (ନି.ପ୍ର): ନାସାରେ ନିଜର କମାଲ ଦେଖାଇବେ ଓଡ଼ିଆ ପିଲା। ରାଜ୍ୟ ପାଇଁ ଗୌରବ ଆଣିଲେ ୧୦ ଜଣ ଛାତ୍ରଛାତ୍ରୀ। ଓଡ଼ିଶାର ବଛାବଛା ୧୦ ଜଣ ଛାତ୍ରଛାତ୍ରୀ ଯିବେ ନାସା। ନିଜ ହାତ ତିଆରି ରୋବଟକୁ ଉପସ୍ଥାପନା କରିବା ସହିତ ନାସାରେ ଦେଖାଇବେ କମାଲ। ସାରା ବିଶ୍ୱର ୮୭ ଟିମ ଭାଗ ନେଉଥିବା ବେଳେ ପ୍ରଥମ କରି ଓଡିଶାରୁ ଏଭଳି ଏକ ଟିମ ନାସା ଯାଉଛନ୍ତି। ନାସା ହ୍ୟୁମାନ ଏକ୍ସପ୍ଲୋରେସନ ରୋଭର ଚାଲେଞ୍ଜରେ ଭାଗ ନେଉଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଢେର ବଢ଼ିଛି। ସାଇକେଲ, ବାଇକ୍, ଅଟୋ ଓ କାରର ବିଭିନ୍ନ ଯନ୍ତ୍ରପାତିକୁ ନେଇ ୧୯ ବର୍ଷରୁ କମ୍ ଟିମର ଛାତ୍ରଛାତ୍ରୀ ଦ୍ୱାରା ଏହି ରୋବଟ୍ ପ୍ରସ୍ତୁତ କରାଯାଇଛି। ଏହି ଟିମର ଡାଇରେକ୍ଟର ଭୂମିକାରେ ରହିଛନ୍ତି କଟକ ୪୨ ମୌଜାର ଯୁବ ବୈଜ୍ଞାନିକ ଅନୀଲ ପ୍ରଧାନ। ଏହି ରୋବଟକୁ ପ୍ରସ୍ତୁତ କରିଛନ୍ତି ନାସା ଯିବାକୁ ଥିବା ଏହି ୧୦ ଜଣ ଛାତ୍ରଛାତ୍ରୀ। ଏହି ୧୦ ଜଣ ଗୋଟିଏ ଟିମ୍ ହୋଇ ହ୍ୟୁମାନ ଏକ୍ସପ୍ଲୋରେସନ ରୋଭର ଚାଲେଞ୍ଜରେ ଭାଗ ନେବାକୁ ଯାଉଛନ୍ତି। ଏଥିପାଇଁ ସମସ୍ତଙ୍କ ମନରେ ରହିଛି ଢେର ଉତ୍ସାହ। ଏଥିପାଇଁ ପୂରା ଦିନ ରାତି ଏକ କରି ଏହି ଯୁବ ବୈଜ୍ଞାନିକ ମାନେ ରୋବଟରେ ଦେଉଛନ୍ତି ସମୟ। ସାଇକେଲ, ଅଟୋ, ବାଇକ୍ ଓ କାରରେ ବ୍ୟବହାର ଯନ୍ତ୍ରପାତିକୁ ନେଇ ଏହି ପୂରା ରୋବର୍ଟ ପ୍ରସ୍ତୁତ ହୋଇଛି।

# ଆସନ୍ତାକାଲି ଚକାଜାମ୍ କରିବେ ଚାଷୀ

## ଓଡିଶାରେ ଅଖ ଜାମ୍ ଡାକରା ଦେଲା ନବ ନିର୍ମାଣ କୃଷକ ସଂଗଠନ



ନୂଆଦିଲ୍ଲୀ,୦୫।୦୨ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ଆସନ୍ତାକାଲି ସାରା ଭାରତରେ ଚକାଜାମ ଡାକରା ଦେଇଛନ୍ତି ଚାଷୀ । ଏଥିପାଇଁ ଦିଲ୍ଲୀର ସୀମାରେ ୩ଟି ଆନ୍ଦୋଳନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଅଧିକ ଫୋର୍ସ ମୁତୟନ କରାଯାଇଛି । ଏକାଧିକ ସ୍ତରୀୟ ବାରିକେଡ କରାଯିବା ସହିତ ରାସ୍ତାରେ କଂଟା ଓ ତାର ଲଗାଯାଇଛି । ଭାରତୀୟ କିଷାନ ୟୁନିଅନ ନେତା ରାକେଶ ଟିକାୟତ କହିଛନ୍ତି ଦେଶରେ ଏହି ଚକାଜାମ ଶାନ୍ତିପୂର୍ଣ୍ଣ ହେବ । ତେବେ ଦିଲ୍ଲୀରେ ଚକା ଜାମ ହେବ ନାହିଁ । କୃଷି ଆଇନକୁ ବିରୋଧ କରି ଆସନ୍ତାକାଲି ଓଡିଶାରେ ମଧ୍ୟ ଅଖ ଜାମ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଗଠନ । ଦିନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ରାଜ୍ୟର ୨୨ରୁ ୨୩ଟି ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବ ନବ ନିର୍ମାଣ କୃଷକ ସଂଗଠନ । ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ

▶▶ପୃଷ୍ଠା ୭

# ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ କେନ୍ଦ୍ରମନ୍ତ୍ରୀ

## ପଶ୍ଚିମବଙ୍ଗର ହଳଦିଆରୁ ୪ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ




ପଶ୍ଚିମବଙ୍ଗ/ଭୁବନେଶ୍ୱର,୦୫।୦୨ (ନି.ପ୍ର): ତିନିଦିଆ ଗସ୍ତରେ ପଶ୍ଚିମବଙ୍ଗ ଯାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେଠାରେ ସେ ଏକ ପ୍ରେସମିଟ କରି କହିଛନ୍ତି, ପୂର୍ବ ଭାରତରେ ୨୦୧୪ ପର୍ଯ୍ୟନ୍ତ ପ୍ରାକୃତିକ ଗ୍ୟାସ ପାଇପଲାଇନ ନଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଦେଶରେ ଦାୟିତ୍ୱ ନେବା ପରେ ପୂର୍ବ ଭାରତକୁ ସର୍ବାଧିକ ପ୍ରାଥମିକତା ଦୋଇଛନ୍ତି । ପ୍ରଥମ ଥର ପାଇଁ ପ୍ରାକୃତିକ ଗ୍ୟାସ ପାଇପଲାଇନର କାମ ଆରମ୍ଭ କରାଯାଇଛି । ସେହିପରି ଆସନ୍ତା ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ହଳିଦିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ

▶▶ପୃଷ୍ଠା ୭

# ବାଲେଶ୍ୱରରେ ହେବ ଦେଶର ପ୍ରଥମ ବଜ୍ରପାତ ଅନୁସନ୍ଧାନ କେନ୍ଦ୍ର



ଭୁବନେଶ୍ୱର,୦୫।୦୨ (ନି.ପ୍ର): ଏପ୍ରିଲ-ଜୁନ୍ ମାସରେ ଅଧିକ ବଜ୍ରପାତ ମାମଲା ସାମ୍ନାକୁ ଆସିଥାଏ। ଘଡ଼ଘଡ଼ି, ବଜ୍ରପାତ ପାଇଁ ଅନେକ ଧନଜୀବନ ନଷ୍ଟ ହୋଇଥାଏ। ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରକୁ ଅଧିକ ଥାଏ ଏହି ଭୟ। ଏହାକୁ ଆଖି ଆଗରେ ରଖି ଧନ ଜୀବନର ସୁରକ୍ଷା ପାଇଁ ଓଡିଶାରେ ପ୍ରତିଷ୍ଠା ହେବ ବଜ୍ରପାତ ଅନୁସନ୍ଧାନ କେନ୍ଦ୍ର । ଦେଶରେ ପ୍ରଥମ ଥର ଲାଗି ଏଭଳି ଏକ ଅନୁଷ୍ଠାନର ପରିକଳ୍ପନା କରିଛି ଭାରତୀୟ ପାଣିପାଗ ବିଭାଗ । ଭୂ-ବିଜ୍ଞାନ ମନ୍ତ୍ରଣାଳୟର ନିଷ୍ପତି କ୍ରମେ, ଆଇଏମ୍ଡି, ଆଇଏସ୍ଆର୍ଓ, ଡିଆର୍ଡିଓ ସହଯୋଗରେ ବାଲେଶ୍ୱର ନିକଟରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି ଅନୁସନ୍ଧାନ କେନ୍ଦ୍ର ଆରମ୍ଭ ହେଲେ ବଜ୍ରପାତ ସମ୍ବନ୍ଧରେ ଆହୁରି ସଠିକ୍ ଓ ନିର୍ଭୁଲ ଭାବରେ ଆକଳନ କରାଯାଇ ପାରିବ । ଏହା ସହ ଧନଜୀବନର ରକ୍ଷା ହୋଇପାରିବ ବୋଲି ଓଗଉ ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି । ଆଇଏମ୍ଡି ମହାନିର୍ଦ୍ଦେଶକ କହିଛନ୍ତି, ଗୋଟିଏ ବଜ୍ରପାତର ସମୟ ଅଧଘଣ୍ଟାରୁ ତିନି ଘଣ୍ଟା ହୋଇପାରେ। ଏହା ଖୁବ୍ କମ୍ ଅଞ୍ଚଳକୁ ପ୍ରଭାବିତ କରିଥାଏ। ତେଣୁ ଏହାକୁ ସଠିକ ଭାବେ ନିରୂପଣ କରିବାକୁ ହେଲେ ଏହା ବିଷୟରେ ସଠିବ ବିବରଣୀ ହାସଲ କରିବା ଦରକାର।

▶▶ପୃଷ୍ଠା ୭

# କୋଟିଆ ପଂଚାୟତରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୮ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ



ଭୁବନେଶ୍ୱର,୦୫।୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍ଫରେସନ୍ ?ସିଂ ମାଧ୍ୟମରେ କୋରାପୁଟ ଜିଲ୍ଲାର ପଟାଙ୍ଗି ଅଂଚଳର କୋଟିଆ ପଂଚାୟତ ପାଇଁ ୧୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୧୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍ ?ଘାଟନ ହୋଇଥିବା ବେଳେ ୫ କୋଟି ଟଙ୍କାର ଗୋଟିଏ ହାଇ ଲେଭେଲ ସେତୁ ପାଇଁ ମଧ୍ୟ ଭିତିପ୍ରସ୍ତର ରଖାଯାଇଛି । ସମୁଦାୟ ୧୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ୨୦୧୮ରେ କୋଟିଆ ପଂଚାୟତର ବିକାଶ ପାଇଁ ୧୫୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ଖୁବ୍ଶୀଘ୍ର କାଟିଆ ଅଂଚଳକୁ ଗସ୍ତ କରି ଲୋକମାନଙ୍କୁ ଭେଟିବେ । କୋଟିଆ ଅଂଚଳକୁ ଏକ ଆଦର୍ଶ ପଂଚାୟତ ଭାବରେ ଗଠନ କରାଯିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଟିଆ ପଂଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପିଇବା ପାଣି, ବିଜୁଳି ଆଦି ସବୁ ସୁବିଧାର ବିକାଶ କରାଯାଇଛି । ଖାଦ୍ୟ ସୁରକ୍ଷା ଠାରୁ ଆରମ୍ଭ କରି ସାମାଜିକ ନିରାପତା ଯୋଗାଇ ଦିଆଯାଉଛି।

▶▶ପୃଷ୍ଠା ୭

# ଶନିବାରଠୁ ପୁଲିସଙ୍କୁ ଦିଆଯିବ କରୋନା ଟିକା

# ପ୍ରଥମେ ନେବେ ଡିଜିପି ଅଭୟ



ଭୁବନେଶ୍ୱର ,୦୫।୦୨ (ନି.ପ୍ର): ଶନିବାରଠାରୁ ସମଗ୍ର ରାଜ୍ୟରେ ପୁଲିସଙ୍କୁ ଦିଆଯିବ କରୋନା ଟିକା। ପ୍ରଥମେ ଡିଜିପି ଅଭୟ ଟିକା ନେବେ। ତା'ପରେ ଅନ୍ୟ ବରିଷ୍ଠ ପୁଲିସ ଓ ହୋମ୍ଗାର୍ଡମାନେ କରୋନା ଟିକା ନେବେ। ଏନେଇ ସୂଚନା ଦେଇଛନ୍ତି କଟକ-ଭୁବନେଶ୍ୱର ପୁଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ଭୁବନେଶ୍ୱରରେ କମିଶନର ଅଫିସ, ଡିସିପି ଭୁବନେଶ୍ୱର, ସପ୍ତମ ବାଟାଲିଅନ୍, ଏସ୍ଏସ୍ ବାଟାଲିଅନ୍, ରାଜ୍ୟ ଗୁଇନ୍ଦା ବିଭାଗ, ଏସ୍ଓଜି, ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ପରି ମୋଟ୍ ୧୯ଟି ପ୍ରତିଷ୍ଠାନର ୮୯୩୭ କର୍ମଚାରୀଙ୍କୁ ଟିକା ଦିଆଯିବ। ଭୁବନେଶ୍ୱର ରିଜର୍ଭ ପୁଲିସ ଲାଇନ୍ ହସ୍ପିଟାଲ୍, ସପ୍ତମ ବାଟାଲିଅନ୍ ହସ୍ପିଟାଲ୍ ଓ ସିପି ଅଫିସ ସମେତ ୩ଟି ସ୍ଥାନରେ ଟିକା ଦିଆଯିବ। ସେହିପରି କଟକରେ ରାଜ୍ୟ ପୁଲିସ ସଦର ମହକୁମା, ଡିସିପି କଟକ, କ୍ରାଇମବ୍ରାଞ୍ଚ, ଦୁର୍ନୀତି ନିବାରଣ ବିଭାଗ, ହୋମ୍ ଗାର୍ଡ଼, ଫାୟାର ସର୍ଭିସେସ୍, ଷଷ୍ଠ ବାଟାଲିଅନ୍ ପ୍ରମୁଖ ୧୧ଟି ପ୍ରତିଷ୍ଠାନର ୬୮୬୭ ପୁଲିସ କର୍ମଚାରୀ ଓ ହୋମ୍ ଗାର୍ଡଙ୍କୁ ଟିକା ଦିଆଯିବ। କଟକ ନେତାଜୀ ଇନ୍ଡୋର ଷ୍ଟାଡିଅମକୁ ଟିକା ଗ୍ରହଣ କେନ୍ଦ୍ର କରାଯାଇଛି। ଟିକାକରଣ ପାଇଁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସବୁ ପ୍ରସ୍ତୁତି ସରିଯିବ। ଆସନ୍ତାକାଲି ସକାଳ ୯ଟା କଟକରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦ୍ଘାଟନ କରାଯିବ ବୋଲି କମିଶନର କହିଛନ୍ତି।

## ଗୁଜରାତ ଉଚ୍ଚ ନ୍ୟାୟାଳୟର ହୀରକ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୫।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ଶନିବାର ସକାଳ ୧୦.୩୦ ସମୟରେ ଗୁଜରାତ ଉଚ୍ଚ ନ୍ୟାୟାଳୟର ହୀରକ ଜୟନ୍ତୀ ସମାରୋହକୁ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ବୋଧିତ କରିବେ । ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠାର ଷାଠିଏ ବର୍ଷ ପୂରଣ ହେବା ଅବସରରେ ସେ ଏକ ସ୍ମାରକୀ ଡାକ ଟିକଟ ମଧ୍ୟ ଉନ୍ମୋଚନ କରିବେ । ଏହି ସମାରୋହରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଗୁଜରାତ ଉଚ୍ଚ ନ୍ୟାୟାଳୟର ବିଚାରପତି ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ ।

## ଚକ ଅଖ ଜାମକୁ ଭାରତୀୟ କିଶାନ ସଂଘର ସମର୍ଥନ ଦେବ ନାହିଁ

ଭୁବନେଶ୍ୱର,୦୫।୦୨ (ନି.ପ୍ର): ଆସନ୍ତା କାଲି ବିଭିନ୍ନ ଚାଷୀ ସଂଗଠନ ମାନଙ୍କ ପକ୍ଷରୁହେବାକୁ ଥିବା ଚକ ଅଖ ଜାମକୁ ଭାରତୀୟ କିଶାନ ସଂଘ ସମର୍ଥନ କରିବ ନାହିଁ। ଭାରତୀୟ କିଶାନ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ କହିଛନ୍ତି । ସେ କହିଛନ୍ତି ଯେ ଏହି ଆନ୍ଦୋଳନ ରାଜନୈତିକ ରୂପ ନେଇ ସାରିଛି। ଗଣତନ୍ତ୍ର ଦିବସରେ ଯେଉଁଭଳି ଭାବେ ଦିଲ୍ଲୀରେ ହିଂସା ପ୍ରଦର୍ଶନ କରା ଗଲା ଓ ଜାତୀୟ ପତାକାକୁ ଅପମାନ କରା ଗଲା ସେଥିରୁ ସ୍ପଷ୍ଟ ଯେ ଏଥିରେ ରାଷ୍ଟ୍ର ବିରୋଧୀ ଶକ୍ତି ମାନେ ମିଶି ସାରିଛନ୍ତି। ତେଣୁ ଏହି ଚକା ଅଖା ବନ୍ଦକୁ କିଶାନ ସଂଘ ସମର୍ଥନ ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ମୋବାଇଲ ଓ ଟିଭି ରିଚାର୍ଜ ନାଁରେ କୋଟି କୋଟି ଟଙ୍କାର ଠକେଇ




କଟକ,୦୫।୦୨ (ନି.ପ୍ର): ଲୋଭନୀୟ ଅଫର ଦେଇ ମୋବାଇଲ ଓ ଟିଭି ରିଚାର୍ଜ ନାଁରେ କୋଟି କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ସାଙ୍ଗଭି ନାମକ ଏକ ଘରୋଇ ସଂସ୍ଥା ବିରୋଧରେ ଆସିଛି ଏଭଳି ସଙ୍ଗିନ ଅଭିଯୋଗ । ସଂପୃକ୍ତ ସଂସ୍ଥା 'ରିଚାର୍ଜ ଓଡ଼ିଶା' ନାଁରେ ଅଫର ଦେଇ ଏହି ଠକେଇ କରିଛି । ସମ୍ପୃକ୍ତ ସଂସ୍ଥାର ଏମ୍ଡି ଫେରାର ହୋଇଯାଇଥିବା ବେଳେ ଏଜେଣ୍ଟ ଏନେଇ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୦ରେ କଟକ ବୈୟାଳିଶ ମୌଜାରେ ଏହି ସଂସ୍ଥା କାର୍ଯ୍ୟାଳୟ ଖୋଲି ସେବା ଯୋଗାଉଥିଲା । ବିଏସ୍ଏନ୍ଏଲ୍ ଓ ଜିଓ ମୋବାଇଲରେ ୯୯୯ ଟଙ୍କା ରିଚାର୍ଜ କଲେ ବର୍ଷେ ପର୍ଯ୍ୟନ୍ତ ଦୈନିକ ଅନଲିମିଟେଡ୍ କଲ୍ ସହ ୨ ଜିବି ଡାଟା ଯୋଗାଇବାକୁ ଲୋଭ ଦେଖାଉଥିଲା । ସେହିପରି ୧୪୯୯ ଟଙ୍କାର ଡିଟିଏଚ୍ ରିଚାର୍ଜ କଲେ ବର୍ଷ ସାରା ମାଗଣା ଟିଭି ଦେଖିପାରିବେ ବୋଲି ମଧ୍ୟ ଲୋଭନୀୟ ଅଫର ଦେଇଥିଲା। ଗ୍ରାହକଙ୍କଠାରୁ ରିଚାର୍ଜ ବାବଦ ଟଙ୍କା ଆଣିଲେ ଏଜେଣ୍ଟଙ୍କୁ କମିଶନ ମିଳିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲା କଂପାନି । ପ୍ରାୟ ୨ ଲକ୍ଷ ଗ୍ରାହକଙ୍କଠାରୁ

▶▶ପୃଷ୍ଠା ୭

## ମାଓବାଦୀଙ୍କ ହିଂସାକାଣ୍ଡ ଯୋଜନା ପଣ୍ଡ, ଯବାନଙ୍କୁ ମିଳିଲା ବଡ଼ ସଫଳତା

ମାଲକାନଗିରି,୦୫।୦୨ (ନି.ପ୍ର): ଯବାନଙ୍କୁ ମିଳିଛି ବଡ଼ ସଫଳତା। ବିଏସ୍ଏଫ୍ ଜବାନଙ୍କ ଅପରେସନ୍ ବେଳେ ଧରାପଡ଼ିଲା ମାଓବାଦୀଙ୍କ ବଡ଼ ଧରଣର ବିସ୍ଫୋରକ ଡମ୍ପିଙ୍ଗ୍ ୟାଡ। ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ପିପଲପଦର ଜଙ୍ଗଲରୁ ଏହି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛନ୍ତି ବିଏସ୍ଏଫ୍ ଯବାନ। ମାଓବାଦୀ ଜଙ୍ଗଲ ମଧ୍ୟରେ ଏକ ବିରାଟ ଗାତ କରି ଏକ ଡ୍ରମରେ ବିସ୍ଫୋରକ ସାମଗ୍ରୀକୁ ଲୁଚାଇ ରଖିଥିଲେ।

▶▶ପୃଷ୍ଠା ୭

# ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ନିର୍ଯ୍ୟାତନା ଘଟଣା : ଧରାପଡ଼ିଲା ସୁରେଶ



ଭୁବନେଶ୍ୱର,୦୫।୦୨ (ନି.ପ୍ର): ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କୁ ନିର୍ଯ୍ୟାତନା ଘଟଣାରେ ଧରାପଡ଼ିଛି ମୁଖ୍ୟ ଅଭିଯୁକ୍ତ ସୁରେଶ ବେହେରା। ତାଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ୍। ସୁରେଶ ହେଉଛନ୍ତି ନିଖିଳ ଓଡିଶା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସଂପାଦକ। ରାଜଧାନୀ ଭୁବନେଶ୍ୱରର ପଳାଶପଲ୍ଲୀ ସ୍ଥିତ ଭିନ୍ନକ୍ଷମ ତାଲିମକେନ୍ଦ୍ରରେ ହାଇ ପ୍ରୋଫାଇଲ ସେକ୍ସ ରାକେଟ୍ ଚାଲିଥିବା ନେଇ ଅଭିଯୋଗ ଆସିଥିଲା। ଏହାର ଭିଡିଓ ଭାଇରାଲ୍ ହେବା ପରେ ଖୋଲିଛି କେଲେଙ୍କାରୀର ଗୁମର। ଏଭଳି ଅନୈତିକ ଘଟଣାର ପର୍ଦ୍ଦାଫାଶ କରିଥିଲେ ସେହି ତାଲିମ କେନ୍ଦ୍ରର

▶▶ପୃଷ୍ଠା ୭

# କୃଷି ଆଇନକୁ ବିରୋଧ : ଆସନ୍ତାକାଲି ୩ଘଣ୍ଟା ବନ୍ଦ ରହିବ ଚକଅଖ

ଭୁବନେଶ୍ୱର,୦୫।୦୨ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନ ଆସନ୍ତାକାଲି ୩ଘଣ୍ଟିଆ ଚକାଜାମ ଡାକରା ଦେଇଛି। ସଂଯୁକ୍ତ କିଷାନ ସଂଗଠନର ନିଷ୍ପତ୍ତି ଅନୁସାରେ ଓଡ଼ିଶାରେ ନବନିର୍ମାଣ କୃଷକ ସଂଗଠନ ଦେଇଥିବା ବନ୍ଦ ଡାକରାକୁ ରାଜ୍ୟରେ କଂଗ୍ରେସ ଦୃଢ଼ ସମର୍ଥନ କରିଛି। ନବନିର୍ମାଣ କୃଷକ ସଂଗଠନର ନେତା ଅକ୍ଷୟ କହିଛନ୍ତି ଯେ, ଏହି ୩ଘଣ୍ଟିଆ ପ୍ରତୀକାତ୍ମକ ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ। ଦିନ ୧୨ଟାରୁ ଅପରାହ୍ନ ୩ଟା ଯାଏ ଏହି ଚକଅଖ ଜାମରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆସନ୍ତାକାଲି ଚାଷୀଙ୍କ ବନ୍ଦ ଡାକରାକୁ ସମର୍ଥନ କରି କହିଛନ୍ତି ଯେ, କଂଗ୍ରେସ ପୂର୍ଣ୍ଣ ପ୍ରାଣରେ ଚାଷୀଙ୍କ ବନ୍ଦ ଡାକରାକୁ ସମର୍ଥନ ଦେବ। ୭୦ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ସରକାର ସେମାନଙ୍କ ଦାବି ଶୁଣୁନାହାନ୍ତି। ଆନ୍ଦୋଳନ ସ୍ଥଳରେ ୧୦୦ରୁ ଅଧିକ ଲୋକ ମଲେଣି। ତେଣୁ ବନ୍ଦକୁ କଂଗ୍ରେସ ସମର୍ଥନ କରୁଛି। ତୈଳ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୫ତାରିଖରେ ମଧ୍ୟ କଂଗ୍ରେସ ଓଡ଼ିଶା ବନ୍ଦ ଡାକରା ଦେଇଛି ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଖିଳ ଭାରତୀୟ କିଷାନ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଚାଷୀ ନେତା ସୁରେଶ ପାଣିଗ୍ରାହୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ବ୍ଲକ,ଜିଲ୍ଲାସ୍ତର ସମେତ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ

▶▶ପୃଷ୍ଠା ୭

# ମୁଖ୍ୟ ସଚିବ ଓ ୫-ଟି ସଚିବଙ୍କ ନୃସିଂହନାଥ ହରିଶଙ୍କର ମନ୍ଦିର ପରିଦର୍ଶନର ଗୁପ୍ତ ଏଜେଣ୍ଡା କ'ଣ : ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୫।୨ (ନି.ପ୍ର): ଗତକାଲି ଏକ ତୋଫାନୀ ଗସ୍ତରେ ହେଲିକପ୍ଟର ଯୋଗେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ଗନ୍ଧମାର୍ଦ୍ଦନ ପାହାଡର ଉଭୟ ପାଖରେ ଥିବା ନୃସିଂହନାଥ ଓ ହରିଶଙ୍କର ମନ୍ଦିର ପରିଦର୍ଶନରେ ଆସିଥିଲେ । ଏହି ଗସ୍ତରେ କଣ ଗୁପ୍ତ ଏଜେଣ୍ଡା ରହିଛି ତାହା ରାଜ୍ୟ ସରକାର ରାଜ୍ୟ ସ୍ପଷ୍ଟ କରନ୍ତୁ ବୋଲି ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ଦାବି କରିଛନ୍ତି । ଗତ ୧୧ ବର୍ଷ ତଳେ ଖୋଦ୍ ମୁଖ୍ୟମନ୍ତ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନ କରିବାକୁ ଆସି ଏହି ପର୍ଯ୍ୟଟନ ସ୍ଥଳୀର ସମସ୍ତ ପ୍ରକାରର ବିକାଶ ମୂଳକ କାର୍ଯ୍ୟ କରାଯିବ ବୋଲି ଘୋଷଣା କରି ଯାଇଥିଲେ । ରାଜ୍ୟ ସରକାର ପଶ୍ଚିମ ଓଡିଶାର ଏହି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ନୃସିଂହନାଥ ଓ ହରିଶଙ୍କରର କୌଣସି ପ୍ରକାରର ବିକାଶ କଲେ ନାହିଁ । ଏବେ ୧୧ ବର୍ଷ ପରେ ରାଜ୍ୟ ସରକାର ଏହି ଦୁଇ ପର୍ଯ୍ୟଟନସ୍ଥଳୀକୁ ମନେ ପକାଇଥିବାରୁ ଶ୍ରୀ ପୁରୋହିତ ଏହାକୁ ସ୍ୱାଗତ କରିଛନ୍ତି । ଗନ୍ଧମାର୍ଦ୍ଦନ ପାହାଡର ପ୍ରାକୃତିକ ଶୋଭାରେ ଭରପୂର ଏହି ଦୁଇ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଶ୍ରୀ ପୁରୋହିତ ସ୍ୱାଗତ କରିବା ସହ ଏକଦା ଗୌତମ ବୁଦ୍ଧଙ୍କ ପଟ୍ଟଶିଷ୍ୟ ନାଗାର୍ଜୁନ ଦ୍ୱାରା ଗନ୍ଧମାର୍ଦ୍ଦନ ପାହାଡରେ ପ୍ରତିଷ୍ଠିତ ବୌଦ୍ଧ ବିଶ୍ୱବିଦ୍ୟାଳୟକୁ ଚିହ୍ନଟ ଓ ତାର ସୁରକ୍ଷା, ନୃସିଂହନାଥ ରୁ ହରିଶଙ୍କର ଭିତରେ ଯାତ୍ରୀମାନଙ୍କ ପାଇଁ ରୋପୱେ ନିର୍ମାଣ, ଯାତ୍ରାମାନଙ୍କ ପାଇଁ ରହିବାର ପର୍ଯ୍ୟାପ୍ତ ବ୍ୟବସ୍ଥା, ନୃସିଂହନାଥ ଓ ହରିଶଙ୍କରକୁ କେନ୍ଦ୍ରୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ଏବଂ ସର୍ବୋପରି ଗନ୍ଧମାର୍ଦ୍ଦନ ପାହଡରେ ଉପଲବ୍ଧ ୨୨ ଶହ ପ୍ରକାରର ଦୁର୍ଲଭ ବନୌଷଧିର ସୁରକ୍ଷା ସହ ଏକ ଔଷଧୀୟ ପ୍ରକଳ୍ପ ସ୍ଥାପନା କଲେ ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ହେବା ସହ ସ୍ଥାନୀୟ ଯୁବକମାନଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଯଦି ଏହି ଦୁଇଟି ପର୍ଯ୍ୟଟନ ସ୍ଥଳୀର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଛି ତେବେ ଚଳିତ ବଜେଟ ଅଧିବେଶନରେ ରାଜ୍ୟ ସରକାର ପାଣ୍ଠିର ବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ପୁରୋହିତ ଦାବି କରିଛନ୍ତି । ବେଦାନ୍ତ କଂପାନୀକୁ ବକ୍ସାଇଟ ଯୋଗାଇ ଦେବା ପାଇଁ ଗନ୍ଧମାର୍ଦ୍ଦନକୁ ସଚିବମାନଙ୍କର ଗୁପ୍ତ ଏଜେଣ୍ଡା ଅଛି ତେବେ ରାଜ୍ୟ ସରକାର ଏହାକୁ ପ୍ରକାଶ କରନ୍ତୁ । ଯଦି ଗନ୍ଧମାର୍ଦ୍ଦନରେ ଖଣିଖଣନନ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଅଛି ତେବେ ଏହାକୁ ପଶ୍ଚିମ ଓଡିଶାବାସୀ କେବେ ବି ବରଦାସ୍ତ କରିବେ ନାହିଁ ବୋଲି ଶ୍ରୀ ପୁରୋହିତ ଚେତବାନୀ ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୫।୨ (ନି.ପ୍ର): ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା କାର୍ଯ୍ୟକାରିତା ସଂପର୍କରେ ଏକ ସମୀକ୍ଷା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ୪ଗୋଟି ପ୍ରସ୍ତାବ ଅନୁମୋଦନ କରାଯାଇ ହିତାଧିକାରୀ ମାନଙ୍କୁ ଋଣ ପ୍ରଦାନ ପାଇଁ ବ୍ୟାଙ୍କ ଗୁଡିକୁ ପଠା ଯାଇଥିବା ଜଣା ପଡିଛି । ପ୍ରତ୍ୟେକ ଗାଈ ଫାର୍ମ ପାଇଁ ୧୭ ଲକ୍ଷ ଲେଖାଏଁ ଅନୁମୋଦନ କରାଯାଇ ୪ଟି ଗାଈ ଫାର୍ମ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ସେହିଭଳି ୧୦ ଲକ୍ଷ ଲେଖାଏଁ ପ୍ରତି ଛେଳି ଫାର୍ମ ପାଇଁ ୨ଟି ଛେଳି ଫାର୍ମ , ପ୍ରତ୍ୟେକ ବ୍ରଏଲର ଫାର୍ମ ପାଇଁ ୧୮ ଲକ୍ଷ କରି ୧୨ଟି ବ୍ରଏଲର କୁକୁଡା ଫାର୍ମ, ଗୋଟିଏ ସମନ୍ୱିତ କୃଷି ଫାର୍ମ ପାଇଁ ୩୯ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ହିତାଧିକାରୀ ଚୟନ ତାଲିକା ବ୍ୟାଙ୍କ କୁ ପଠା ଯାଇଥିବା ଜଣା ପଡିଛି । ଏହି ଫାର୍ମ ଦ୍ୱାରା ଜିଲ୍ଲାର ୧୯ଜଣ ଚାଷି ଉପକୃତ ହେବେ । ଆୟୋଜିତ ଏହି ସମୀକ୍ଷା ବୈଠକରେ ସିଡିଭିଓ ପ୍ରସନ୍ନ ପଟ୍ଟନାୟକ, ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର, ଏଲଡିଏମ୍ ମଳୟ କୁମାର ମିତ୍ର, ଅତିରିକ୍ତ ଭିଏସ୍ ଦେବ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ଗୌରବ ମଧୁବାବୁଙ୍କ ତିରୋଧାନ ଦିବସ

କେନ୍ଦ୍ରାପଡ଼ା,୫।୨ (ନି.ପ୍ର): କେନ୍ଦ୍ରାପଡା ଅଦାଲତ ପରିସରରେ ଥିବା ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରି ଆଇନଜୀବି ମାନେ ତିରୋଧାନ ଦିବସ ପାଳନ କରିଛନ୍ତି । ପଗଡି ପୁରୁଷ ମଧୁ ବାରିଷ୍ଟର ନାମରେ ବିଖ୍ୟାତ ଉତ୍କଳ ଗୌରବ ମଧୁସୁଦନଙ୍କ କର୍ମ ଓ ସଂଘର୍ଷମୟ ଜୀବନ, ଆଇନ ସେବା, ମକଦ୍ଦମା ପରିଚାଳନାରେ ବିଚକ୍ଷଣତା ସଂପର୍କରେ ଆଲୋଚନା କରାଯାଇ ତାଙ୍କର ପ୍ରତିଭା ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇ ଥିଲା ।

# ଉଠାଦୋକାନୀଙ୍କୁ ମନ୍ଦିର ପାଖରେ ଥଇଥାନ ପାଇଁ ଦାବି

ପୁରୀ,୫।୨ (ନି.ପ୍ର): ଶ୍ରୀମନ୍ଦିର ୭୫ମିଟର ଚୌହଦି ସୁରକ୍ଷା ଜୋନରୁ ସମସ୍ତ ଉଠାଦୋକାନୀକୁ ଉଠିଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତକାଲି ପରାମର୍ଶ ଦିଆଯାଇଥିଲା । ଆଜି କାକୁଡିଖାଇ ଓ ସିଂହଦ୍ୱାର ଉଠାଦୋକାନୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ । ସେମାନଙ୍କ ଦାବି ଥିଲା ଆମେ ଦୀର୍ଘ ୧ବର୍ଷ ହେଲାଣି ବ୍ୟବସାୟ କରିନପାରି ଘରେ ବସିଥିଲୁ । ଏବେ କରୋନା କଟକଣା ହଟିବା ସହ ଶ୍ରୀମନ୍ଦିର ଖୋଲିବାରୁ ଆମେ ପସରା ପକାଇ ଗୁଜୁରାଣ ମେଂଟାଉଛୁ । ଦୀର୍ଘଦିନ ଧରି ବ୍ୟବସାୟ ବନ୍ଦ ରହିବାରୁ ପରିବାର ଆର୍ଥିକ ଅନାଟନ ସ୍ଥିତିରେ ରହିଛି । ଏଣୁ ଉଠାଦୋକାନୀମାନଙ୍କୁ ମନ୍ଦିର ୭୫ ମିଟର ପରେ ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୋକାନ ଖୋଲିବା ପାଇଁ ପ୍ରଶାସନ ଅନୁମତି ଦେଲେ ସେମାନେ ପରିବାର ପ୍ରତିପୋଷଣ କରିପାରିବେ ବୋଲି ଦାବି କରିଥିଲେ ।

# ପାର୍ଶଲ ଭ୍ୟାନ୍ ଧକ୍କାରେ ଦୁଇ ହାତୀଙ୍କ ଜୀବନ ଗଲା

ରାଉରକେଲା,୫।୨ (ନି.ପ୍ର): ରାଉରକେଲା ନିକଟବର୍ତ୍ତୀ ମହୀପାଣି ନିକଟରେ ଗତରାତିରେ ଏକ ରେଳବାଇ ପାର୍ଶଲ ଭ୍ୟାନ ରେଳ ଲାଇନ ଦେଇ ମହୀପାଣି ଅତିକ୍ରମ କରୁଥିବା ବେଳେ ସେହିଠାରେ ରେଳ ଧାରଣା ପାରି ହେଉଥିବା ହାତୀ ପଲଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ ମାଈ ହାତୀଙ୍କର ଜୀବନ ଯାଇଛି । ରାତି ପ୍ରାୟ ୧ରୁ ୨ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ମହୀପାଣି ଅଂଚଳରେ ନିୟମିତ ରେଳ ଧାରଣା ଅତିକ୍ରମ କରୁଥିବା ହାତୀ ପଲ ଗତକାଲି ରାତିରେ ମୁମ୍ବାଇ-ହାଉଡା ଲାଇନକୁ ଅତିକ୍ରମ କରୁଥିଲେ । ତେବେ ସେହି ଲାଇନରେ ଯାଉଥିବା ଏକ ପାର୍ଶଲ ଭ୍ୟାନ ଏହି ହାତୀପଲଙ୍କୁ ଧକ୍କା ଦେବାରୁ ଗୋଟିଏ ହାତୀ ରେଳ ଧାରଣାରେ ଖଣ୍ଡ ବିଖଣ୍ଡିତ ହୋଇ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଟି ଧାରଣ ବାହାରେ ପଡି ପ୍ରାଣ ହରାଇଛି । ତେବେ ଏହି ଖବର ପାଇ ବନ୍ଧମୁଣ୍ଡା ରେଳବାଇ ଅଧିକାରୀ ମାନେ ସେଠାରେ ପହଁଚି ହାତୀ ମାନଙ୍କ ମୃତଦେହ ଉଦ୍ଧାର ଲାଗି ବ୍ୟବସ୍ଥା କରିଥିବା ବେଳେ ବିଶ୍ରା ରେଞ୍ଜର ଅଧିକାରୀ ମାନେ ସେଠାରେ ପହଁଚିଛନ୍ତି । ଏଭଳି ଦୁର୍ଘଟଣା ଯୋଗୁଁ ସେଠାରେ ରେଳ ଧାରଣରୁ ପାର୍ଶଲ ଭ୍ୟାନ ମଧ୍ୟ ଲାଇନଚ୍ୟୁତ ହୋଇଥିବା ଜଣାପଡିଛି । କେତେବେଳେ ମଣିଷ ହାତୀକୁ ଏହି ଜିଲ୍ଲାରେ ମାରୁଛି ତ ଆଉ କେତେବେଳେ ହାତୀ ମଣିଷକୁ ମାରୁଛି । ପୁଣି ରେଳଧାରଣାରେ ମଧ୍ୟ ଏହି ହାତୀ ମାନଙ୍କର ଅକାରଣରେ ଜୀବନ ଯାଉଛି । ଏହା ପୂର୍ବରୁ ରାଜଗାଙ୍ଗପୁର ଅଂଚଳରେ ମଧ୍ୟ ଏହିଭଳି କିଛି ହାତୀଙ୍କର ଜୀବନ ଯାଇଥିଲା । ଫଳରେ ଜଙ୍ଗଲୀ ହାତୀ ମାନଙ୍କର ସଂଖ୍ୟା ମଧ୍ୟ କମିବାରେ ଲାଗିଛି । ଅନ୍ୟପକ୍ଷରେ ହାତୀ ମାନଙ୍କ ଚଳପ୍ରଚଳ ଅଂଚଳରେ ରେଳ ଚଳାଚଳକୁ ସଠିକ୍ ଧ୍ୟାନ ଦିଆଯାଉନଥିବାରୁ ଏଭଳି ଦୁର୍ଘଟଣା ବଢିବାରେ ଲାଗିଥିବା କୁହାଯାଉଛି ।

## ମାଓ ଭୟରେ ଭିଟାମାଟି ଛାଡିଲେ ୮୫ ପରିବାର

ମାଲକାନଗିରି,୫।୨ (ନି.ପ୍ର): ପୁଣି ମାଓବାଦୀ ଭୟରେ ଭିଟାମାଟି ଛାଡିଲେ ସ୍ୱାଭିମାନ ଅଂଚଳର ୮୫ ପରିବାର । ସେମାନେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ରାଜୁଲକୋଣ୍ଡାରେ ସରକାରୀ ଫଳ ବଗିଚା ନିକଟରେ ଅସ୍ଥାପନ କରୁଛନ୍ତି । ସେମାନଙ୍କ କହିବା ଅନୁସାରେ ସେମାନଙ୍କ ଉପରେ ସର୍ବଦା ମାଓବାଦୀଙ୍କ ଚାପ ଓ ଭୟ ରହୁଛି । ତେଣୁ ବାଧ୍ୟ ହୋଇ ଜୀବନ ବଂଚାଇବା ନିମନ୍ତେ ସମାନେ ଗାଁ ଛାଡି ଆସିଛନ୍ତି । ମାଓବାଦୀ ଭୟରେ ଭିଟାମାଟି ଛାଡିଲେ ସ୍ୱାଭିମାନ ଅଂଚଳର ୮୫ ପରିବାର ବର୍ତମାନ ଭୟର ବଶବର୍ତ୍ତୀ ହୋଇ ଭିଟାମାଟି ଛାଡି ସେମାନେ ଚିତ୍ରକୋଣ୍ଡା ଠାରେ ସରକାରୀ ଜାଗାରେ ରହୁଛନ୍ତି । ଭିଟାମାଟି ଛାଡିଥିବା ୮୫ ପରିବାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଯୋଡ଼ାମ୍ବ, ପନସପୁଟ, ଅଣ୍ଡରାପାଲି ଓ ନାକାମାମୁଡ଼ି ଗ୍ରାମପଂଚାୟତର ଅଧିବାସୀ ଅଟନ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି କୁନିକୁନି ପିଲାମାନେ ମଧ୍ୟ ରହିଛନ୍ତି । ମାଓ ଧମକ ପରେ ସେମାନେ ଭୟଭୀତ ହୋଇ ନିଜ ଜୀବନ ବଂଚାଇବା ପାଇଁ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି ।

## ୟୁକୋ ବ୍ୟାଙ୍କରେ ଅଟୋମେଟିକ ପାସବୁକ ପ୍ରିଣ୍ଟିଂ କିଓସ୍କ ଉଦଘାଟିତ

ଭୁବନ,୫।୨ (ନି.ପ୍ର): ଭୁବନରେ ସ୍ୱଳ୍ପ ଦିନ ମଧ୍ୟରେ ଉନ୍ନତ ମାନର ସେବା ଯୋଗାଇଦେଇ ଗ୍ରାହକଙ୍କ ଆସ୍ଥା ଭାଜନ ହୋଇଥିବା ୟୁକୋ ବ୍ୟାଙ୍କ ତରଫରୁ ଏକ ଅଟୋମେଟିକ ପାସବୁକ ପ୍ରିଣ୍ଟିଂ କିଓସ୍କ ଉଦଘାଟିତ ହୋଇଯାଇଛି । ଆସିଷ୍ଟାଣ୍ଟ ମ୍ୟାନେଜର ରଶ୍ମି ରଂଜନ ମହାନ୍ତି,ହେଡ କ୍ୟାସିଅର ଜ୍ୟୋର୍ତିମୟ ବେହେରା, କର୍ମଚାରୀ ପ୍ରଶାନ୍ତ କୁମାର ସାହୁ ଙ୍କ ଉପସ୍ଥିତିରେ ଶାଖା ପରିଚାଳକ ବିପିନ ବିହାରୀ ହୋତା ପ୍ରିଣ୍ଟିଂ ମେସିନକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

# ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାରିପଦା,୫।୨ (ନି.ପ୍ର): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସଦର ମହକୁମା ବାରିପଦା ପୌରପରିଷଦର ଭଞ୍ଜପୁର ଛକ ନିକଟରେ ନିର୍ମିତ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତି ଆଜି ଲୋକାର୍ପିତ କରାଯାଇଛି । ବିଶିଷ୍ଟ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୋରେନଙ୍କ ୧୦୩ତମ ଜନ୍ମ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଓଡ଼ିଶା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ସ୍ୱର୍ଗତ ସୁନାରାମ ସୋରେନ ସମସ୍ତ ଆଦିବାସୀ ସମ୍ପ୍ରଦାୟର ଉତଥାନ ନିମନ୍ତେ ଯେଉଁ ସମସ୍ତ କାର୍ଯ୍ୟ କରିଯାଇଛନ୍ତି ସେଥି ନିମନ୍ତେ ଆଜିର ଦିବସ ଏକ ସ୍ମରଣୀୟ ଦିବସ ହୋଇ ରହିବ ବୋଲି କହିବା ସହିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆସି ନ ପାରିବାରୁ ତାଙ୍କ ପକ୍ଷରୁ ପ୍ରତିମୂର୍ତି ଅନାବରଣ କାର୍ଯ୍ୟକ୍ରମରେ ଯୋଗ ଦେଇଛି ବୋଲି ପ୍ରକାଶ କରିଥିଲେ । ଏଥି ସହିତ ସ୍ୱର୍ଗତ ସୋରେନଙ୍କ ଅତୀତର ସ୍ମୃତିଚାରଣ କରିଥିଲେ । ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସୁନାରାମ ସୋରେନ ଆଦିବାସୀ ସମ୍ପ୍ରଦାୟ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ପାରିବେ ଏବଂ ସେମାନଙ୍କର ଶିକ୍ଷା କ୍ଷେତ୍ରରେ ହେଉ ଅଥବା ସାମାଜିକ, ସାଂସ୍କୃତିକ ଉତଥାନ ସହିତ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବା ନିମନ୍ତେ ବହୁବିଧ କାର୍ଯ୍ୟ ସମ୍ପାଦନ କରିଯାଇଛନ୍ତି । ଏହି ମହାନ୍ ଆଦିବାସୀ ନେତାଙ୍କ ପ୍ରତିମୂର୍ତି ମୁଖ୍ୟମନ୍ତ୍ରୀ ନବୀନ ସ୍ଥାପନ କରାଇଥିବାରୁ ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଥିଲେ । ଏଥି ସହିତ ସୁନାରାମ ସୋରେନ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ତଥା ସୁନାରାମ ସୋରେନଙ୍କ ପୁତ୍ର ସେଙ୍ଗଇ ସିଂ ଚମ୍ପାଇରମ ସୋରେନ, ପୁତ୍ର ବଧୂ, ଝିଆରୀ ଡ଼ାକ୍ତର ଦୁର୍ଗା ସୋରେନ ପ୍ରମୁଖ ମଂଚାସୀନ ରହିଥିଲେ । ସୂଚନା ଯୋଗ୍ୟ ଯେ, ସ୍ୱର୍ଗତ ସୁନାରାମ ସୋରେନ ୧୯୫୧-୫୨ ସାଧାରଣ ନିର୍ବାଚନରେ ଜିଲ୍ଲାର ପ୍ରଥମ ଆଦିବାସୀ ବିଧାୟକ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହେବା ସାଙ୍ଗକୁ ଆଦିବାସୀ ମଙ୍ଗଳ ବିଭାଗର ମନ୍ତ୍ରୀ ମଧ୍ୟ ରହିଥିଲେ । ଆନ୍ଧ୍ର-ଓଡ଼ିଶା କମିଶନର ସହିତ ବିଧାନ ସଭାରେ ୪ ଥର ପ୍ରତିନିଧିତ୍ୱ କରିଥିଲେ । ଶ୍ରୀ ସୋରେନ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ପ୍ରଥମ କନ୍ୟାଶ୍ରମ ପ୍ରତିଷ୍ଠା କରିଥିଲେ । ଏଥି ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଶ୍ରମ ବିଦ୍ୟାଳୟ ମଧ୍ୟ ସ୍ଥାପନ କରିଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଜିଲ୍ଲାର ସଦର ମହକୁମା ବାରିପଦା ପୌରପରିଷଦର ଭଞ୍ଜପୁର ଛକ ନିକଟରେ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତିକୁ ସ୍ଥାପନ କରାଯିବା ପରେ ଆଜି ତାଙ୍କର ୧୦୩ତମ ଜନ୍ମ ଜୟନ୍ତୀ ଅବସରରେ ଉନ୍ମୋଚନ କରାଯାଇଛି ।

## ମଙ୍ଗରାଜପୁର ପଂଚାୟତରେ ରାମ ମନ୍ଦିର ନିମନ୍ତେ ନିଧି ସଂଗ୍ରହ

ଧର୍ମଶାଳା,୪ଫେବୃଆରୀ(ହି.ସ.) - ଭାବ୍ୟ ରାମମନ୍ଦିର ନିର୍ମାଣ ନିମନ୍ତେ ରାଜ୍ୟ ବ୍ୟାପି ନିଧି ସଂଗ୍ରହ କରାଯାଉଛି । ଏହି କ୍ରମେ ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତରେ ରାମ ମନ୍ଦିର ନିର୍ମାଣ ସକାଶେ ନିଧି ସଂଗ୍ରହ କରାଯାଇଛି । ଏହି ପଂଚାୟତସ୍ଥ ମହାବୀରଛକଠାରେ ଗଗନ ବିହାରୀ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା । ଅନିରୁଦ୍ଧ ପଣ୍ଡା,ବୁଲବୁଲ ନାୟକ,ଉତ୍କଳ ସାହୁ, ରାଜେଶ ତ୍ରିପାଠୀ, ଅହିଂଶୁ ନାୟକ, ଗଙ୍ଗାଧର ଦାସ, ଅଶ୍ୱୀନି ମଲ୍ଲିକ, ଅଭୟ ମଲ୍ଲିକ, ମାନସ ମଲ୍ଲିକ, ସଂଜୟ ଶତପଥୀ, ସୂର୍ଯ୍ୟମଣୀ ପଣ୍ଡା, ଆଶୁତୋଷ ବାରିକ, ଅରୁଣ ପାଣିଗ୍ରାହୀ, ଦିଲିପ ଖୁଂଟିଆ, ବିଚିତ୍ର ମଲିକ ଓ ପ୍ରଭାକର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# କନ୍ଧମାଳ କଂଗ୍ରେସର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଚୟନ ଓ ସାମ୍ବାଦିକ ସମ୍ମିଳନୀ

କନ୍ଧମାଳ,୫।୨ (ନି.ପ୍ର): ଫୁଲବାଣୀ ପ୍ରେସ୍ କ୍ଲବ ଠାରେ କନ୍ଧମାଳ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଂଗ୍ରେସର ସମସ୍ତ ନେତା ଏକ ବୋଲି ପ୍ରକାଶ କରାଯିବା ସହିତ ଆଗାମି ପଂଚାୟତ ନିର୍ବାଚନରେ କଂଗ୍ରେସ ତାହାର ସମସ୍ତ ପ୍ରକାର ଉଦ୍ୟମ ବିଜୟ ହେବ ବୋଲି ନେତାମାନେ ମତ ଦେଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଦଳୀୟ ବୈଠକରେ ଫୁଲବାଣୀ ପୌରାଂଚଳର ସମେତ କନ୍ଧମାଳ ଜିଲ୍ଲାର ଦୁଇଟି ବିଜ୍ଞାପିତ ଅଂଚଳ ପରିଷଦ ଏବଂ ୧୨ ଟି ବ୍ଲକର ସମସ୍ତ କର୍ମକର୍ତା ମାନଙ୍କ ନାମ ଘୋଷଣା କରାଯାଇଛି । ଏଥିରେ କଂଗ୍ରେସ ଦଳର ଜିଲ୍ଲା ପ୍ରଭାରୀ ବିସ୍ମୟ ମହାପାତ୍ରଙ୍କ ସମେତ ପୂର୍ବତନ ଫୁଲବାଣୀ ବିଧାୟକ ଅଭିମନ୍ୟୁ ବେହେରା,ଭାରତୀୟ ଜାତୀୟ ମଜଦୁର କଂଗ୍ରେସ କନ୍ଧମାଳ ସଭାପତି ଘନ କୁମାର ଶବର,ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ,ହୀରାମଣି ସିଂ ମଣ୍ଡଳ ଓ ରୁଦା ମଲ୍ଲିକଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ନେତୃ ବୃନ୍ଦ ଯୋଗ ଦେଇଥିଲେ । ଏହି ବୈଠକରେ ଜିଲା ସଭାପତି ଅନାମ ନାୟକ ଜିଲ୍ଲାର ନସ୍ୱଛନ କର୍ମକର୍ତାଙ୍କ ନାମ ଘୋଷଣା କରିଥିଲେ । ଘୋଷଣା ଅନୁସାରେ କନ୍ଧମାଳ ଜିଲା କୋଟଗଡ଼ ବ୍ଲକ କଂଗ୍ରେସ ସଭାପତି ଭାବେ ସରୋଜ ବେହେରାମାଝୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ତୁମୁଡ଼ିବନ୍ଧ ବ୍ଲକ ସଭାପତି ଭାବେ ପ୍ରମୋଦ କୁମାର ମାନସେଠ୍ , ବାଲିଗୁଡ଼ା ବ୍ଲକ ସଭାପତି ଭାବେ ଆଇବର ନାୟକ , କ.ନୂଆଗାଁ ବ୍ଲକ ସଭାପତି ଭାବେ ଜିତେନ୍ଦ୍ର ଦିଗାଲ ,ଫିରିଙ୍ଗିଆ ବ୍ଲକ ସଭାପତି ଭାବେ ତିଲେଶ୍ୱର କହଁର , ଫୁଲବାଣୀ ବ୍ଲକ ସଭାପତି ଭାବେ ଶ୍ରୀମତି କୁନି ମଲିକ ,ଖଜୁରିପଡ଼ା ବ୍ଲକ ସଭାପତି ଭାବେ ଶ୍ରୀମତି ଦୟମନ୍ତି ଜାନି , ଚକାପାଦ ବ୍ଲକ ସଭାପତି ଭାବେ ହରିଶ ଚନ୍ଦ୍ର କହଁର ,ଦାରିଙ୍ଗବାଡ଼ି ବ୍ଲକ ସଭାପତି ଭାବେ ପ୍ରଦୀପ ନାୟକ ,ରାଇକିଆ ବ୍ଲକ ସଭାପତି ଭାବେ ପିତବାସ ପ୍ରଧାନ ,ଟିକାବାଲି ବ୍ଲକ ସଭାପତି ଭାବେ ଗୋକୁଳ ପ୍ରଧାନ ଓ ଫୁଲବାଣୀ ନଗର ସଭାପତି ଭାବେ ଶିବ ଶଙ୍କର ବେହେରା , ବାଲିଗୁଡ଼ା ଏନ୍ଏସି ସଭାପତି ଭାବେ ସପ୍ନେଶ୍ୱର ସାହୁ ଓ ଜି.ଉଦୟଗିରି ଏନ୍ଏସି ସଭାପତି ଭାବେ ଏନ୍.ରାଜାରାଓଙ୍କ ନାମ ଘୋଷଣା କରିଥିଲେ । ସେହିଭଳି ଜିଲା ଉପସଭାପତି ଭାବେ ମାର୍ଟିନା ବଳିଆରସିଂ ଓ ସୁନିଲ୍ କୁମାର ଭୋଇ ଏବଂ ସାଧାରଣ ସଂପାଦକ ଭାବେ ଦୁର୍ଯ୍ୟୋଧନ ପଟନାୟକ ଓ ରାମକୃଷ୍ଣ ପାଢ଼ି ଓ କାର୍ଯ୍ୟାଳୟ ସଂପାଦକ ଭାବେ ବିଜୟ କୁମାର ମହାନ୍ତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ସଂପାଦକ ଭାବେ ଧର୍ମେନ୍ଦ୍ର ପ୍ରଧାନ , ମନୋଜ ଦିଗାଲ ,ଜିନେଶ୍ ପ୍ରଧାନ ,ଜେନାମଣି ମଲିକ ଏବଂ କୋଷାଧକ୍ଷ ଭାବେ ପ୍ରେମଚାନ୍ଦ ତ୍ରିପାଠୀଙ୍କ ନାମ ଘୋଷଣା କରିବା ସହିତ କାର୍ଯ୍ୟକାରି ସଭ୍ୟଭାବେ ୨୬ ଜଣଙ୍କ ନାମ ଘୋଷଣା କରିଛନ୍ତି । ପରେ ସେଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଏହି କର୍ମକର୍ତା ମାନଙ୍କର ନାମ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି ।

# ମଙ୍ଗରାଜପୁର ପଂଚାୟତରେ ଜବରଦଖଲ ଉଚ୍ଛେଦ ନିମନ୍ତେ ବ୍ଲକ ପ୍ରଶାସନର ଚେତାବନୀ

ଧର୍ମଶାଳା,୫।୨ (ନି.ପ୍ର): ଦିନକୁ ଦିନ ଛକ ବଜାରରେ ଜବର ଦଖଲ ହେବାରେ ଲାଗିଛି । ବହୁ ସମୟରେ ଯାତାୟତ ନିମନ୍ତେ ଲୋକେ ନାନା ଅସୁବିଧାରେ ସମ୍ମୁଖୀନ ହୋଇ ଦୁର୍ଘଟଣାର ଶୀକାର ହେଉଛନ୍ତି । ଏବଂ ବହୁ ସମୟରେ ଏହାକୁ ପ୍ରତିବାଦ କଲେ ନାନା ଧମକ ଚମକ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ କିଛି ମାଫିଆ ସରକାରୀ ଜମି ଓ ଗୃହକୁ ନିଜ ନିଜ ଅକ୍ତିଆରକୁ ନେଉଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତସ୍ଥ ମଙ୍ଗରାଜପୁରପୁର ମହାବୀର ଛକରେ କିଛି ମୃଷ୍ଟିମେୟ ବ୍ୟକ୍ତି ସରକାରୀ ଜମିକୁ ନିଜ ଅକ୍ତିଆରରେ ନେଇ ବ୍ୟବସାୟ ପ୍ରତିଷ୍ଠାନ ଖୋଲି ବ୍ୟବସାୟା ଚଳାଉଥିବା ବେଳେ ଅନେକ ବ୍ୟକ୍ତି ସରକାରୀ ଘରକୁ ମଧ୍ୟ ନିଜ କବ୍ଜାରେ ନେଇଛନ୍ତି । ଯାହାକୁ ନେଇ ଆଜି ରସୁଲପୁର ବ୍ଲକ ପ୍ରସନ ପକ୍ଷରୁ ଜବର ଦଖଲକାରୀଙ୍କୁ ସପ୍ତାହ ଭିତରେ ଖାଲି କରିବାକୁ ତାଗିଦ କରିଛନ୍ତି । ଅନ୍ୟ ପକ୍ଷେ କିଛି ମୁଷ୍ଟିମେୟ ବ୍ୟକ୍ତି ମଙ୍ଗରାଜପୁର ପଂଚାୟତସ୍ଥ ମଙ୍ଗରାଜପୁର ଏଏନ୍ଏମ ସବ୍ ସେଂଟର ଓ ଅର୍ଥଙ୍ଗା ପଂଚାୟତସ୍ଥ ବିରଭାନୁପୁରସ୍ଥିତ ଏନ୍ଏମ୍ ସବ ସେଂଟର ଗୃହକୁ ଅକ୍ତିଆର କରି ନିଜ ପରିବାର ବସବାସ କରୁଥିବା ଦେଖିବାକୁ ମିଳିଛି । ଏହି ଦୁଇଟି ସେଂଟରକୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ,ବିଡିଓ ଉମାକାନ୍ତ ପରିଡା ଓ ଧବୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ବିଶ୍ୱରଂଜନ କର ପ୍ରମୁଖ ଘଟଣାସ୍ଥଳରେ ପଂହଚି ସପ୍ତାହ ମଧ୍ୟରେ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଘର ଖାଲି ନ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍କୁଲ ଓ କଲେଜ ମାନଙ୍କରେ ଏଫ୍.ଆର୍.ପି କାର୍ଯ୍ୟକ୍ରମ

କନ୍ଧମାଳ,୫।୨ (ନି.ପ୍ର): ଜିଗିତ୍ସା ହେଲଥ୍ କେୟାର ସଂସ୍ଥା ପକ୍ଷରୁ ଜିଲାର ବିଭିନ୍ନ ସ୍କୁଲ ଓ କଲେଜ ମାନଙ୍କରେ ଏଫ୍.ଆର୍.ପି (ପ୍ରାଥମିକ ଚିକିତ୍ସା କାର୍ଯ୍ୟକ୍ରମ) ଆରମ୍ଭ ହୋଇଛି । ଏଥିରେ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ଜରୁରି ସମୟରେ କିଭଳି ଭାବେ ଆଶୁ ଚିକିତ୍ସା କରାଯାଇ ପାରିବ ସେ ନେଇ ସଚେତନ କରାଯାଉଛି । ସାଧାରଣ ଜନତା ଯେଭଳି ଭାବେ ଯେ କୌଣସି ଘଟଣା , ଦୁର୍ଘଟଣା ହେଲେ ତାହାର ଆଶୁ ଚିକିତ୍ସା କରିପାରିବେ ସେନେଇ ମଧ୍ୟ ସଚେତନ କରାଯାଉଛି । ଜିଲା ପରିଚାଳକ ସୁନିଲ୍ କୁମାର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲାରେ କାର୍ଯ୍ୟରତ ୧୦୨ ଓ ୧୦୮ ଆମ୍ବୁଲାନ୍ସର କର୍ମଚାରୀ ମାନେ ଏହି ତାଲିମ୍ ପ୍ରଦାନ କରୁଛନ୍ତି ।

# ଜିଲ୍ଲା ଅଧିବକ୍ତା ପରିଷଦ ପକ୍ଷରୁ ପରିବାର ସ୍ୱାସ୍ଥ୍ୟ ବୀମା ଲାଗୁ କରିବାକୁ ଦାବି

କେନ୍ଦ୍ରାପଡ଼ା,୫।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅଧିବକ୍ତା ପରିଷଦ ପକ୍ଷରୁ ଆଇନଜୀବି ମାନଙ୍କ ପରିବାର ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଗୁରୁବାର ଶତାଧିକ ଅଧିବକ୍ତା ପରିଷଦର ସଦସ୍ୟ କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ୨୦୧୮ ମସିହା ଡିସେମ୍ବର ୨୪ ରୁ ୨୬ ତାରିଖରେ ଲକ୍ଷ୍ନୌ ଠାରେ ଅନୁଷ୍ଠିତ ଅଖିଳ ଭାରତ ଅଧିବକ୍ତା ପରିଷଦ ର ଜାତୀୟ ସମ୍ମିଳନୀରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଥିଲା । କେନ୍ଦ୍ର ସରକାର ପ୍ରତି ପଞ୍ଜିକୃତ ଆଇନଜୀବି ପରିବାର କୁ ଚିକିତ୍ସା ସହାୟତା ପାଇଁ ପରିବାର ର ସ୍ୱାସ୍ଥ୍ୟବୀମା ଲାଗୁ କରିବାକୁ ଦାବି ଅନୁମୋଦିତ ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ସଂପାଦକ ସମର କେଶରୀ ମହାପାତ୍ର, ରମଣୀ ରଞ୍ଜନ ରାଉତରାୟ, ସେକ ଅଜିମୁଦ୍ଦିନ୍, ନେହେରୁ କୁମାର ସାହୁ, ସେକ ମତିଓଲା ବକ୍ସ, ଲକ୍ଷ୍ମଣ କୁମାର ସାହୁ, ପ୍ରଶାନ୍ତ କୁମାର ଜେନା, ଭବାନୀ ଶଙ୍କର ବାରିକ, ଶାନ୍ତି ସ୍ୱରୂପ ଭୂୟାଁ, ଗଗନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଂଶପାଣି- ଦୈତାରୀ ଟମକା- ଜଖପୁରା ରେଳ ଲାଇନ ପାଇଁ ୨୨୮ କୋଟି ଟଙ୍କାର ବ୍ୟୟବରାଦ

ଭୁବନେଶ୍ୱର ,୫।୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୧-୨୨ର ରେଳ ବଜେଟରେ ଓଡ଼ିଶା ଲାଗି ୬୯୯୫.୫୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ନେଇ ସୂଚନା ଦିଆ ଯାଇଛି । ଏଥି ମଧ୍ୟରେ ପୂର୍ବତଟ ରେଳବାଇ ଅଧୀନରେ ବିଭିନ୍ନ ପ୍ରକଳ୍ପ ପାଇଁ ୬୦୭୪.୫୮ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଥିବା ବେଳେ ଦକ୍ଷିଣ ପୂର୍ବ ରେଳପଥ ଓ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଅଧୀନରେ ଓଡିଶା ରାଜ୍ୟରେ ଆସୁଥିବା ବିଭିନ୍ନ ପ୍ରକଳ୍ପ ପାଇଁ ୯୨୧ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ଯାତ୍ରୀ ସୁବିଧା, ସଡକ ନିରାପତା କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟବରାଦ କରା ଯାଇଛି । ନୂଆ ଲାଇନ ପାଇଁ ୧୫୫୩ କୋଟି, ଲାଇନ ଦୋହରୀକରଣ ପାଇଁ ୧୭୦୨ କୋଟି, ଟ୍ରାଫିକ ସୁବିଧା ପାଇଁ ୧୭.୧୫ କୋଟି, କଂପ୍ୟୁଟରୀକରଣ ପାଇଁ ୩.୪୭ କୋଟି, ଲେଭେଲ କ୍ରସିଂ ପାଇଁ ୧୮.୮୧ କୋଟି , ଲିଜ ଚାର୍ଜେସ ପାଇଁ ୬୫୧.୪୮ କୋଟି, ଟ୍ରାକ ରିନୁଆଲ ପାଇଁ ୪୦୨.୪୮ କୋଟି. ବ୍ରିଜ କାମ ପାଇଁ ୩୮.୫୦ କୋଟି, ସିଗ୍ନାଲ ଓ ଟେଲିକମ କାମ ପାଇଁ ୬୯.୧୪ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ସେହିପରି ଇଲେକ୍ଟ୍ରିକରଣ ପାଇଁ ୧୭୩ କୋଟି ପାସେଂଜର ସୁବିଧା ପାଇଁ ୩୦୦.୧୮ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଥିବା ନେଇ ସୂଚନା ଦିଆ ଯାଇଛି । ପୂର୍ବ ତଟ ରେଳବାଇ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ନୂଆ ବଜେଟରେ ୨୮୯ କିମି ଖୋର୍ଦ୍ଧା ରୋଡ- ବଲାଙ୍ଗୀର ରେଳ ଲାଇନ ପାଇଁ ୧୦୦୦.୫୦ କୋଟି ଟଙ୍କା ବ୍ୟୟବରାଦ କରା ଯାଇଛି । ଗତ ବର୍ଷ ଏହି ପ୍ରକଳ୍ପ ପାଇଁ ୫୨୦ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା । ତେଣୁ ଏହି ବଜେଟରେ ୯୨ .୪ ପ୍ରତିଶତ ଅଧିକ ବ୍ୟୟବରାଦ କରା ଯାଇଛି । ସେହିପରି ବାଂଶପାଣି- ଦୈତାରୀ ଟମକା- ଜଖପୁରା ରେଳ ଲାଇନ ପାଇଁ ଆଗାମୀ ବଜେଟରେ ୨୨୮ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ଗତ ବଜେଟରେ ଏହି ପ୍ରକଳ୍ପ ପାଇଁ ୮୦ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଥିଲା । ତେଣୁ ଏହି ବଜେଟରେ ୧୮୫ ପ୍ରତିଶତ ଅଧିକ ବ୍ୟୟବରାଦ କରା ଯାଇଛି ।ଭଦ୍ରକ ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ଗତ ବଜେଟରେ ୧୦୨ କୋଟି ଟଙ୍କା ବ୍ୟୟବରାଦ କରା ଯାଇଥିବା ବେଳେ ଆଗାମୀ ବଜେଟରେ ୨୨୯ କୋଟି ଟଙ୍କା ବ୍ୟୟବରାଦ କରା ଯାଇଛି । ୯୮.୭ କିମି ଅନୁଗୁଳ-ସୁକିନ୍ଦା ରୋଡ୍ ଲାଇନ ପାଇଁ ୪୦୦ କୋଟି ଟଙ୍କା ବ୍ୟୟବରାଦ କରା ଯାଇଛି । ୮୨ କିମି ହରିଦାସପୁର-ପାରାଦୀପ ରେଳ ଲାଇନ ପାଇଁ ୧୦୦ କୋଟି ଟଙ୍କା ଦିଆଯାଇଛି । ସମ୍ବଲପୁର-ତାଳଚେରର ୧୭୪.୧୧ କିମି ରେଳ ଲାଇନ ଦୋହରୀକରଣ ପାଇଁ ୧୭୩.୮୨ କୋଟି ଟଙ୍କା ଦିଆଯାଇଛି । ସମ୍ବଲପୁର – ଟିଟିଲାଗଡ ୧୮୨.୧୧ କିମି ରେଳ ଲାଇନର ଦୋହରୀକରଣ ପାଇଁ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଟିଟିଲାଗଡରୁ ବିଜୟନଗରମ୍ ୨୬୪.୬ କିମି ତୃତୀୟ ଲାଇନ ପାଇଁ ୩୦୦ କୋଟି ଟଙ୍କା ବ୍ୟୟବରାଦ କରା ଯାଇଛି । ରାଉରକେଲାରୁ ଝାରସୁଗୁଡା ତୃତୀୟ ଲାଇନ ପାଇଁ ୨୩୦ କୋଟି ଟଙ୍କା ବ୍ୟୟବରାଦ କରା ଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନୂଆ ଲାଇନର କାର୍ଯ୍ୟ ପାଇଁ ୧୫୫୩.୬୦ କୋଟି ଟଙ୍କା ବ୍ୟୟବରାଦ କରା ଯାଇଛି ଦିଆଯାଇଛି ।

## ଥକ୍କାପଣକୁ ବାଏ

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଥକା ଲାଗିବା ସ୍ୱାଭାବିକ । ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ କିଛି ଲୋକ ଶରୀରର ଯତ୍ନ ନେବା ପାଇଁ ଭୁଲି ଯାଇଥାନ୍ତି ଯାହା ଫଳରେ ସେମାନେ ବହୁ ସମସ୍ୟାର ଶିକାର ହୋଇଥାନ୍ତି । ସେଥିପାଇଁ ଅଳ୍ପ କାମ କରି ମଧ୍ୟ ଥକା ଲାଗିଥାଏ । ଆସନ୍ତୁ ଜାଣିବା କିପରି ଥକାପଣ ଦୂର କରିହେବ ।





**ପ୍ରଚୁର ପାଣି ପିଅନ୍ତୁ:** ପାଣି ଶରୀର ପାଇଁ ଖୁବ୍ ଆବଶ୍ୟକ । କମ ପାଣି ପିଇବା ଦ୍ୱାରା ଶକ୍ତି ହ୍ରାସ ପାଇଥାଏ ଯାହାଫଳରେ ଆମକୁ ଥକା ଲାଗିଥାଏ । ତେଣୁ ପ୍ରତିଦିନ ୭-୮ ଗ୍ଲାସ ପାଣି ନିଶ୍ଚିତ ପିଇବା ଆବଶ୍ୟକ ।

**ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ:** ଆଜିକାଲି ସମସ୍ତେ ପୁଷ୍ଟିକର ଖାଦ୍ୟ ଖାଇବା ପରିବର୍ତ୍ତେ ଜଙ୍କଫୁଡ୍ ଅଧିକ ଖାଉଛନ୍ତି ଏହା ଆମ ଶରୀରକୁ କ୍ଷତି ପହଁଚାଇଥାଏ । ତେଣୁ ସବୁଜ ପନିପରିବା ଖାବା ଦ୍ୱାରା ଆମ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ ମିଳିବା ସହ ଶରୀରକୁ ଉପଯୁକ୍ତ ଶକ୍ତି ମିଳିଥାଏ । ତେଣୁ ଆମକୁ ଥକା ଲାଗିନଥାଏ ।



**ବୟାମ:** ପ୍ରତିଦିନ ୪୦ରୁ ୪୫ମିନିଟ ବାୟାମ କରିବା ଦ୍ୱାରା ଏହା ଶରୀରକୁ ସୁସ୍ଥ ରଖିବା ସହ ଉପଯୁକ୍ତ ଶକ୍ତି ଯୋଗଇଥାଏ ଯାହା ଫଳରେ ଥକା ଲାଗିନଥାଏ ।



**ଶୋଇବା:** କିଛି ଲୋକ ରାତିରେ ବିଳମ୍ବରେ ଶୋଇ ସକାଳୁ ଡେରିରେ ଉଠିଥାନ୍ତି ଯାହାଦ୍ୱାରା ଦିନଯାଇ ଥକା ଲାଗିଥାଏ । ତେଣୁ ପ୍ରତିଦିନ ୭-୮ ଘଣ୍ଟା ଶୁଅନ୍ତୁ ଏବଂ ରାତିରେ ଶୀଘ୍ର ଶୋଇ ସକାଳୁ ଶୀଘ୍ର ଉଠନ୍ତୁ । ଏହାଦ୍ୱାରା ଶରୀର ଏବଂ ମନ ସୁସ୍ଥ ରହିବା ସହ ଥକା ଅନୁଭବ ହୋଇନଥାଏ ।

## ସେଓ ଖାଇବାର ୧ ଘଂଟା ମଧ୍ୟରେ କରନ୍ତୁ ନାହିଁ ଏହି ସବୁ କାମ

ପ୍ରତିଦିନ ସକାଳେ ଗୋଟିଏ ସେଓ ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ଶରୀର ରୋଗମୁକ୍ତ ହେବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ । କିନ୍ତୁ ଯଦି ଆପଣ ଏହାକୁ ଭୁଲ ସମୟରେ ଖାଉଛନ୍ତି ବା ଭୁଲ ଜିନିଷ ସହ ଖାଉଛନ୍ତି ତେବେ ଶରୀର ଉପରେ ଏହାର ଭଲ ପ୍ରଭାବ ପଡ଼ିବା ଅପେକ୍ଷା ଖରାପ ପ୍ରଭାବ ପଡ଼ିଥାଏ । ଆଜି ଆମେ ଆପଣଙ୍କୁ ଜଣାଇବୁ ସେଓ ଖାଇବାର ତୁରନ୍ତ ପରେ କେଉଁ ସବୁ ଜିନିଷ ଖାଇବା ଅନୁଚିତ ।

- ସେଓ ଖାଇବା ପରେ ଭୁଲରେ ମଧ୍ୟ ପାଣି ପିଅନ୍ତୁ ନାହିଁ । ଅତି କମରେ ସେଓ ଖାଇବାର ଏକ ଘଣ୍ଟା ପରେ ପାଣି ପିଇବା ପାଇଁ ଚେଷ୍ଟା କରନ୍ତୁ । ଏପରି ନ କରିବା ଦ୍ୱାରା କଫ ସମସ୍ୟା ଦେଖା ଯାଇଥାଏ ।
- କିଛି ଲୋକ ସେଓ ଖାଇବା ପରେ ଖଟା ଜାତୀୟ ଖାଦ୍ୟ ଖାଇଥାନ୍ତି । ସେଓ ଖାଇବା ପରେ ଆଚାର ବା ଅନ୍ୟ ଖଟାଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ସୃଷ୍ଟି ହୋଇଥାଏ ।
- ସେଓ ଖାଇବାର ତୁରନ୍ତ ପରେ ମୂଳା ଖାଆନ୍ତୁ ନାହିଁ । ଏପରି କଲେ ଶରୀରରେ ଧଳା ରଙ୍ଗର ଦାଗ ଦେଖା ଯାଇଥାଏ।



## ଗୁଡ ଖାଇଲେ ମିଳେ ଏସବୁ ଲାଭ

♦ ଚିନି ଅପେକ୍ଷା ଗୁଡ ଶରୀର ପାଇଁ ଅଧିକ ହିତକର ବୋଲି ଡାକ୍ତରମାନେ କହନ୍ତି । ଗୁଡ ସ୍ୱାଦିଷ୍ଟ ହେବା ସହିତ ଶରୀର ପାଇଁ ମଧ୍ୟ ହିତକର। କୁହାଯାଏ ନିୟମିତ ଗୁଡ ସେବନ କଲେ ଅନେକ ପ୍ରକାର ରୋଗରୁ ରକ୍ଷା ମିଳିଥାଏ। ତେବେ ଜାଣନ୍ତୁ ଗୁଡ ଖାଇବା ଦ୍ୱାରା ଶରୀରକୁ କଣ ଲାଭ ମିଳିଥାଏ । ଗୁଡ ନିୟମିତ ଖାଇବା ଦ୍ୱାରା ହାଡ ଶକ୍ତ ରହିଥାଏ ।

♦ ଗୁଡ଼ରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଓ ଫସ୍‌ଫରସ୍ ରହିଛି। ଯାହାକି ହାଡ଼ ଶକ୍ତ କରିବାରେ ସହାୟତା କରେ। ସେହିପରି ଗୁଡରେ ପ୍ରଚୁର ଲୌହ ରହିଥାଏ । ଯଦି ଆପଣଙ୍କ ହିମୋଗ୍ଲୋବିନ୍



କମ୍ ରହିଛି, ତେବେ ପ୍ରତ୍ୟେକ ଦିନ ଗୁଡ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଲାଭ ମିଳିବ। ତେଣୁ ଗର୍ଭବତୀ ମହିଳାଙ୍କୁ ଗୁଡ ଖାଇବା ଲାଗି ଡାକ୍ତର ପରାମର୍ଶ ଦିଅନ୍ତି।

♦ ରକ୍ତହୀନତା ରୋଗୀଙ୍କ ପାଇଁ ଗୁଡ଼ ବହୁତ ଲାଭଦାୟକ। ଯଦି ଆପଣଙ୍କର କୋଷ୍ଠକାଠିନ୍ୟ, ଗ୍ୟାସ୍ ଓ ଅମ୍ଳ ସମସ୍ୟା ରହିଛି ତେବେ ଗୁଡ ଖାଇବା ଭଲ। ସେହିପରି ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ରହିଛି ତେବେ ଗୁଡ ଖାଇବା ଦ୍ୱାରା ଏହାର ନିରାକରଣ ହୋଇପାରିଥାଏ ।

## ତୈଳାକ୍ତ ତ୍ୱଚା ଏବଂ ମୁଖ କୁଞ୍ଚନରୁ ଦୂରେଇ ରଖିବ ଧନିଆପତ୍ର

ପ୍ରତିଦିନର ଖାଦ୍ୟରେ ବ୍ୟବହାର ହେଉଥିବା ଧନିଆ ପତ୍ରର ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହିତକାରକ । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟସ୍ , ବିଟା କେରୋଟିନ୍ , ଭିଟାମିନ୍ ସି ଏବଂ ଫୋଲେଟତ୍ତ୍ୱର ପାଇଁ ରାମବାଣ ପରି କାମ କରିଥାଏ । ଧନିଆ ପତ୍ରରେ ଆଣ୍ଟି-ଫଙ୍ଗଲ୍ ତତ୍ତ୍ୱ ଥାଏ ଯାହା ସ୍କିନ୍ ଇନଫେକ୍ସନ୍ ହେବାରୁ ବଂଚାଇଥାଏ । ଏତଦ୍ ବ୍ୟତୀତ ବଢୁଥିବା ବୟସର ପ୍ରଭାବକୁ ବି ଦୂର କରିବା ପାଇଁ ଏହା ଖୁବ୍ ସାହାଯ୍ୟ କରିଥାଏ । ତୈଳାକ୍ତ ତ୍ୱଚା ପାଇଁ ଧନିଆ ପତ୍ର ଖୁବ୍ ଲାଭକାରୀ ହୋଇଥାଏ । ଏହା ତ୍ୱଚାରୁ ଅତିରିକ୍ତ ତୈଳକୁ ଶୁଖାଇ ଦେଇଥାଏ । ଏହି କାରଣରୁ ଚେହେରାରେ ଦାଗ , କୁଞ୍ଚନ ମଧ୍ୟ ପଡିନଥାଏ । ଧନିଆରୁ ପ୍ରସ୍ତୁତ ଫେସପ୍ୟାକ୍ ତ୍ୱଚା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଚେହେରାକୁ ଉଜ୍ଜଳ ଏବଂ ଅଏଲ୍ ଫ୍ରି କରିବା ପାଇଁ ଧନିଆରେ ପତ୍ରକୁ ବାଟି ଏଥିରେ ଘିକୁଆଁରୀ ରସ ଏବଂ ଲେମ୍ବୁ ଭଲ ଭାବେ ମିଳାଇ ଦିଅନ୍ତୁ । ଏବେ ଏହି ମିଶ୍ରଣକୁ ଭଲ ଭାବେ ଚେହେରାରେ ଲଗାଇ ଦିଅନ୍ତୁ । ଏହି ମିଶ୍ରଣକୁ ଅଧଘଣ୍ଟା ପର୍ଯ୍ୟନ୍ତ ଶୁଖିବା ପାଇଁ ଛାଡିଦିଅନ୍ତୁ । ପରେ ଥଣ୍ଡା ପାଣିରେ ମୁହଁ ଧୋଇନିଅନ୍ତୁ । ଏହି ପ୍ୟାକ୍ ରେ ମୁଖକୁଞ୍ଚନ



ପଡିନଥାଏ । ଧନିଆକୁ ଚାଉଳ ଗୁଣ୍ଡ ସହ ମିଶାଇ ଲଗାଇଲେ ମଧ୍ୟ ଫାଇଦା ମିଳିଥାଏ । ଏହା ତ୍ୱଚା ପାଇଁ ଏକ୍ସଫୋଲିଏଟର୍ ଭଳି କାମ କରିଥାଏ । ୧ କପ୍ ଧନିଆ ପତ୍ର ବାଟି ଏଥିରେ ୨ ଚାମଚ ଚାଉଳ ଗୁଣ୍ଡ ଏବଂ ଗୋଟିଏ ଲେମ୍ବୁ ମିଶାନ୍ତୁ ଏବଂ ଚେହେରାରେ ଲଗାଇ ଶୁଖିଲା ପରେ ଧୋଇ ନିଅନ୍ତୁ ।

## ଏହି ସବୁ ପାନୀୟ ପିଇବା ଦ୍ୱାରା କମ୍ ହୋଇଯିବ ଓଜନ



ମୋଟାପଣ ଅନେକଗୁଡ଼ିଏ ରୋଗର କାରଣ। ଆପଣ ଏକଥା ନିଶ୍ଚୟ ଜାଣିଥିବେ ଯେ ପତଳା ଲୋକଙ୍କ ତୁଳନାରେ ମୋଟା ଲୋକ ଅପେକ୍ଷାକୃତ ଅସୁସ୍ଥ। ତେବେ, କହିବା ଯେତେ ସହଜ ବ୍ୟାୟାମ ବା ଡାଏଟ୍ କରିବା କିନ୍ତୁ ବାସ୍ତବରେ ଏତେ ସହଜ ନୁହେଁ। ହେଲେ ଆଜି ଆମେ ଏପରି କିଛି ଖାଦ୍ୟ ବିଷୟରେ ଜାଣିବା ଯାହାକୁ ଖାଇବା ଦ୍ୱାରା ବିନା ପରିଶ୍ରମର ଖସିଯିବ ଶରୀରର ଅତିରିକ୍ତ ଚର୍ବି।

**ରସୁଣ ରସ:** ରସୁଣରେ ବହୁ ଭଲ ଗୁଣ ରହିଛି। ଏହା ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ଏହା ଶରୀରର ମୋଟାପଣ ଓ କୋଲେଷ୍ଟ୍ରୋଲ୍ କମାଇବାରେ ସାହାଯ୍ୟ କରିଥାଏ। ଆପଣ ଗୋଟାଏ ଗ୍ଲାସ୍ ଗରମ ପାଣିରେ ଫାଳେ ଲେମ୍ବୁ ଓ ୩ ପାଖୁଡ଼ା ରସୁଣ ପକାଇ ଏକ ଜୁସ୍ ତିଆରି କରନ୍ତୁ। ଏହିପରି ଭାବେ ଦୈନିକ ପିଇବା ଦ୍ୱାରା ଚର୍ବି କମା ଯାଇପାରେ।

**ଲେମ୍ବୁ ରସ:** ଚର୍ବି କମାଇବା ପାଇଁ ସବୁଠାରୁ ଅବ୍ୟର୍ଥ ହେଉଛି ଏହି ଲେମ୍ବୁ ରସ। ଦୈନିକ ଗୋଟାଏ କପ୍ ଗରମ ପାଣିରେ ଫାଳେ ଲେମ୍ବୁ ଓ ଗୋଟାଏ ଚାମଚ୍ ମହୁ ଗୋଳାଇ ଖାଲି ପେଟରେ ପିଅନ୍ତୁ। ଏହା ଚର୍ବି ଖୁବ ଶୀଘ୍ର କମାଇଥାଏ।

## ସୋୟାବିନ ଚିଲି

**ଆବଶ୍ୟକୀୟ ସାମଗ୍ରୀ:** ସୋୟାବିନ୍ ବଡ଼ି, କ୍ୟାପ୍‌ସିକମ୍, ତେଲ, ଟମାଟୋ ସସ୍, ଚିଲି ସସ୍, ସୋୟା ସସ୍, କଞ୍ଚାଲଙ୍କା, ଲୁଣ, ଚାଇନିଜ୍ ସଲ୍ଟ, କରି ପାଉଡର, ଗରମ ମସଲା, କଟା ପିଆଜ ଓ ରସୁଣ, ଧନିଆ ପାଉଡର, ଅଦା, ରସୁଣ ଓ ପିଆଜ ପେଷ୍ଟ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବଡ଼ିକୁ ଗରମ ପାଣିରେ ପାଞ୍ଚମିନିଟ୍ ପାଇଁ ଭିଜାଇ ରଖନ୍ତୁ। ପରେ ସେଗୁଡ଼ିକୁ ଛାଣି ଭଲ ଭାବେ ଚିପୁଡ଼ି ଦିଅନ୍ତୁ ଏବଂ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣି ଦିଅନ୍ତୁ। ଏହା ପରେ ଅନ୍ୟ ଏକ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଅଳ୍ପ ଚିନି ପକାନ୍ତୁ। ଚିନି ଲାଲ ହୋଇଆସିବା ବେଳକୁ ସେଥିରେ କଟା ହୋଇଥିବା ପିଆଜ ପକାନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ଅଦା, ରସୁଣ ଓ ପିଆଜ ପେଷ୍ଟ ପକାନ୍ତୁ। ତାକୁ ଅଳ୍ପ ସମୟ ଚଳାନ୍ତୁ। ପରେ ସେଥିରେ ଛୋଟ ଛୋଟ ପିସ୍ କରି କଟା ହୋଇଥିବା ରସୁଣ ଓ ଲମ୍ବା ଲମ୍ବା ହୋଇ କଟା ହୋଇଥିବା କଞ୍ଚା ଲଙ୍କା ପକାନ୍ତୁ। କଟା ହୋଇଥିବା କ୍ୟାପ୍‌ସିକମ୍ ମଧ୍ୟ ପକାନ୍ତୁ। ତା'ପରେ କରି ପାଉଡରକୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ମସଲା କଷି ହୋଇଗଲା ପରେ ସେଥିରେ ଚାଇନିଜ ସଲ୍ଟ, ଟମାଟୋ ସସ୍, ଚିଲି ସସ୍ ଓ ସୋୟା ସସ୍ ପକାନ୍ତୁ। ତା'ସହିତ ଧନିଆ ପାଉଡର, ଲଙ୍କା ପାଉଡର ଓ ଜିରା ପାଉଡର ପକାଇ ଭଲ ଭାବରେ ଗୋଳାନ୍ତୁ। ଅଳ୍ପ ଗରମ ମସଲା ମଧ୍ୟ ପକାନ୍ତୁ। ପରେ ତେଲରେ ଛଣା ହୋଇଥିବା ସୋୟାବିନ୍ ବଡ଼ିକୁ ସେଥିରେ ପକାଇ ଗୋଳାନ୍ତୁ। ସ୍ୱାଦ ଅନୁଯାୟୀ ଲୁଣ ପକାନ୍ତୁ। ଅଳ୍ପ ସମୟ ପରେ ଏହାକୁ ପ୍ଲେଟ୍‌କୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ସୋୟାବିନ ଚିଲି।



## କର୍କଟ ରୋଗକୁ ଦୂର କରିଥାଏ ଟମାଟୋ ଜୁସ୍



ଟମାଟୋ ଏକ ଏମିତି ଜିନିଷ ଜାହାକୁ ଲୋକମାନେ ଦୈନନ୍ଦିନ ଜୀବନରେ ପ୍ରାୟ ସବୁଥିରେ ବ୍ୟବହାର କରିଥାନ୍ତି । ତରକାରିର ସ୍ୱାଦ ବଢ଼ାଇବା ସହିତ ସାଲାଡ୍, ଟମାଟୋ କେଚ୍‌ଅପ୍, ସୁପ୍ ଇତ୍ୟାଦି ପ୍ରସ୍ତୁତିରେ ଟମାଟୋକୁ ଲୋକମାନେ ବ୍ୟବହାର କରିଥାନ୍ତି । ପ୍ରତିଦିନ ଏହାକୁ ବା ଏଥିରେ ତିଆରି ଜିନିଷକୁ ଖାଇବା ଦ୍ୱାରା ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ । କ୍ୟାଲ୍‌ସିୟମ, ଫସ୍‌ଫରସ୍ ଏବଂ ଭିଟାମିନ୍ 'ସି'ରେ ଭରପୁର ଥିବା ଟମାଟୋର ଜୁସ୍ ପ୍ରସ୍ତୁତ କରି ପିଇବା ଦ୍ୱାରା ଶରୀରରେ ଦେଖା ଯାଉଥିବା ମୋଟାପଣ, ଏସିଡ଼ିଟି ଏବଂ ଆଖିର ସମସ୍ୟା ଦୂର ହୋଇଥାଏ । ତେବେ ଆସନ୍ତୁ ଜାଣିବା ଟମାଟୋ ଜୁସ୍ ପିଇବା ଦ୍ୱାରା ଶରୀରର କେଉଁ କେଉଁ ସମସ୍ୟା ଦୂର ହୋଇଥାଏ ।

୧. ଟମାଟୋ ଜୁସ୍‌ରେ ଆଣ୍ଟିଅକ୍ସିଡ଼ାଣ୍ଟ, ଫଲିକ୍ ଏସିଡ୍, ବେଟା କେରୋଟିନ୍ ଭଳି ତତ୍ତ୍ୱ ରହିଥାଏ, ଯାହା ଶରୀରରେ କର୍କଟ ରୋଗର କୋଷିକା ଗୁଡ଼ିକୁ ବଢ଼ିବାରୁ ରୋକିଥାଏ । ପ୍ରତିଦିନ ଟମାଟୋ ଜୁସ୍ ପିଇବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ୧୮ ପ୍ରତିଶତ କମି ଯାଇଥାଏ ।

୨.ଯକୃତର ବିଶୁଦ୍ଧିକରଣ ପାଇଁ ଟମାଟୋ ଜୁସ୍ ପିଇବା ହେଉଛି ସବୁଠାରୁ ଭଲ ଉପାୟ । ଏହାକୁ ପିଇବା ଦ୍ୱାରା ଶରୀର ଏବଂ ଯକୃତରୁ ସବୁ ପ୍ରକାରର ଖରାପ ଜିନିଷ ଦୂର ହେବା ସହ ଶରୀର ସୁସ୍ଥ ରହିଥାଏ ।



୩.ଏଥିରେ ଥିବା ଫାଇବର, ପୋଟାସିୟମ ଏବଂ ଭିଟାମିନ୍ 'ସି' ହୃଦ୍ ଜନିତ ସମସ୍ତ ସମସ୍ୟାକୁ ଦୂର କରିଥାଏ । ପ୍ରତିଦିନ ଗୋଟେ ଗ୍ଲାସ୍ ଟମାଟୋ ଜୁସ୍ ପିଇବା ଦ୍ୱାରା ଶରୀରରେ ଉପୁଜୁଥିବା ସମସ୍ତ ହୃଦ୍ ଜନିତ ସମସ୍ୟା ଦୂର ହେବା ସହ କୋଲେଷ୍ଟ୍ରଲର ପରିମାଣ କମ ହୋଇଥାଏ ।

୪.ଟମାଟୋ ଜୁସ୍ ଶରୀରରେ ଥିବା ବିଷାକ୍ତ ପଦାର୍ଥ ଦୂର କରୁଥିବାରୁ ତ୍ୱଚା ଚମକିବାକୁ ଲାଗିଥାଏ । ଏହା ସହ ଏଥିରେ ଥିବା ଲାଇକୋପିନ୍ ଅଂଶ ଶରୀରର ହାଡ଼କୁ ଶକ୍ତ କରିଥାଏ ।

## ଅତ୍ୟଧିକ ଚା' ଓ ଦାନ୍ତ କ୍ଷୟ



ମନକୁ ଟିକେ ହାଲକା କରିବା ପାଇଁ ଅମେ ଚା' କିମ୍ବା କଫି ପିଇଥାଉ । କିନ୍ତୁ ଏହା ଯଦି ଅଭ୍ୟାସରେ ପରିଣତ ହୁଏ ଏବଂ ଜଣେ ବ୍ୟକ୍ତି ଦିନକୁ ଅଧିକ ଥର ଚା' ପିଅନ୍ତି ତେବେ ତାହାର ପ୍ରଭାବ ଦାନ୍ତ ଉପରେ ପଡ଼ିଥାଏ । ଆବଶ୍ୟକତାଠାରୁ ପ୍ରତିଦିନ ଅଧିକ ଥର ଚା' ପିଇଲେ ଦାନ୍ତ କ୍ଷୟ ହେବା ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ବୈଜ୍ଞାନିକମାନେ । ପ୍ରତିଦିନ ଅତିକମ୍‌ରେ ୧୦/୧୨ଥର ଚା'ପିଇଲେ ତାହାର ପ୍ରଭାବ କେବଳ ଦାନ୍ତ ନୁହେଁ ଅସ୍ଥି ଉପରେ ମଧ୍ୟ ପଡ଼ିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୬ ଫେବୃୟାରୀ ୨୦୨୧ ,ଶନିବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ର ନଜରବନ୍ଦୀ..

ଚଳିତ ସପ୍ତାହ ପ୍ରାରମ୍ଭରେ ମ୍ୟାଁମାରରେ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ଗତ କିଛିବର୍ଷ ଧରି ହୋଇଆସିଥିବା ପ୍ରୟାସ ପୁଣି ଥରେ ଫସର ଫାଟିଛି। ଦେଶର ସାମରିକ ଜୁଣ୍ଟା ଏକ ନିର୍ବାଚିତ ସରକାର ହାତରୁ ଶାସନ କ୍ଷମତା ଛଡ଼ାଇନେଇ ସେଠାରେ ଜରୁରି ପରିସ୍ଥିତି ଘୋଷଣା କରିଛି। କେବଳ କ୍ଷମତା ଅକ୍ତିଆର ନୁହେଁ, ନ୍ୟାସନାଲ ଲିଗ୍ ଫର ଡେମୋକ୍ରାସି ଦଳର ବହୁ ନେତାଙ୍କୁ ନଜରବନ୍ଦୀ ରଖିଛି। ସେମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଉପଦେଷ୍ଟା ନୋବେଲ ଶାନ୍ତି ପୁରସ୍କାର ବିଜୟନୀୟ ଅଙ୍ଗ୍ ସାନ୍ ସୁ ଚି ଏବଂ ରାଷ୍ଟ୍ରପତି ଉ’ ୱିନ୍ ମିଣ୍ଟ ଅନ୍ୟତମ। ଅନ୍ୟ ଭାଷାରେ କହିବାକୁ ଗଲେ, ଦୀର୍ଘ ତିନି ଦଶନ୍ଧି ପରେ ସେଠାରେ ଇତିହାସର ପୁନରାବୃତ୍ତି ଘଟିଛି। ୧୯୯୦ ମସିହାରେ ଅନୁରୂପ ଭାବେ ସେ ଦେଶର କ୍ଷମତାଶାଳୀ ସେନା ଏଇଭଳି ଢ଼ଙ୍ଗରେ ଏକ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରିଥିଲା। ସେତେବେଳେ ମଧ୍ୟ ସୁ ଚି ଥିଲେ ସେହି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାରର ମୁଖ୍ୟ। ତେଣୁ ମ୍ୟାଁମାରରେ ଗଣତନ୍ତ୍ରର ଗଳା ଚିପିବା ଲାଗି ହୋଇଥିବା ସଦ୍ୟ ପ୍ରୟାସକୁ ମିଳିତ ଜାତିସଂଘ ସମେତ ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟାନ୍ୟ ରାଷ୍ଟ୍ର ଦୃଢ଼ ନିନ୍ଦା କରିଛନ୍ତି। ନିର୍ବାଚିତ ସରକାରକୁ ପୁନଃ ଅବସ୍ଥାପିତ କରାନଗଲେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କଟକଣା ଧମକ ଦେଇଛନ୍ତି। ସମ୍ଭବତଃ ମାର୍କିନ ରାଷ୍ଟ୍ରପତିଙ୍କର ହ୍ୱାଇଟ ହାଉସରେ କ୍ଷମତା ଅକ୍ତିଆର କରିବା ପରେ ପ୍ରଥମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ମ୍ୟାଁମାରରେ ଗଣତନ୍ତ୍ର ପ୍ରତିଷ୍ଠାର ଇତିହାସ ଯେତିକି ସ୍ପର୍ଶକାତର, ସେ ଦେଶର କ୍ଷମତାଲିପ୍ସୁ ସେନାଙ୍କ କାର୍ଯ୍ୟକଳାପ ସେତିକି ବିବଦମାନ। ପ୍ରାୟତଃ ୧୯୫୮ ମସିହାଶରୁ ସେ ଦେଶର ବିଭିନ୍ନ ସମୟରେ ସେନା ହିଁ କ୍ଷମତାକୁ ନିଜ ହାତମୁଠାରେ ରଖିଆସିଛି। ସେଠାରେ ଗଣତନ୍ତ୍ରର ପ୍ରତିଷ୍ଠା ସକାଶେ ହୋଇଥିବା ପ୍ରୟାସକୁ ବାରମ୍ବାର ଭଣ୍ଡୁର ଅବା ଦମନ କରାଯାଇଛି। ଏ ଦିଗରେ ଅଙ୍ଗ୍ ସାନ୍ ସୁ ଚି ଏବଂ ତାଙ୍କ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ସଂଗ୍ରାମ ଓ ଅନ୍ତଃରାଷ୍ଟ୍ରୀୟ ଚାପକୁ ମ୍ୟାଁମାର ସେନା ସଦାବେଳେ ଅଣଦେଖା କରିଆସିଛନ୍ତି। ୨୦୧୫ ମସିହାରେ ଦେଶରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଏନଏଲଡିର ବିପୁଳ ବିଜୟ ସତ୍ତ୍ୱେ ସେଠାରେ ସୁଦୃଢ଼ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ହୋଇପାରିନଥିଲା। ବରଂ, ସୁ ଚି’ଙ୍କୁ ରାଷ୍ଟ୍ର ଉପଦେଷ୍ଟା ଭାବେ ଅବସ୍ଥାପିତ କରାଯାଇଥିଲା। ଏବେ ଗତ ନଭେମ୍ବର ମାସରେ ଅନୁଷ୍ଠିତ ନିର୍ବାଚନରେ ମଧ୍ୟ ଏନଏଲଡି ଅନୁରୂପ ସଫଳତା ହାସଲ କରିଥିଲା। କିନ୍ତୁ ସଂସଦ ଅଧିବେଶନର ଅବ୍ୟବହିତ ପୂର୍ବରୁ କ୍ଷମତାଚ୍ୟୁତ ହୋଇଛି ନିର୍ବାଚିତ ସରକାର। ଏକ ବର୍ଷ ପାଇଁ ଘୋଷିତ ଜରୁରି ପରିସ୍ଥିତି ଯେ ଲମ୍ବି ଚାଲିବ ତାହା ଏବେଠାରୁ ସ୍ପଷ୍ଟ। ମ୍ୟାଁମାର ସେନାର ଏତାଦୃଶ ଆଚରଣ ପଛରେ ଚୀନର ପ୍ରଚ୍ଛନ୍ନ ଆଶୀର୍ବାଦ ଓ ସହଯୋଗ ରହିଛି। ଚୀନ-ଆମେରିକା ଭୂ-ରାଜନୈତିକ ପ୍ରତିଦ୍ୱନ୍ଦିତାର ଏହା ଅଂଶବିଶେଷ। ସେଠାରେ ସାମରିକ ଶାସନ ବ୍ୟବସ୍ଥା ହେଲେ, ତାହାର ମାଧ୍ୟମରେ ଚୀନ ଆମେରିକାକୁ ଧୈର୍ଯ୍ୟହରା କରିବା ସହ ଭାରତକୁ ମଧ୍ୟ କଡ଼ା ଜବାବ ଦେବ। ଭାରତ-ମ୍ୟାଁମାର ସଂପର୍କ ତିକ୍ତ ହେବ। ରୋହିଙ୍ଗ୍ୟା ସମସ୍ୟା ସମାଧାନ ହୋଇପାରିବ ନାହିଁ ଏବଂ ସେ କ୍ଷେତ୍ରରେ ଅଶାନ୍ତି ଲାଗି ରହିବ। ଚୀନ ସେଥିରୁ ଫାଇଦା ଉଠାଇ ଚାଲିବ। ମ୍ୟାଁମାର ସେନା ଅସ୍ତ୍ରଶସ୍ତ୍ରଠାରୁ ତାଲିମ ପର୍ଯ୍ୟନ୍ତ ସବୁଥିରେ ଚୀନ ଉପରେ ନିର୍ଭରଶୀଳ। ଅରାଜକତା ଓ ସାମରିକ ଶାସନ ଦ୍ୱାରା ଦେଶରେ ଜନଆନ୍ଦୋଳନକୁ ସହଜରେ ନିୟନ୍ତ୍ରଣ କରିହେବ। ଏଥିରେ ସେ ଦେଶ ସେନା ସିଦ୍ଧହସ୍ତ ଓ ମାନବାଧିକାର ଉଲ୍ଲଙ୍ଘନରେ ସେମାନଙ୍କର ବେଶ୍ ଅପଖ୍ୟାତି ରହିଛି। ଏକବିଂଶ ଶତାବ୍ଦୀରେ ସାମରିକ ଶକ୍ତି ଦ୍ୱାରା ଗଣତନ୍ତ୍ରର ଗଳା ଚିପି ହତ୍ୟା କରାଯିବା ଯେତିକି ବିସ୍ମୟକର ସେତିକି ନିନ୍ଦନୀୟ। ତଥାପି ମ୍ୟାଁମାରରେ ଏହା ବାବସ୍ତବତାରେ ପରିଣତ ହୋଇଛି। ଲକ୍ଷ୍ୟ କରିବା କଥା, ଅନ୍ତଃରାଷ୍ଟ୍ରୀୟ ଚାପ ଆରେ ସେ ଦେଶ ସେନା କେତେଦୂର ମୁଣ୍ଡ ନୁଆଉଁଛନ୍ତି।

## କବିତା କୋଣାର୍କ

### କବି..

**ସତ୍ୟ ରଞ୍ଜନ ମିଶ୍ର**

କବି ଯଦି ହୁଏ ଗରିବ
ତାକୁ ପଢିବ କିଏ ?
କବି ଯଦି ହୁଏ ମୁନିବ
ତାକୁ ମାନିବ କିଏ ?

କବି ଯଦି ନିଜେ ଥରିବ
ତାକୁ ଡରିବ କିଏ ?
କବି ଯଦି ନିଜେ ଲଢ଼ିବ
ତାକୁ ରୋକିବ କିଏ ?

କବି ଯଦି ଥକିପଡିବ
ତେବେ ଚାଲିବ କିଏ ?
କବି ଯଦି ଶୋଇପଡିବ
ତେବେ ଭାବିବ କିଏ ?

କବି ଯଦି ହୁଏ ଦୁର୍ବଳ
ଯୁଦ୍ଧ ଜିତିବ କିଏ ?
କବି ଯଦି ହୁଏ କୋମଳ
ନିଆଁ ଜାଳିବ କିଏ ?

କବି ଯଦି ହୁଏ ଶୋଷିଲା
ପାଣି ଯାଚିବ କିଏ ?
କବି ଯଦି କେବେ ହଜିଲା
ବାଟ ଖୋଜିବ କିଏ ?

କବି ଯଦି ଝୁଣ୍ଟି ପଡ଼ିବ
ଆଶ୍ରା ସାଜିବ କିଏ ?
କବି ଯଦି ଚୁପ ରହିବ
ପାଟି ଖୋଲିବ କିଏ ?

କବିର କଲମ ମୁନରେ
ଦୁନିଆ ବଦଳିଯାଏ
କବି ନଲେଖି ଜିଇଁଲେ
ସେ ତା ମରଣ ପ୍ରାୟେ.....

+ଅଢ଼ଙ୍ଗ ଶାସନ, ଅଣଖିଆ,
ଜଗତସିଂହପୁର
ମୋ: ୮୬୫୮୪୧୨୭୮୩

# ଗ୍ରେଟା ଥନବର୍ଗ, ଟୁଲକିଟ୍ ଓ ଭାରତ ବିରୋଧୀ ବୈଶ୍ୱିକ ଷଡ଼ଯନ୍ତ୍ର



**ସମନ୍ୱୟ ନନ୍ଦ**

ଭାରତ ସରକାରଙ୍କ ଦ୍ୱାରା କୃଷି ଆଇନ ବିରୁଦ୍ଧରେ ଦୀର୍ଘ ଦିନ ଧରି ପଂଜାବ, ହରିଆଣା ଓ ପଶ୍ଚିମ ଉତର ପ୍ରଦେଶର କିଛି ଚାଷୀ ସଂଗଠନ ଆନ୍ଦୋଳନ କରୁଛନ୍ତି । ଭାରତ ସରକାର ଏହି ଆନ୍ଦୋଳନକାରୀ ମାନଙ୍କର ସହ କଥାବାର୍ତା କରୁଛନ୍ତି ଓ ତାଙ୍କର ଦାବି ଅନୁସାରେ ଦେଢ ବର୍ଷ ପାଇଁ ଏହି ଆଇନକୁ କାର୍ଯ୍ୟକାରୀ ନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି । ହେଲେ ଏହି ଚାଷୀ ସଂଗଠନ ମାନେ ସେମାନଙ୍କର ଜିଦରେ ଅଟଳ ଅଛନ୍ତି ଯେ ଏହି ଆଇନକୁ ରଦ୍ଦ କରା ଯାଉ । ସେମାନେ ସରକାର, ସୁପ୍ରିମକୋର୍ଟ କାହାର କଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି । ଗଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲୀ ନାମରେ ଯେଉଁଭଳି ଏହି ଚାଷୀ ସଂଗଠନର ଲୋକ ମାନେ ଦିଲ୍ଲୀର ରାଜରାସ୍ତାରେ ହିଂସା ଓ ଉପଦ୍ରବ କଲେ । ଚାଷୀ ମାନଙ୍କ ନାମରେ ଚାଲିଥିବା ଏହି ଅରାଜକତାବାଦକୁ ଦିଲ୍ଲୀ ପୋଲିସ ଅତ୍ୟନ୍ତ ଧୈର୍ଯ୍ୟପୂର୍ବକ ବ୍ୟବହାର କଲା । ସେଥିରୁ ସ୍ପଷ୍ଟ ଯେ ସରକାର ଚାହୁ ନାହାନ୍ତି ଯେ ଏହି ଘଟଣା ଆଗକୁ ନ ବଢୁ ।

ପଂଜାବର ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂହଙ୍କ ଠାରୁ ଆରମ୍ଭ କରି ପଂଜାବର ଅନ୍ୟ କଂଗ୍ରେସ ସାଂସଦ ମଧ୍ୟ ସ୍ପଷ୍ଟ କରି ସାରିଛନ୍ତି ଯେ ଏହି ଆନ୍ଦୋଳନ ଦେଶର ସୁରକ୍ଷା ପାଇଁ ବିପଜ୍ଜନକ ହୋଇ ସାରିଲାଣି । ଏହି ଆନ୍ଦୋଳନର ନେତୃତ୍ୱ ଖାଲିସ୍ତାନୀ, ଇସଲାମିଷ୍ଟ ଓ ନକ୍ସଲବାଦୀ ମାନଙ୍କର ହାତରେ ରହିଛି । ଏହା ପାଇଁ ଫଣ୍ଡିଂ ଓ ଯୋଜନା ବାହାରୁ ହେଉଛି । ବୋଧ ହୁଏ ଏହି କାରଣ ପାଇଁ ସରକାର ଦେଢ ବର୍ଷ ପାଇଁ ଆଇନକୁ ସ୍ଥଗିତ କରିବା ପ୍ରସ୍ତାବ ଦେବା ସତ୍ତ୍ୱେ ସେମାନେ ଏହି କଥାକୁ ଶୁଣିବାକୁ ନାରାଜ । ବର୍ତମାନ ଯାଏ ଏହି ଅରାଜକତାବାଦୀ ଆନ୍ଦୋଳନ ପଛରେ ପାକିସ୍ତାନ ଓ କାନାଡାରେ ବସିଥିବା ଖଲିସ୍ତାନୀ . ଇସଲାମିଷ୍ଟ ଓ ନକ୍ସଲବାଦୀ ମାନେ ଥିବା ଅନୁମାନ କରା ଯାଉଥିଲା । ମାତ୍ର ଗତ କିଛି ଦିନ ହେଲା କିଛି ତଥାକଥିତ ବିଦେଶୀ ସେଲିବ୍ରିଟି ଟ୍ୱିଟର ଜରିଆରେ ଏହି ଆନ୍ଦୋଳନକୁ ଡେଇଁଛନ୍ତି । ଏମାନଙ୍କ ମଧ୍ୟରେ ଏମିତି ସେଲିବ୍ରିଟି ଅଛନ୍ତି ସେମାନଙ୍କୁ ଭାରତୀୟ ସଂସଦରେ ପାରିତ ହୋଇଥିବା କୃଷି ଆଇନ ସମ୍ପର୍କରେ ଜ୍ଞାନ ଥିବା ତ ଦୂରର କଥା ବୋଧ ହୁଏ ଏହା ଜଣା ନ ଥିବ ଯେ ବିଶ୍ୱ ଭାରତ କେଉଁଠି ଅଛି । ତଥାପି ସେମାନେ ଚାଷୀ ଆନ୍ଦୋଳନ ସମର୍ଥନରେ ଟ୍ୱିଟ କରି ଭାରତକୁ କାଠଗଡାରେ ଠିଆ କରାଇଛନ୍ତି ।

ସବୁଠାରୁ ବଡ କଥା ହେଲା ଯେ ତଥାକଥିତ ଲବିଷ୍ଟ ପରିବେଶବିତ ଗ୍ରେଟା ଥନବର୍ଗଙ୍କ ଟ୍ୱିଟ ପରେ ଭାରତ ବିରୁଦ୍ଧରେ କିଭଳି ଭାବେ ବୈଶ୍ୱିକ ଷଡଯନ୍ତ୍ର ହୋଇଛି ତାର ପ୍ରମାଣ ମିଳିଛି । ଫେବୃଆରୀ ମାସ ୨ ତାରିଖ ଦିନ ଗ୍ରେଟା ଟ୍ୱିଟ କଲା ବେଳେ ଭୁଲରେ ଏକ ଟୁଲ କିଟ ମଧ୍ୟ ଶେୟାର କରି ଦେଇଥିଲେ । ତେବେ ତାଙ୍କୁ ଏ ବିଷୟରେ ଜଣା ପଡିଲା ପରେ ସେ ସଙ୍ଗେ ସଙ୍ଗେ ଏହାକୁ ଡିଲିଟ କରି ଦେଇଥିଲେ । ତେବେ ତାଙ୍କର ଏହି ଭୁଲ କାରଣରୁ ଅନେକ କିଛି ଷଡଯନ୍ତ୍ରର ପର୍ଦାଫାସ ହୋଇ ଯାଇଛି । ଏହି ଟୁଲ କିଟରେ ଭାରତ ବିରୁଦ୍ଧରେ କିପରି ସୁନିୟୋଜିତ ଭାବେ ବୈଶ୍ୱିକ ସ୍ତରରେ ଯୋଜନା ପ୍ରସ୍ତୁତ କରା ଯାଇଛି ତାର ରହସ୍ୟୋଦଘାଟନ ହୋଇଛି ।

ଗ୍ରେଟାଙ୍କ ଦ୍ୱାରା ଭୁଲବଶତଃ ଶେୟାର କରା ଯାଇଥିବା ଟୁଲକିଟରୁ ସ୍ପଷ୍ଟ ଯେ ଏହି ଚାଷୀ ଆନ୍ଦୋଳନକୁ ବିଭିନ୍ନ ମହଲରୁ ଯେଉଁ ସମର୍ଥନ ମିଳୁଛି ବୋଲି ଭାରତୀୟ ମାନଙ୍କୁ ଦର୍ଶା ଯିବାକୁ ଚେଷ୍ଟା କରା ଯାଉଛି ତାହା ବାସ୍ତବିକ ସତ୍ୟ ନୁହେଁ । ଏହା ଆଦୌ ସ୍ୱତଃ ପ୍ରବୃତ ନୁହେଁ । ନଭେମ୍ବର ୨୦୨୦ରୁ ଏହି ଯୋଜନା ପ୍ରସ୍ତୁତ ହୋଇଛି । ଏହି ଡକ୍ୟୁମେଂଟରୁ ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଜାନୁଆରୀ ୨୬ ତାରିଖ ଦିନ ଦଙ୍ଗା, ଉପଦ୍ରବ, ହିଂସା ଜରିଆରେ ଭାରତକୁ ଅସ୍ଥିର କରିବାକୁ ଷଡଯନ୍ତ୍ର କରା ଯାଇଥିଲା । ଏହି ଟୁଲକିଟରେ ହ୍ୟାସଟ୍ୟାଗ କଣ ରହିବ ତାର ଉଲ୍ଲେଖ କରା ଯିବା ସହ କେଉଁ କେଉଁ ସେଲିବ୍ରିଟି କଣ ଟ୍ୱିଟ କରିବେ ତାହାର ମଧ୍ୟ ଉଲ୍ଲେଖ ରହିଛି । ଭାରତର ପ୍ରଧାନମନ୍ତ୍ରୀ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଓ ଅନ୍ୟ ମନ୍ତ୍ରଣାଳୟକୁ ଟ୍ୱିଟ ଟ୍ୟାଗ କରା ଯିବା ଦରକାର ବୋଲି ମଧ୍ୟ ଏହି ଡକ୍ୟୁମେଂଟରେ ଉଲ୍ଲେଖ ରହିଥିଲା । କେବଳ ସେତିକି ନୁହେଁ ଜାତି ସଂଘ ହ୍ୟୁମାନ ରାଇଟ୍ସ, ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିସ ଜନସନ, ଆମନେଷ୍ଟିକୁ ଟ୍ୟାଗ କରି ହସ୍ତକ୍ଷେପ ଦାବି କରିବା ପାଇଁ ମଧ୍ୟ ଏଥିରେ ଉଲ୍ଲେଖ ରହିଥିଲା ।

ଏହାର ଅର୍ଥ ହେଲା ଭାରତକୁ ଅସ୍ଥିର କରିବା ଓ ଭାରତରେ ଅରାଜକତା ସୃଷ୍ଟି କରିବା ପାଇଁ ବୈଶ୍ୱିକ ସ୍ତରରେ ଷଡଯନ୍ତ୍ର ହୋଇଛି । ଏହାର ସମ୍ପୂର୍ଣ ଯୋଜନା ଓ ରୂପ ରେଖ ନିର୍ଦ୍ଧାରଣ କରା ଯାଇ ସେହି ଅନୁସାରେ ଧୀରେ ଧୀରେ କାର୍ଯ୍ୟ ହେଉଛି । ଭାରତ ବିରୋଧୀ ବୈଶ୍ୱିକ ଶକ୍ତି ମାନେ ଏହି ଯୋଜନାକୁ ସଠିକ ଭାବେ କ୍ରିୟାନ୍ୱୟନ କରିବା ପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇ ଚାଲିଛନ୍ତି । ଆଉ ଏପରି ସବୁ ସ୍ୱତଃ ପ୍ରବୃତ ଭାବେ ହେଉଛି ଓ ଏହା ପଛରେ କେହି ନାହାନ୍ତି, ଏପରି ଏକ ବାର୍ତା ମଧ୍ୟ ଦିଆ ଯିବା ପାଇଁ ଚେଷ୍ଟା ଚାଲିଥିଲା । ହେଲେ ଗ୍ରେଟା ଥନବର୍ଗଙ୍କ ଭୁଲ ତାଙ୍କର ଷଡଯନ୍ତ୍ର ଉପରେ ପରଦା ଉଠାଇ ଦେଇଛି । ଏବେ ଦୃଷ୍ଟି ପକାଇବା ଏହି ଭାରତ ବିରୋଧୀ ବୈଶ୍ୱିକ ଶକ୍ତି ମାନେ କିଭଳି ଭାବେ ଭାରତକୁ ଅସ୍ଥିର କରିବାର ଯୋଜନାକୁ ଆଗେଇ ନେଇଥିଲେ । ଏହାର ପ୍ରଥମ ପଦକ୍ଷେପ ଥିଲା ଚାଷୀ ମାନଙ୍କୁ ଭ୍ରମିତ କରାଇ ଆନ୍ଦୋଳନ କରାଇବା । ଏହି ଆନ୍ଦୋଳନ ଲଗାତାର ଚାଲିବା ସତ୍ତ୍ୱେ ଏହାର ଲାଭ ମିଳି ନ ଥିଲା । କାରଣ ଭାରତ ସରକାର ସ୍ପଷ୍ଟ କରିଥିଲେ ଯେ ଚାଷୀ ମାନଙ୍କ ସହ କଥାବାର୍ତା କରିବାକୁ ସବୁବେଳେ ପ୍ରସ୍ତୁତ । କେବଳ ସେତିକି ନୁହେଁ ସରକାର ସେମାନଙ୍କର ସହ କଥାବାର୍ତା ମଧ୍ୟ କରିଥିଲେ ଓ ଆଇନକୁ ଦେଢ ବର୍ଷ ଯାଏ ସ୍ଥଗିତ ରଖିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଏହା ପରେ ଚାଷୀ ମାନଙ୍କ ନାମରେ ଏହି ଅରାଜକତାବାଦୀ ମାନେ ଗଣତନ୍ତ୍ର ଦିବସ ଦିନ ଟ୍ରାକ୍ଟର ରାଲୀ ବାହାର କରିବାକୁ ଦାବି କରିଥିଲେ । ସାଧାରଣ ଭାବେ ଗଣତନ୍ତ୍ର ଦିବସ ଦିନ ଏଭଳି କୌଣସି ପ୍ରକାର ରାଲୀକୁ ସରକାର ଅନୁମତି ଦେଇ ନ ଥାନ୍ତି । ତେବେ ଭାରତ ସରକାର ଏହାକୁ ମଧ୍ୟ ଅନୁମତି ଦେଲେ । ଏହା ପରେ ଯାହା ହେବାର ଥିଲା ହେଲା । ବିଦେଶରେ ତିଆରି ହୋଇଥିବା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଦିଲ୍ଲୀର ରାଜରାସ୍ତାରେ ଏମାନେ ହିଂସା ଓ ଅରାଜକତାର ନଗ୍ନ ନାଚ କଲେ । ଏହି ସମୟରେ ମଧ୍ୟ ଦିଲ୍ଲୀ ପୋଲିସ ସେମାନଙ୍କ ବିରୁଦ୍ଧରେ ବଳ ପ୍ରୟୋଗ କରି ପାରି ଥାନ୍ତା । ମାତ୍ର ପ୍ରଶାସନ ଅସୀମ ଧୈର୍ଯ୍ୟର ପରିଚୟ ଦେଇଥିଲା ଓ ବଳ ପ୍ରୟୋଗ କରି ନ ଥିଲା । ତେବେ ଅନ୍ୟ ପକ୍ଷରେ ଏହି ଉପଦ୍ରବକାରୀ ଓ ଅରାଜକତାବାଦୀଙ୍କ ଆକ୍ରମଣରେ ଦିଲ୍ଲୀ ପୋଲିସର ଜବାନ ମାନେ ଆହତ ହେଲେ । ଯଦି ପ୍ରଶାସନ ବଳ ପ୍ରୟୋଗ କରି ଥାନ୍ତା ତେବେ ସେମାନେ ଏହି କଥାକୁ ନେଇ ଭାରତ ବିରୋଧୀ ଶକ୍ତି ମାନଙ୍କର କ୍ରୀଡନକ ସାଜିଥିବା ଅରାଜକତାବାଦୀ ମାନେ ପୁଣି ଚିତ୍କାର କରିଥାନ୍ତେ ଯେ ଚାଷୀ ମାନଙ୍କ ପ୍ରତି ଅତ୍ୟାଚାର କରା ଯାଇଛି । ମାତ୍ର ଦିଲ୍ଲୀ ପୋଲିସ ଅସୀମ ଧୈର୍ଯ୍ୟର ପରିଚୟ ଦେଇ ସେମାନଙ୍କର ଷଡଯନ୍ତ୍ରକୁ ବିଫଳ କରି ଦେଲା । ଏହି ବିଫଳତାର ଠିକ ଏହା ପରେ ଭାରତ ବିରୋଧୀ ବୈଶ୍ୱିକ ଷଡଯନ୍ତ୍ରକାରୀ ମାନେ ଭାରତକୁ ଜାଣି ନ ଥିବା ଭାରତର କୃଷି ବିଲ କଣ ବୁଝି ନ ଥିବା ସେଲିବ୍ରିଟି ମାନଙ୍କୁ ମୈଦାନରେ ଓହ୍ଲାଇ ଦେଲେ । ସବୁ ଯୋଜନାପୂର୍ବକ ହେଉଥିଲା । ହେଲେ ଗ୍ରେଟା ଥନବର୍ଗଙ୍କ ଗୋଟିଏ ଭୁଲ ସେମାନଙ୍କର ସମ୍ପୂର୍ଣ ଷଡଯନ୍ତ୍ରର ପର୍ଦାଫାସ କରି ଦେଲା ।

ବର୍ତମାନ ପ୍ରଶ୍ନ ଉଠୁଛି ଯେ ଏହି ତଥାକଥିତ ଆକ୍ଟିଭିଷ୍ଟ ମାନଙ୍କୁ ଏହି କାମରେ କିଏ ଲଗାଇଛି । ଏହି ଆକ୍ଟିଭିଷ୍ଟ ମାନଙ୍କୁ କେବେ କେହି ତିବତରେ ଲାଲ ଚୀନର ମାନବିକ ଅଧିକାର ଉଲ୍ଲଂଘନ ସମ୍ପର୍କରେ ପ୍ରଶ୍ନ କରିବାର ଦେଖିଛନ୍ତି ? ଯଦି ନାହିଁ ତେବେ ସେମାନେ ଭାରତ ବିରୋଧୀ ଅପପ୍ରଚାରରେ କାହିଁକି ସାମିଲ ହେଉଛନ୍ତି ? ଏହି ଭାରତ ବିରୋଧୀ ବୈଶ୍ୱିକ ଷଡଯନ୍ତ୍ର ପଛରେ କିଏ ରହିଛି ? ପ୍ରସିଦ୍ଧ ବିଦ୍ୱାନ ରାଜୀବ ମାଲହୋତ୍ରା ତାଙ୍କର ପ୍ରସିଦ୍ଧ ପୁସ୍ତକ ବ୍ରେକିଂ ଇଣ୍ଡିଆରେ ଏହି ଭାରତ ବିରୋଧୀ ଶକ୍ତି ମାନଙ୍କ ବିଷୟରେ ବିସ୍ତାରରେ ଉଲ୍ଲେଖ କରିଛନ୍ତି । ଭାରତ ଉପରେ ଏଭଳି ଆକ୍ରମଣ ଜାରୀ ରହିବ ଏହା ନିଶ୍ଚିତ । ତେଣୁ ଭାରତର ଲୋକ ମାନଙ୍କୁ ଏଭଳି ବୈଶ୍ୱିକ ଷଡଯନ୍ତ୍ର ସମ୍ପର୍କରେ ଜାଣିବା ସହ ଭାରତ ସରକାରଙ୍କୁ ମଧ୍ୟ ଏମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମୟ ଆସିଛି ।

# ବେସରକାରୀ ଡାକ୍ତରଖାନାର ଅଗ୍ନିକାଣ୍ଡ



**ଶ୍ୟାମସୁନ୍ଦର ସାମଲ**

କିଛି ବର୍ଷ ତଳେ ଭୁବନେଶ୍ୱରର ଏକ ବଡ଼ ବେସରକାରୀ ଡାକ୍ତରଖାନାରେ ନିଆଁ ଲାଗିଥିଲା। କଥାରେ ଅଛି ନିଆଁ ଲାଗିଲେ ଧୂଆଁ ଉଠିବା ପରି କିଛିଦିନ ହୋ ହଲ୍ଲା, ତୁନ୍ଦି ତୋଫାନ ଚାଲେ। ଗଣମାଧ୍ୟମରେ ବଡ଼ ବଡ଼ ଖବର ପ୍ରକାଶ ପାଏ, ତଦନ୍ତ ହୁଏ, ଅନେକ ପ୍ରତିଶ୍ରୁତି ମିଳେ ତାପରେ ସବୁ ଚୁପ୍‌ଚାପ। କଟକରେ ମଧ କିଛିଦିନ ତଳେ ଜଗତ୍‌ପୁର ଏକ ଘରୋଇ ହସ୍ପିଟାଲରେ ବ୍ୟାପକ ଭାବରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଥିଲା। ତେବେ ବଡ଼କଥା ହେଉଛି ଅଗ୍ନିନିର୍ବାପକ ପ୍ରମାଣପତ୍ର ବିନା ଅନେକ ବେସରକାରୀ ଡାକ୍ତରଖାନା ଚାଲୁଥିଲେ ମଧ ଉତ୍ତରଦାୟିତ୍ୱ ନେବାକୁ ଇଏ ତା ମୁଣ୍ଡରେ, ସିଏ ଆ ମୁଣ୍ଡରେ ଦାୟିତ୍ୱ ଖସି ନିଜ ନିଜ ବାଟରେ ସୁରକ୍ଷିତ ରହିବା ପାଇଁ ସମସ୍ତେ ଚାହାଁନ୍ତି କିନ୍ତୁ ସମସ୍ତେ ଭୁଲି ଯାଉଛନ୍ତି ରୋଗୀଙ୍କ ଜୀବନ ଏହି ଅଗ୍ନିକାଣ୍ଡରେ ବାଜି ଲାଗୁଛି। ହଜାର ବର୍ଷର ସହର ଏହି କଟକ, କଟକ ବଡ଼ଡାକ୍ତରଖାନାକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ଅନେକ ଉଦ୍ୟମ କରୁଛନ୍ତି। ତେବେ କଟକର ବାଉନ ବଜାର ତେପନ ଗଳି ଭିତରେ ବ୍ୟବସ୍ଥା ହେଉଛି ଗୋଟିଏ ସୁସ୍ପଷ୍ଟ ଏଠାରେ ଯେତେ ନାମିଦାମୀ ଘରୋଇ ଡାକ୍ତରଖାନା ଛତୁ ଫୁଟିବା ପରି ଖୋଲିଛି ସେମାନେ ନିଜର ଅଗ୍ନି ନିର୍ବାପକ ବ୍ୟବସ୍ଥା ତ ଦୂରର କଥା ସାମାନ୍ୟତମ ସରକାରୀ ନୀତି ନିୟମକୁ ମାନୁନାହାଁନ୍ତି। ଗୋଟିଏ ବଡ଼ ଘରୋଇ ଡାକ୍ତରଖାନା ପ୍ରତିଷ୍ଠା ପରେ ଏହାର ବର୍ହିସ୍ଥାନ ଓ ରାସ୍ତାକୁ ବାହାରିବା ଓସାରିଆ ପ୍ରଶସ୍ଥ କ୍ଷେତ୍ର ଦରକାର। କଟକର କେତୋଟି ବଡ଼ ବଡ଼ ଘରୋଇ ଡାକ୍ତରଖାନା ଏ ନିୟମକୁ ମାନୁଛନ୍ତି କହିପାରିବେ କି ? କୋଟି କୋଟି ଟଙ୍କା ଲାଭ କରୁଥିଲେ ବି ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ନିଜ ବ୍ୟବସ୍ଥାରେ ଇଲେକ୍ଟ୍ରିକ ଜ୍ଞାନଥିବା କୌଣସି କର୍ମଚାରୀ ରଖନ୍ତି କି ? ଘରୋଇ ଡାକ୍ତରଖାନାଟି ଖୋଲିଲା ବେଳେ ସେମାନେ ଏହାର ଚାରିପଟର ପ୍ରଶସ୍ଥ ରାସ୍ତା କେବେ ଚିନ୍ତା କରିଛନ୍ତି କି ? ଘରୋଇ ଡାକ୍ତରଖାନାମାନେ ଆମ୍ବୁଲାନ୍ସ ପରି ଜରୁରୀ ବ୍ୟବସ୍ଥାର ଗାଡ଼ି ଭାବେ ଦମକଳ ଗାଡ଼ି ଯିବା ପାଇଁ ନିଜର ବ୍ୟବସ୍ଥା ରଖିବା କଥା କିନ୍ତୁ ଏ ସବୁ ବିନା ଫାୟାର ଏନ୍‌ଓସିରେ ଚାଲିଛି। ଏପରିକି ଆଇସିୟୁ ବେଡ଼ ଓ ଭେଣ୍ଟିଲେଟର ପରି ଦାମୀ ଚିକିତ୍ସା ଯୋଗାଇ ମୋଟା ଅଙ୍କ ରୋଜଗାର କରୁଥିବା ଏହି ମେଡ଼ିକାଲ କର୍ତ୍ତୃପକ୍ଷ ଅନେକ ଏନ୍‌ଓସିରେ ଚାଲୁଛି। କଟକରେ ବିନା ଫାୟାର ଏନ୍‌ଓସିରେ କେତେ ଡାକ୍ତରଖାନା ଚାଲୁଛି ତାହା ବିଭାଗୀୟ କର୍ତ୍ତୃପକ୍ଷ ତଥ୍ୟ ରଖିଛନ୍ତି କି? ଏମାନଙ୍କୁ ଅନୁମତି ଦେଉଛନ୍ତି କିଏ? ଏ କ୍ଷେତ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିଲେ ବି ରୋଗୀଙ୍କ ଜୀବନ ବିପନ୍ନ କରୁଥିବା ଏପରି କର୍ତ୍ତୃପକ୍ଷଙ୍କ ଠାରୁ ଉତ୍ତର ଦାୟିତ୍ୱ କ’ଣ ପାଇଁ ମଗାଯାଉନାହିଁ? ୨୦୧୭ରେ ନୂଆ ନିୟମ ପରେ ବି କଟକରେ ବିନା ପ୍ରମାଣପତ୍ରରେ ବହୁ ଘରୋଇ ଡାକ୍ତରଖାନା ଖୋଲିଛି। ହେଲେ ସିଡ଼ିଏମ୍‌ଓ ବା ଅଗ୍ନିଶ୍ରମ ବିଭାଗ ଏହାର ତଦାରଖ କରୁନାହାଁନ୍ତି। ୨୦୧୯ରେ କ୍ଲିନିକାଲ ଏଷ୍ଟାବିଲିସ୍‌ମେଣ୍ଟର ଅଗ୍ନି ନିରାପତ୍ତା ପାଇଁ କେତେକ ନିୟମର ସଂଶୋଧନ କରାଯାଇଥିଲା। ମେଡ଼ିକାଲ କୋଠାର ଉଚ୍ଚତା ଅତିକମ୍‌ରେ ୧୨ ମିଟର ଦରକାର ପଡୁଥିବା ବେଳେ ତିନି ଫ୍ଲୋର ବ୍ୟବସ୍ଥା ଥିବା ଘରୋଇ ମେଡ଼ିକାଲ କର୍ତ୍ତୃପକ୍ଷ ଅଗ୍ନି ନିର୍ବାପକ ଗାଡ଼ି ଯାଇପାରିବାର ବ୍ୟବସ୍ଥା ରଖିବା କଥା। ତେବେ ଫାୟାର ଏନ୍‌ଓସି ଅପରିହାର୍ଯ୍ୟ ହୋଇଥିବାବେଳେ ଅନ୍ୟପଟେ ଯଦି ସମସ୍ତ ସୁବିଧା ଥାଇ ମେଡ଼ିକାଲ ୩୦ ଶଯ୍ୟା ବିଶିଷ୍ଟ ହୋଇଥିବ ଆଉ ଆଇସିୟୁ ନଥିବ ତେବେ ସେହି ହସ୍ପିଟାଲ ପାଇଁ ଫାୟାର ଏନ୍‌ଓସି ଆବଶ୍ୟକ ପଡ଼ିବ ନାହିଁ ବୋଲି ନିୟମ ରହିଛି। କଟକରେ ପାଞ୍ଚଟି ବଡ଼ ହସ୍ପିଟାଲ ବାଦ ଶତାଧିକ ନର୍ସିଂହୋମ ରହିଛି। ଯେଉଁଠି ୩୦ରୁ ଅଧିକ ଆଇସିୟୁ ରହିଥିଲେ ବି ସେମାନଙ୍କର ଫାୟାର ଏନ୍‌ଓସି ନାହିଁ। ଏହି ନିୟମ କୋହଳ କରିବା ପାଇଁ ୨୦୧୮ ମସିହାରେ କଟକର ଘରୋଇ ମେଡ଼ିକାଲ ସଂଘ ହାଇକୋର୍ଟ ଯାଇଥିଲେ। କଟକ ଏକ ପୁରାତନ ସହର ଓ ଗଳିକନ୍ଦି ଭିତରେ ରହିଥିବାରୁ ଏହି ନିୟମ କୋହଳ ପାଇଁ ସେମାନେ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ବି ଏ ମାମଲା ବିଚାରଧୀନ ରହିଛି। କଟକ ଜିଲ୍ଲାରେ ୩୩୨ଟି ନର୍ସିଂହୋମ ଓ ପାଥୋଲାବ ରହିଛି। ତାଙ୍କ ଭିତରୁ ୮୬ଟି ସଂସ୍ଥା ବନ୍ଦ କିନ୍ତୁ ବାକି ୨୪୬ଟିରୁ ମାତ୍ର ୭ଟିର ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ରହିଛି। ୨୩୯ଟି ନର୍ସିଂହୋମ, ପାଥୋଲାବ ବିନା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଚାଲିଥିବାବେଳେ ଅଦାଲତି ପ୍ରକ୍ରିୟାରେ ସବୁଠି କାର୍ଯ୍ୟାନୁଷ୍ଠାନ ଅଟକି ରହିଛି। ଅଗ୍ନି ନିରାପତ୍ତା ପ୍ରମାଣପତ୍ରକୁ ନେଇ ହାଇକୋର୍ଟରେ ମାମଲା ବିଚାରଧୀନ ଥିବାବେଳେ କଟକର ସିଡିଏମ୍‌ଓ ଏହି ପ୍ରମାଣପତ୍ରକୁ ନେଇ ରହିଥିବା ଅନ୍ତରୀଣ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ କୋର୍ଟରେ ଆବେଦନ କରିଛନ୍ତି। ୨୦୧୭ର ଗୃହ ବିଭାଗ ଗାଇଡ୍ ଲାଇନକୁ ୨୦୧୯ରେ ପରିବର୍ତ୍ତନ କରାଯାଇଛି। ସେହି ନୂଆ ଆଇନ ଅନୁସାରେ ଅଗ୍ନିଶ୍ରମ ବିଭାଗ ନିଜ ପକ୍ଷରୁ ଅଭିଯୋଗ ଆସୁଥିବା ଅଥବା ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଆଇନଗତ ପଦକ୍ଷେପ ନେଇପାରିବେ। କିନ୍ତୁ କଟକରେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ୭୯ରୁ ଅଧିକ ଅନୁଷ୍ଠାନ ଲାଇସେନ୍ସ ନବୀକରଣ ପାଇଁ ଆବେଦନ କରିନାହାଁନ୍ତି। ନୂଆ ବ୍ୟବସ୍ଥା ଅନୁସାରେ ନବୀକରଣ ପାଇଁ ଅନ୍‌ଲାଇନ ଆବେଦନ ବ୍ୟବସ୍ଥା ରହିଛି। ସବୁକିଛି କେବଳ କାଗଜ କଲମରେ ଚାଲିଥିବାବେଳେ ରୋଗୀ ମାନଙ୍କ ଧନଜୀବନକୁ ଗୁରୁତ୍ୱ ଦିଆଯାଉନାହିଁ। ମୋଟା ଅଙ୍କ ରୋଜଗାର କରୁଥିବା ଏହି ବେସରକାରୀ ଡାକ୍ତରଖାନା ଉପରେ ଲଗାମ ଲାଗାଇବା ଖୁବ୍ ଜରୁରୀ ହୋଇପଡ଼ିଛି।

+ବିଡ଼ାନାସୀ ବନ୍ଧଛକ, କଟକ,
ଦୂରଭାଷ : ୯୭୭୮୬୩୫୯୨୬

## କବିତା କୋଣାର୍କ

### ବସନ୍ତ...

**ଧ୍ରୁବ ଚରଣ ବେହେରା**



ବସନ୍ତ ଆଣିବ ଶୋଭାର ସମ୍ଭାର
କୋଇଲି ଗାଇବ ଗୀତ
ମଧୁର ରାଗିଣୀ ପ୍ରେମ ଭରିଦେବ
ଫଗୁଣ ସାଜିବ ମିତ ।

ବଉଳ ମହକ ପୂରିବ କାନନେ
ସୁରଭି ମୂର୍ଚ୍ଛନା ସୁରେ
ନବ ପଲ୍ଲବିତେ ତରୁ ଲତା ସବୁ
ହସିବେ ମଳୟ ପୁରେ ।

ରଙ୍ଗର ଓଢଣି ନାଇବ ଧରଣୀ
କୁସୁମ ଶେଯରେ ହସି
ସବୁଜ ସୁନ୍ଦରେ ଫୁଟିବ ତା ତନୁ
ସବୁରି ମନକୁ ତୋଷି ।

ସତେ ନୂଆ ବୋହୁ ଆସିଛି ଧରାକୁ
ଶୃଙ୍ଗାରେ ସଜାଇ ହୋଇ
ପ୍ରଜାପତିଙ୍କର ଲାଗିଯିବ ଭିଡ
ଏମିତିକା ବଧୂ ପାଇ ।

ଫୁଲ ବନ ଧାରେ ଭ୍ରମରେ ଭ୍ରମିବେ
ହରସେ ମଧୁ କାନନେ
ବସନ୍ତ ଲେଖିବ ପୀରତି କବିତା
ଅବନୀ ସ୍ମୃତି ଗୁଞ୍ଜନେ ।

ଆହା କି ଶୃଙ୍ଗାର ଋତୁମତୀ ସ୍ୱର
ମିଠା ମିଠା ତା ପଣତ
ରମ୍ୟ ନାୟିକା ସେ ଷଡ ମଧ୍ୟେ ସାର
ଏହି ସେ ଚିର ବସନ୍ତ ।

+ଭାରତୀୟ ସାମରିକ ସେବା
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪

### ମାତୃତ୍ୱର ଅଭିଳାଷା...

**ତପନ ସାହୁ**



ମୁଁ ଦିନେ ସନ୍ଧ୍ୟା ବେଳେ ଭ୍ରମଣରେ
ମୋ ସାଥେ ଚାଲୁ ଥାଆନ୍ତି
ଦୁଃଖ ଓ ଯନ୍ତ୍ରଣା
ଖାଲି କୋଳର ପୂର୍ଣ୍ଣତା ରେ
କେତେ ଯେ ଗୁହାରୀ,
ମିନତୀ, ପ୍ରାର୍ଥନା !

ଅଚାନକ ବାଦଲ ଗର୍ଜିଲା,
ବିଜୁଳି ଚମକିଲା
ବର୍ଷାର ଆଗମନ ହବ ବୋଧେ
ଥିରି ଥିରି ଥଣ୍ଡା ପବନରେ
ଦେହ ମୋର ଥରିଲା ... !

ଅଳିଆ ଗଦା ରୁ କୁଆଁ କୁଆଁ ଶବ୍ଦ
ମୋ ଜଡ କାନରେ
ଜୀବନ ଭରିଦେଲା
ମାତୃତ୍ୱର ଅଭିଳାଷା ଧାଡ଼ିରେ
ପୂର୍ଣ୍ଣଛେଦ ର ମୁହୂର୍ତ୍ତ !

ଢଳ ଢଳ ଆଖି ଯୋଡ଼ା
ଆକାଶ ମୁହାଁ
ଦେହ ଭୋଗୁଥାଏ ପିମ୍ପୁଡ଼ି ସାଥେ
ସେମାନଙ୍କ ଭୋକିଲା ପେଟର
କଷ୍ଟ ସବୁକୁ
ଆଉ ମୃତ୍ୟୁ ବି ଭିକାରୀ ବେଶରେ
ମାଗୁଥାଏ ଜୀବନର ଭିକ୍ଷା !

ବଗିଚାର ଫୁଲଟେ ପରି
ତୋଳିନେଲି ହାତରେ
ଚାପି ଧରିଲି ଛାତିରେ
ଓଠ ପିଉଥାଏ ମାତୃତ୍ୱର ଅମୃତ
ତୃଷା ମେଣ୍ଟିବା ଯାଏଁ ... !

ମନେ ମନେ ଭାବୁଥାଏ
କିଏ ସେ ମା’
ଫିଙ୍ଗିଦେଲା ତା’ ପାପର ଫାଳେ ଅଂଶ
ମୋ ପୂଣ୍ୟତାର ଆଶୀର୍ବାଦ
ପ୍ରାପ୍ତି ପାଇଁ
ନା ଆଉ କିଛି ଅଛି ... ?
ଗୋପନ କଥା
ମାତୃତ୍ୱର ଅଭିଳାଷା ପଛେ ... !

+ବେଲଗାଁ,କଳାହାଣ୍ଡି
ମୋ.୯୦୧୯୩୧୧୮୬୮





# ନୀଳକମଳ



ମୂଳ ରଚନା: ଦୌଲତ ପାଣ୍ଡେ
ଅନୁବାଦ: ଡ. ସନାତନ ମହାନ୍ତି

ହିମାଳୟର ଗଭୀର କନ୍ଦରରେ କ୍ଷୁଦ୍ର କ୍ଷୁଦ୍ର ତରଙ୍ଗରେ ଆନ୍ଦୋଳିତ ଏକ ହ୍ରଦରେ ଏକଦା ଏକ ନୀଳପଦ୍ମ ଫୁଟିବାର ଦେଖାଗଲା। ଏପରି ସୁନ୍ଦର ଫୁଲ ସତରେ ବିରଳ ଥିଲା। ଅପରୂପ ଶୋଭାମଣ୍ଡିତ ନୀଳପଦ୍ମଟିକୁ ହ୍ରଦଜଳରେ ଦେଖି ଉପରେ ନୀଳ ଆକାଶ ବି ଲାଜରେ ରକ୍ତିମ ବର୍ଣ୍ଣ ଧାରଣ କଲା। ଆଶ୍ଚର୍ଯ୍ୟଚକିତ ମେଘମାଳା ମଧ୍ୟ ଫୁଲଟିକୁ ଦେଖିବାପାଇଁ ଦୀର୍ଘ ସମୟ ପାହାଡ଼ ଚୂଡ଼ାରେ ଭାସି ବୁଲୁଥିଲେ। ନୀଳପଦ୍ମର ସ୍ୱଭାବ ସୁଲଭ ଅଙ୍ଗ ଯେ କେବଳ ସୁନ୍ଦର ଥିଲା ତାହା ନୁହେଁ, ତା ମନରେ ଟିକିଏ ହେଲେ ବି ଗର୍ବ ନଥିଲା। ନିଜର ସ୍ୱର୍ଣ୍ଣାଭ ଗର୍ଭରେ ସଂଚିଥିବା ମଧୁର ମଧୁ ଯେପରି ମହୁମାଛିମାନେ ଅକ୍ଲେଶରେ ସଂଗ୍ରହ କରି ପାରିବେ ସେଥିପାଇଁ ସେ ତାର ପାଖୁଡ଼ାଗୁଡ଼ିକୁ ମୁକୁଳା ରଖିବାକୁ ପସନ୍ଦ କରୁଥିଲା। କୁନି କୁନି ଚଢ଼େଇମାନେ ତା ଡେମ୍ଫରେ ବସି ଗୀତ ଶୁଣାଇଲେ ସେ ଖୁସି ହେଉଥିଲା। ଏପରିକି, ଫୁଲଟିର ଆକର୍ଷଣରେ ଠେକୁଆମାନେ ହ୍ରଦର ତଟ ପର୍ଯ୍ୟନ୍ତ ଯାଇ ବିରାଟ ସବୁଜ ପଦ୍ମପତ୍ରଗୁଡ଼ିକୁ ଟୁକି ଟୁକି ଖାଇବାକୁ ଭୟ କରୁନଥିଲେ। ଗଧିଆ ଓ ପାହାଡ଼ୀ ଭାଲୁମାନେ ମଧ୍ୟ ନିଜ ନିଜର ଗୋପନ କାହାଣୀମାନ ତା’ ଆଗରେ ବଖାଣୁଥିଲେ।

କାଳକ୍ରମେ ନୀଳକମଳ ବିବାହଯୋଗ୍ୟ ହେଲା। ତା ବାପା, କମଳବନର ରାଜା ତା’ ପାଇଁ ସୁନ୍ଦର ଓ ଯୋଗ୍ୟ ପାତ୍ରଟିଏ ଖୋଜିବାପାଇଁ ଦୂରଦୂରାନ୍ତରୁ ଦୂତ ପଠାଇଲେ। ରାଜାଙ୍କ ଆଦେଶରେ ଈଗଲ ଓ ବାଜପକ୍ଷୀମାନେ ଉଚ୍ଚତମ ପାହାଡ଼ ଚୂଡ଼ାରେ ଉଡ଼ି ନିଜ ନିଜର ତୀକ୍ଷ୍ଣ ଦୃଷ୍ଟିରେ ନୀଳକମଳ ପାଇଁ ବରପାତ୍ର ଖୋଜିବାରେ ଲାଗିଲେ। ପର୍ବତ କନ୍ଦରରେ ଯେତେ ସବୁ ନଦୀ, ନାଳ ଆଉ ହ୍ରଦ ଥିଲା ସେଥିରେ ବୁଡ଼ି ମାଛରଙ୍କା ଚଢ଼େଇମାନେ ବର ଖୋଜିବାରେ ଲାଗିଲେ। ରାଜାଙ୍କ ଆଜ୍ଞାରେ ଠେକୁଆମାନେ ଗହୀର ଗାତମାନ ଖୋଳି ପାତାଳପୁରରେ ବର ସନ୍ଧାନ କରିବାରେ ଲାଗିଲେ। ଅନ୍ୟ ପ୍ରାଣୀମାନେ ମଧ୍ୟ ଅସମ୍ଭବ, ସମ୍ଭବ ସମସ୍ତ ସ୍ଥାନ ବୁଲି ପାତ୍ର ଖୋଜିବାରେ ଲାଗିଲେ। ମାତ୍ର ବିଚାରୀ ନୀଳକମଳର ଜୀବନ ସାଥୀ ହେବାପାଇଁ ଆଉ ଏକ ସୁନ୍ଦର ନୀଳକମଳର ସନ୍ଧାନ କେଉଁଠି ହେଲେ ମିଳିଲା ନାହିଁ। ନିରାଶ ହୋଇ ରାଜକନ୍ୟା ନିରବରେ ଲୁହ ଗଡ଼ାଇବାରେ ଲାଗିଲା। ଶେଷରେ କୌଣସି ଏକ ପାଟଳ ବର୍ଣ୍ଣର ପଦ୍ମକୁମାର ସହିତ ତାହାର ବିବାହ କରାଇ ଦେବାକୁ ସେ ବିନୀତ ଭାବେ ରାଜାଙ୍କୁ ନିବେଦନ କଲା। ମାତ୍ର ରାଜା ଏ ପ୍ରସ୍ତାବରେ ରାଜି ହେଲେ ନାହିଁ।

କ୍ରମେ ବସନ୍ତ ଋତୁର ଅନ୍ତ ହେଲା। ଧରାପୃଷ୍ଠରେ ନିଦାଘର ରାଜୁତି ଆରମ୍ଭ ହେଲା। କେତେକ ଉଦ୍ଭିଦ ବିଜ୍ଞାନୀ ବିରଳ ବୃକ୍ଷଲତା ଓ ଫୁଲଫଳ ସନ୍ଧାନରେ ହିମାଳୟର ବନସ୍ଥଳୀରେ ପ୍ରବେଶ କଲେ। ଜଙ୍ଗଲରେ ବୁଲି ବୁଲି କ୍ଲାନ୍ତହୋଇ ସେମାନେ ହ୍ରଦ କୂଳରେ ପହଂଚିଲେ। ନୀଳ କମଳକୁ ଦେଖି ତାହାର ଶୋଭାରେ ସେମାନଙ୍କ ଆଖି ଲାଖିଗଲା। ଭୋକ, ଶୋଷ ଓ କ୍ଲାନ୍ତି ଭୁଲି ସେମାନେ ଫୁଲ ଗଛଟିକୁ ମୂଳରୁ ଉପାଡ଼ି ନେଇଯିବା ପାଇଁ ପ୍ରସ୍ତୁତିରେ ଲାଗିପଡ଼ିଲେ। ଏହାଦେଖି ଭୟଭୀତ ନୀଳକମଳର ଉଜ୍ଜଳ ବର୍ଣ୍ଣ ଫିକାପଡ଼ିଗଲା। ତା’ର ପ୍ରତ୍ୟେକଟି ପାଖୁଡ଼ା ସାହାଯ୍ୟ ପାଇଁ ବିକଳରେ ଚିତ୍କାର କଲା। ବଣଭୂଇଁର ଜୀବଜନ୍ତୁମାନେ ରାଜକୁମାରୀକୁ ଖୁବ୍ ଶ୍ରଦ୍ଧା କରୁଥିଲେ। ତାର ବିକଳ ଚିତ୍କାର ଶୁଣି ତାକୁ ସାହାଯ୍ୟ କରିବା ପାଇଁ ସମସ୍ତେ ହ୍ରଦକୂଳକୁ ଧାଇଁବାରେ ଲାଗିଲେ। ମା’ ଭାଲୁ ତା’ର ଅନଧିକାର ପ୍ରବେଶକାରୀ ବିଜ୍ଞାନୀମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ। ଅକ୍ଳାନ୍ତ ପରିଶ୍ରମ କରି ସେମାନେ ଯେଉଁସବୁ ଗଛ ଓ ମଂଜି ଆଦି ସଂଗ୍ରହ କରିଥିଲେ, ଉଦ୍ଭିଦବିଜ୍ଞାନୀମାନେ ବ୍ୟତିବ୍ୟସ୍ତ ହୋଇ ଜୀବନ ବିକଳରେ ସ୍ଥାନଛାଡ଼ି ପଳାଇଲେ। ସହରବାସୀମାନେ ସେମାନଙ୍କଠାରୁ ଏପରି ଏକ ଅଦ୍ଭୁତ ନୀଳପଦ୍ମ ଥିବାର ଶୁଣିଲେ, ମାତ୍ର ବିଶ୍ୱାସ କରିପାରିଲେ ନାହିଁ।

ରାଜକୁମାରୀ ନୀଳକମଳର ଜୀବନ ସିନା ରକ୍ଷା ହୋଇଗଲା, ମାତ୍ର ତାର ଅନିନ୍ଦ୍ୟ ଶୋଭା ଚିରକାଳ ପାଇଁ ଲୋପ ପାଇଗଲା। ଭୀତତ୍ରସ୍ତ ରାଜକୁମାରୀ ତାହାର ଉଜ୍ଜ୍ୱଳ ନୀଳ ବର୍ଣ୍ଣ ଚିରକାଳ ପାଇଁ ହରାଇଲା। ଅନ୍ୟ ସାଥୀ ପଦ୍ମଫୁଲମାନଙ୍କ ପରି ତାର ସବୁଜ ମିଶା ଧଳା ହୋଇଗଲା। ମାତ୍ର ତା’ର ଜୀବନ ରକ୍ଷା ହୋଇ ଯାଇଥିବାରୁ ସେ ଆଶ୍ୱସ୍ତ ହେଲା। ତା’ ଉପରେ ଆଉ କେହି ନଜର ପକାଇଲେ ନାହିଁ। ତା’ ବାପା ତା’ର ବିବାହ ଲଗ୍ନ ସ୍ଥିର କରିଦେଲା। ନୀଳକମଳର ଏପରି ଦୁର୍ଦ୍ଦଶା ଦେଖି ଭଦଭଦଳିଆ ପକ୍ଷୀଟି ନାଇଟିଙ୍ଗେଲକୁ କହିବାର ଶୁଣାଗଲା - ‘ଅତି ବେଶୀ ସୁନ୍ଦର ହେବା ସତରେ ବିପଜ୍ଜନକ।’



କାର୍ତ୍ତିକ ସାହୁ

# ବିଜ୍ଞାନ ଟୁଙ୍ଗି - ୩୦

## ଆପୋଲୋ ପ୍ରୋଗ୍ରାମ(ଖ)



କଳିଙ୍ଗ ବିଶ୍ୱବିଦ୍ୟାଳୟରେ ମଣିଷର ମହାକାଶ ଯାତ୍ରା କଥା ଆଲୋଚନା ଚାଲିଥିଲାବେଳେ ପ୍ରଫେସର୍ ଚନ୍ଦ୍ରଶେଖରଙ୍କୁ ଜଣେ ଛାତ୍ରୀ ଏହି ପ୍ରଶ୍ନଟି ପଚାରିଥିଲା । ସେ ପ୍ରଶ୍ନଟି ବେଶ୍ ଭଲ ଥିଲା । ସମ୍ଭବତଃ ସେ ପ୍ରଶ୍ନ ସେଠାରେ ଥିବା ସମସ୍ତଙ୍କ ମନରେ ଥିଲା ।

-ପ୍ରଫେସର୍ ସାର୍, ଆଜି ମଣିଷ ବିଜ୍ଞାନ କ୍ଷେତ୍ରରେ କେତେ ଅଗ୍ରସର କରିଛି ? ବିଜ୍ଞାନର ବିଭିନ୍ନ ଦିଗରେ ମଣିଷ ଅଭୂତପୂର୍ବ ସଫଳତା ପାଇଛି । କୁମେରୁଠାରୁ ସୁମେରୁ ପର୍ଯ୍ୟନ୍ତ ପୃଥିବୀର ସବୁ ଜାଗା ବୁଲି ସାରିଲାଣି ମଣିଷ । ଅନେକ ଉନ୍ନତ ଯାନ, ରକେଟ ଓ ଉଡ଼ାଜାହାଜ ମଣିଷକୁ ପୃଥିବୀର ଗୋଟେ ପାଖରୁ ଅନ୍ୟ ପାଖକୁ ସହଜରେ ଓ ଅଳ୍ପ ସମୟରେ ନେଇଯାଉଛି । ମହାକାଶ ଯାତ୍ରା ଲାଗି ସେ ସବୁ ପ୍ରଯୁକ୍ତିବିଦ୍ୟା ଓ ଟେକ୍ନୋଲୋଜିର ପ୍ରୟୋଗ କରାଗଲେ ମହାକାଶ ଯାତ୍ରା ସହଜ ହୋଇପାରନ୍ତା । ମାତ୍ର ଏହା ହୋଇ ପାରୁନି କାହିଁକି ? ଛାତ୍ରୀଙ୍କ ପ୍ରଶ୍ନ ଭାବଗର୍ଭକ ଥିଲା । ପ୍ରଫେସର ଚନ୍ଦ୍ରଶେଖର ଚୁପ୍ ରହି କିଛି ସମୟ ଭାବିଲେ । ସମ୍ଭବତଃ ଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ସହଜ ଭାଷାରେ ଦେବାକୁ ସେ ଚିନ୍ତା କରୁଥିଲେ ।

- ଭଲ ପ୍ରଶ୍ନଟିଏ ପଚାରିଲ । ମୁଁ ଏହାର ଉତ୍ତର ଏହିପରି ଦେବି । ପ୍ରଫେସର ତାଙ୍କର ବକ୍ତବ୍ୟ ଆରମ୍ଭ କଲେ ।

-ଆମ ପୃଥିବୀ ଉପର ପରିସ୍ଥିତି ଓ ମହକାଶର ପରିସ୍ଥିତିରେ ଏକ ବଡ଼ ପାର୍ଥକ୍ୟ ଅଛି । ସେ ବଡ଼ ପାର୍ଥକ୍ୟଟି ହେଉଛି ମାଧାକର୍ଷଣ ଶକ୍ତି । ମହାକାଶର ଶୂନ୍ୟତା ସହିତ ମାଧାକର୍ଷଣ ଶକ୍ତି ହୀନତା ହିଁ ସେଠାରେ କୌଣସି କାମ ବା ସାଧାରଣ କାମ କରିବାକୁ ପ୍ରତିବନ୍ଧକ ସୃଷ୍ଟି କରେ । ଆମେ ପୃଥିବୀ ଉପରେ ଯେତେ ସହଜରେ ଅନେକ କାମ କରିପାରୁ, ମହାକାଶରେ ତାହା ସମ୍ଭବ ହୋଇନଥାଏ ।

ଆଗକୁ ଆଗକୁ ଆମେ ସେ ସମ୍ପର୍କରେ ଅଧିକ ଜାଣିବା । ମହାକାଶରେ ରକେଟ୍, ଉପଗ୍ରହ ଓ ମହାକାଶଯାତ୍ରୀଙ୍କ ଜୀବନ ସହଜ ନଥାଏ । ଆମେ ନିଶ୍ଚୟ ସେ ସଂପର୍କରେ ଆଲୋଚନା କରିବା ।

ଜୁନମାସ, ୧୯୬୨ ମସିହାରେ ଆମେରିକା ଚନ୍ଦ୍ରକକ୍ଷରେ ହେବାକୁ ଥିବା ମହାକାଶ ଯାନ ମିଳନ (**Rendezvous**) କାର୍ଯ୍ୟକ୍ରମ ଆରମ୍ଭ କଲା । ଚନ୍ଦ୍ରକୁ ଯିବାକୁ ଥିବା ମହାକାଶ ଯାନକୁ ପ୍ରଥମେ ପୃଥିବୀର କକ୍ଷକୁ ନିଆଯିବାର ଯୋଜନା ହେଲା । ଏହାପରେ ଏହି ଯାନକୁ ନେଇ ଚନ୍ଦ୍ରର କକ୍ଷରେ ପହଞ୍ଚାଇବା ଦରକାର । ଚନ୍ଦ୍ରକକ୍ଷରେ ଚନ୍ଦ୍ରିୟ ମଡ୍ୟୁଲ ଚନ୍ଦ୍ର ପୃଷ୍ଠକୁ ଦୁଇଜଣ ମହାକାଶଯାତ୍ରୀଙ୍କୁ (**Astronauts**) ନେଇ ଚନ୍ଦ୍ର ପୃଷ୍ଠରେ ପହଞ୍ଚାଇବା ଅନ୍ୟ ଦୁଇଟି ମଡ୍ୟୁଲ ଯଥା ଆଦେଶ ଓ ସେବା ମଡ୍ୟୁଲ (କମାଣ୍ଡ ଓ ସର୍ଭିସ୍ ମଡ୍ୟୁଲ) ଚନ୍ଦ୍ରକକ୍ଷରେ ରହିବେ । ତେଣୁ ମୋଟାମୋଟି ଭାବରେ ଚନ୍ଦ୍ର କକ୍ଷକୁ ମଣିଷକୁ ନେବାକୁ ଗୋଟେ ଶକ୍ତିଶାଳୀ ରକେଟ୍ ରହିବ ଯିଏ କି ମହାକାଶ ଯାନକୁ ନେଇ ପୃଥିବୀର କକ୍ଷରେ ଛାଡ଼ିବ । ମହାକାଶ ଯାନରେ ତିନୋଟି ମଡ୍ୟୁଲ ରହିବ- ଲୁନାର ମଡ୍ୟୁଲ (ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ଯାନ), ସର୍ଭିସ୍ ମଡ୍ୟୁଲ (ଯିଏକି ସବୁ ମଡ୍ୟୁଲଙ୍କୁ ସଂଯୋଗ କରିବ ଓ ଅନ୍ୟ ସବୁ ସୁବିଧା ଦେବ) ଓ କମାଣ୍ଡ ମଡ୍ୟୁଲ (ଏହା ଆଦେଶ ଦେବ, ପୃଥିବୀରୁ ଆଦେଶ ଗ୍ରହଣ କରିବ ଓ ସବୁ ମଡ୍ୟୁଲଙ୍କୁ ନିୟନ୍ତ୍ରଣ କରିବ) ।

ଆପୋଲ୍ ପ୍ରୋଗ୍ରାମ ଅନୁସାରେ ଏହି ଜାଗାରେ ତିନିଜଣ ମହାକାଶ ଯାତ୍ରୀ ଯିବେ । ଦୁଇଜଣ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବେ ଓ ଜଣେ ସର୍ଭିସ୍ ଓ କମାଣ୍ଡ ମଡ୍ୟୁଲରେ ରହି ଚନ୍ଦ୍ର କକ୍ଷରେ ବୁଲିବେ ।

ଯୋଜନା ସହଜ ଥିଲା । ମାତ୍ର ଏସବୁ ଯୋଜନାକୁ କାର୍ଯ୍ୟକରିବାକୁ ଆମେରିକାର ବୈଜ୍ଞାନିକ ଓ ଇଂଜିନିୟରମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିଥିଲା ।

(କ୍ରମଶଃ)
ଭ୍ରାମ୍ୟ: ୯୯୮୦୩୦୦୭୫୧

## କାରଣ ଖୋଜିଲେ..

ଶ୍ରୀ ସତ୍ୟବ୍ରତ ସାହୁ



ତାପ ବଢ଼ି ବଢ଼ି ଯାଉଛି
ବର୍ଷା କମି କମି ଆସୁଛି
କାରଣ ଖୋଜିଲେ ସଭିଏଁ କହନ୍ତି
ଗଛ ସଂଖ୍ୟା କମି ଯାଉଛି ।

ଲୋକସଂଖ୍ୟା ବଢ଼ି ଯାଉଛି
ଚାଷ ଜମି କମି ଯାଉଛି
ଘର ପାଇଁ ଜାଗା ଅଭାବ ହେବାରୁ
କ୍ଷେତେ ଘର ତୋଳା ଯାଉଛି ।

କଳ କାରଖାନା ବଢୁଛି
ରାସ୍ତାବି ଚଉଡା ହେଉଛି
ଏଥିରେ ବାଧକ ହୁଏ ଯେଉଁ ଗଛ
ତାକୁ କାଟି ଦିଆ ଯାଉଛି ।

ଘର ସଂଖ୍ୟା ବଢି ଯାଉଛି
ଦୋକାନ ବଜାର ବଢୁଛି
ଘରକରଣାକୁ ତିଆରିବା ପାଇଁ
ଗଛ ବଳି ପଡି ଯାଉଛି ।

ଧନୀ ହେବା ଲୋଭ ଘାରିଛି
ସମାଜ କଥା କେ ଭାବୁଛି
ଜଙ୍ଗଲର ଯେତେ ମୂଲ୍ୟବାନ ଗଛ
ସବୁ ଚୋରି ହୋଇ ଯାଉଛି ।
ଜାଳ ପାଇଁ ଗଛ ମରୁଛି
ଜଙ୍ଗଲରେ ନିଆଁ ଲାଗୁଛି
ଏମିତି ଅନେକ କାରଣ ପାଇଁକି
ଗଛ କମି କମି ଯାଉଛି ।

+ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

## କୁନି ଶିଳ୍ପୀଙ୍କ ତୂଳୀରୁ....



Name: Samrudhi Sriya, std-2, age-7
School: St.Vn. Convent School

## କହେ ସରଗଶଶୀ

ଅଶୋକ କୁମାର ପ୍ରଧାନ

ସରଗ ଶଶୀ ଆକାଶେ ବସି
କହୁଛି ହାତ ଠାରି
ଆସରେ ପିଲେ ଆମ ରାଇଜ
ଯିବରେ ବୁଲି କରି।

ପଠାଇ ଦେବି ମନ ଜାହାଜ
ତହିଁରେ ଯିବ ବସି
ଫୁର କିନା ଆସିବ ଉଡି
ସିଏରେ ହସିହସି।

ଆମ ରାଇଜ ବଣ ପାହାଡ
ବୁଲିବା ନଈନାଳ
ଖାଇବା ଆମେ କେତେ ଯେ କୋଳି
ଖଜୁରୀ ଆମ୍ବ ତାଳ।

ପଣସ ଗଛେ ଚଢି ଖାଇବା
ପାଚିଲା ତାର ଫଳ
ଜାମ କଦଳୀ ଖାଇବା ହସି
ବଢିବ ଦେହ ବଳ।

ନଈ ଝରଣା ଶୀତଳ ଜଳ
ପିଇବା ପେଟ ପୁରା
ଗଛ ଛାଇରେ ବସିବା ଆମେ
ହୋଇଲେ ଟାଣ ଖରା।

ସଞ୍ଜ ହୋଇଲେ ଆକାଶ ତାରା
ଗଣିବା ଗୋଟି ଗୋଟି
ଦେଖିବ କେତେ ସୁନ୍ଦର ଫୁଲ
ଗଛରେ ଯିବେ ଲୋଟି।

ଆମ ରାଇଜେ ନାହିଁ ରେ ନାହିଁ
ଗରବ ହିଂସା ଈର୍ଷା
ନିଇତି ଝରେ ଆମ ରାଇଜେ
ଅମୃତ ପ୍ରେମ ବର୍ଷା।

ସେନେହ ପ୍ରେମ ଶ୍ରଦ୍ଧା ମମତା
ସାଥିରେ ଯିବ ଧରି
ଭଲ ଭାବରେ ପଢିବ ପାଠ
ମନରେ ଶ୍ରଦ୍ଧା ଭରି।

ଦେଖିବ ଦିନେ ବଡ ହୋଇବ
ରହିବ ତୁମ ନାମ
ଦେଶ ଜାତିର ସୁନାମ ପାଇଁ
କରି ଯ ଭଲ କାମ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ-୮୨୪୯୧୧୯୧୩୦



## ଧନ ମୋର କାନ୍ଦନାରେ

କୁନା ଦଳେଇ

ଧନ ମୋର କାନ୍ଦନାରେ
ଅଝଟିଆ ହୁଅନାରେ
ମୋ ଆଖି ନିଦ ଚୋରାଇ ସୁଖେ
ଗହଳ ନିଦେ ଶୋଇଯାରେ
ଧନ ମୋର ... ଅଝଟିଆ ।

ଦୂର ଆକାଶୁ ଆସିବ ଖସି
କୋମଳ ଅଙ୍ଗେ ଶୀତଳ ଜ୍ୟୋସ୍ନା
ଝରାଇ ଯିବ ଶିଶିର ବିନ୍ଦୁ
ପରାଗେ ଭିଜା ବାଆରେ ,
ଧନ ମୋର .... ଅଝଟିଆ।

‘ ଆ ଆ ଜହ୍ନ ମାମୁଁ ଶରଦ ଶଶୀ
ମୋ ଧନ ହାତରେ ପଡ଼ରେ ଖସି
ଗେଲ କରି ଦେବୁ ଗାଲ ଆଉଁସି
ତୋତେ ପାଇ ଧନ ହୋଇବ ଖୁସି’
ନିଦ ମାଉସୀ ଆଣିବି ଡାକି
ସପନ ବୁଣି ଦେବ ଆଉଁସି
ରହିବି ରାତି ଉଜାଗରେ ମୋ
କୋଳରେ ଶୁଅରେ ।
ଧନ ମୋର... ଅଝଟିଆ।

ଯୋଉ କିଆରିରେ ଗହଳ ମାଣ୍ଡିଆ
ସେଇ କିଆରିରେ ଶୋ ଶୋ ।
ବୁଲିବୁ ଧନ ପରି ରାଇଜେ
ତାରା ଦୋଳିରେ ଝୁଲିବୁ ବସି
ସରଗ ନଈ ପରାଟି ତୁଠେ
ଖେଳିବୁ ପରୀ ସାଥିରେ ।

+ସାମପୁର,ବାଙ୍କୀ,କଟକ

## ନମଣ ତାକୁ ହୀନ

ସୁଦର୍ଶନ ମହାପାତ୍ର

ଛୋଟିଆ କଢି ଫୁଲଟେ ହୋଇ
ବିତରେ ପରା ବାସ
ଛୋଟିଆ ମଞ୍ଜି ଅଙ୍କୁରି ଉଠେ
ବଢି ହୁଅଇ ଗଛ ।

ଛୋଟ ଶିଶୁର ଦରୋଟି କଥା
ହୃଦୟ ଯାଏ ଛୁଇଁ
ଛୋଟିଆ ଝର ନଈଟେ ହୋଇ
ଆନନ୍ଦେ ଯାଏ ବହି ।

ଛୋଟିଆ ଏକ ମହମବତୀ
ଅନ୍ଧାର କରେ ଦୂର
ଛୋଟ ପକ୍ଷୀଟେ ଉଡେ ଯୋଜନ
ନଥାଏ ଭୟ ତା’ର ।

ମହୁମାଛିଟେ ଛୋଟିଆ ସିନା
ସଞ୍ଚୟେ ଧୁରନ୍ଧର
ବାଇ ଚଢ଼େଇ ଛୋଟିଆ ପକ୍ଷୀ
ଗଢେ ସୁନ୍ଦର ଘର ।

ସାତ ସମୁଦ୍ର ଲଂଘି ପାରଇ
ଛୋଟିଆ ଏକ ତରୀ
ଦୁବଘାସଟି ଛୋଟିଆ ସିନା
ବହୁତ ଉପକାରୀ ।

ଛୋଟ ବହିଟେ ପଢିକି ଦେଖ
ଭରି ରହିଛି ଜ୍ଞାନ
ଛୋଟ ଭିତରେ ଗୁଣ ଅନେକ
ନମଣ ତାକୁ ହୀନ ।

+କୁଞ୍ଜବିହାରୀ ଲେନ, କଟକ



## କବିତା

ତୁମ ପାଇଁ

### ମୁନିର ଗଛ

କୁନା ସେଠୀ

ଆଆ ଜହ୍ନ ମାମୁଁ ସରଗ ଶଶି
ମୁନିର ହାତରେ ପଡ଼ରେ ଖସି
ମୁନି ଦବ ଟିକେ ହସି
ବାପା ଦେଇଛନ୍ତି ଗଛ ଗୋଟିଏ
ମନ ଆଜି ତାର ଖୁସିରେ ଡ଼ିଏଁ
ଲଗାଇବ ସିଏ ବସି ।

ଅତି ଯତନରେ ରଖିଛି ଗଛ
ଗାତ ଖୋଳି ଅଛି ଘରର ପଛ
ଲଗାଇଦବ ସିଏ
ମାଆଙ୍କୁ ମାଗିଛି ଗୋବର ଖତ
ଖତ ଦେଇ ସେହି ଭରିବ ଖାତ
ପାଣି ମନ୍ଦିଏ ଦିଏ ।

ଗଛ ହୋଇଯିବ ଛନଛନିଆ
ବାପା ଦେଖିତାର ହେବେ ଛାନିଆ
ପପିଟି ଦେବେ ତାକୁ
ବଢିବ ରେ ଗଛ ହୋଇବ ଫଳ
ସାଙ୍ଗ ସାଥି ତାର ହୋଇଣ ମେଳେ
ଯିବେ ତ ଖାଇବାକୁ ।

ବାଡ଼ ଦେଲା ସିଏ ଚାରିପାଖରେ
ଭାଇ ଆସି ତାକୁ ସାହାଯ୍ୟ କରେ
ଖାଇବନି ଆଉ ଗାଈ
ମୁନିର କାମକୁ ଗୁରୁଜୀ ଦେଖି
କହିଲେ ମୁନିତ ଗଛର ସଖୀ
ଗଛର ସୁରକ୍ଷା ପାଇଁ ।

ବାର୍ଷିକ ଉତ୍ସବେ ବିଦ୍ୟାଳୟରେ
ମୁନି ନାଚୁଥିଲା ସାଙ୍ଗମେଳରେ
ପୁରସ୍କାରଟିଏ ପାଇ
ଗୁରୁଜୀ କହିଲେ ସବୁ ପିଲାଙ୍କୁ
ମୁନି ପରି ଗଛ ଲଗାଇବାକୁ
ସୁନା ପିଲାଟି ହୋଇ ।

+ଭୂତସରସିଙ୍ଗି
ଗଞ୍ଜାମ

# ‘ଫ୍ୟୁଚର ବାଲେଶ୍ୱର’ପକ୍ଷରୁ ଜିଲ୍ଲାର ତୃତୀୟ ଉପଖଣ୍ଡ ପ୍ରତିଷ୍ଠା ଦାବି




ବାଲେଶ୍ୱର,୫।୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଉତ୍ତରରେ ଥିବା ୪ ଗୋଟି ବ୍ଲକର ଅବହେଳିତ ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ସ୍ୱେଚ୍ଛାସେବୀ ସଂଗଠନ ‘ଫ୍ୟୁଚର ବାଲେଶ୍ୱର’। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅଧ୍ୟକ୍ଷ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ ଉତ୍ତର ବାଲେଶ୍ୱର ପ୍ରତି ହେଉଥିବା ସରକାରୀ ଅବହେଳା ସମ୍ପର୍କରେ ସୂଚନା ଦେଇଥିଲେ। ସଦର ମହକୁମାରୁ ଦୂରରେ ରହିବା ଫଳରେ ଜିଲା ସୀମାରେ ପଶ୍ଚିମବଙ୍ଗ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି ବୋଲି ସେ କହିଥିଲେ। ବିଶେଷ କରି ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱ ଅଞ୍ଚଳରୁ ମାଟି ଓ ବାଲି ଚୋରୀ ସାଙ୍ଗକୁ ମାଫିଆମାନେ ଏହି ରାସ୍ତା ଦେଇ ଜିଲାକୁ ନିଶା ସାମଗ୍ରୀ ମଧ୍ୟ ଚାଲାଣ କରୁଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସହ ସୀମା ବିବାଦ କ୍ରମଶଃ ଉକ୍ଟ ହେବାରେ ଲାଗିଛି। ସଦର ମହକୁମା ଦୂରରେ ରହିବା ଫଳରେ ପୁଲିସ କିମ୍ବା ପ୍ରଶାସନ ତତ୍କାଳ ସେଠାରେ ପହଞ୍ଚି ପାରୁନି କିମ୍ବା ବାଲି ମାଫିଆ ଓ ନିଶା ବେପାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରିପାରୁ ନାହିଁ। ଅନ୍ୟପକ୍ଷରେ ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ପ୍ରଭୃତି ବ୍ଲକ ସଦର ମହକୁମାରୁ ଦୂରରେ ରହିବା ଫଳରେ କୌଣସି ସମସ୍ୟାର ଆଶୁ ସମାଧାନ ପାଇଁ ଏହି ଅଞ୍ଚଳର ଲୋକେ ଜିଲା ପ୍ରଶାସନ କିମ୍ବା ପୁଲିସଠାରେ ଅଭିଯୋଗ କରିବାକୁ ଆସିପାରୁ ନାହାନ୍ତି। ଅନ୍ୟପକ୍ଷରେ ୪ ଗୋଟି ବ୍ଲକର ସମ୍ପ୍ରତି ଜନସଂଖ୍ୟା ୮ଲକ୍ଷ ଟପିଥିବା ବେଳେ ଏଠାରେ ଅନ୍ୟଏକ ସବ-ଡିଭିଜନ ପ୍ରତିଷ୍ଠା ମଧ୍ୟ ଜରୁରୀ ହୋଇପଡ଼ିଛି ବୋଲି ଫ୍ୟୁଚର ବାଲେଶ୍ୱରର କର୍ମକର୍ତ୍ତାମାନେ କହିଛନ୍ତି। ଉତ୍ତମ ଭିତ୍ତିଭୂମି ଥିବା ତଥା ୪ ଗୋଟି ବ୍ଲକର କେନ୍ଦ୍ରସ୍ଥଳ ଜଳେଶ୍ୱରରେ ଜିଲାର ତୃତୀୟ ଉପଖଣ୍ଡ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଦାବି ହେଉଛି। ଏଠାରେ ସବ-ଡିଭିଜନ ପ୍ରତିଷ୍ଠା ହେଲେ ଉତ୍ତର ବାଲେଶ୍ୱରର ଅବହେଳିତ ଲୋକେ ସମୟ ଉପଯୋଗୀ ନ୍ୟାୟ ଓ ସେବା ପାଇପାରିବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏନେଇ ଆଗାମୀ ଦିନରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସଂଗଠନର ଅଧ୍ୟକ୍ଷ ଶ୍ରୀ ପାଣିଗ୍ରାହୀ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁକୁଲୁ ଚନ୍ଦ୍ର ଘଡ଼େଇ, ରମେଶ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ଦାସ, ଗିରିଜା ଶଙ୍କର ଦାସ, ଶୁଭାଶିଷ ଦେ, ରଣଜିତ କୁମାର ବର୍ଦ୍ଧନ, ରଂଜନ ଦାସ, ଶଶାଙ୍କ ଶେଖର ଦତ୍ତ, ରଂଜନ କୁମାର ପରିଡ଼ା, ସୌମ୍ୟରଂଜନ ପାତ୍ର, ଯୋଗଶେ ଚନ୍ଦ୍ର ପ୍ରଧାନ, ବରେନ୍ଦ୍ର କୁମାର ଜେନା, ସଂଗ୍ରାମ କେଶରୀ ରାଉଳ, ଆଲୋକ ଦେ, ଗୋପାଳ ନନ୍ଦୀ, ବେଣୁଧର ରାଉଳ, ତରୁଣ କୁମାର ରାଉତ, ସତ୍ୟବ୍ରତ ଘଡ଼େଇ, ରଂଜନ ଘଡ଼େଇ, ବେଣୁଧର ଉପାଧ୍ୟାୟ, ଭବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ‘ଫ୍ୟୁଚର ବାଲେଶ୍ୱର’ର ବହୁ ସଦସ୍ୟ ଏହି ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ଥିଲେ।

# କନ୍ଧମାଳ ଝିଅ ମେଲିସା ଜିଣିଲେ ମିସ୍ ଟିନ୍ ଡିଭା ୨୦୨୦ରେ ଦୁଇଟି ଟାଇଟଲ

କନ୍ଧମାଳ,୫।୨ (ନି.ପ୍ର): କନ୍ଧମାଳ ଝିଅ ପାଇଛନ୍ତି ଜାତୀୟସ୍ତରୀୟ ବିୟୁଟି ପ୍ରତିଯୋଗୀତାରେ ଟାଇଟଲ। ମିସ୍ ଟିନ୍ ଡିଭା ୨୦୨୦ରେ ମେଲିସା ନାୟକଙ୍କୁ ମିସ୍ ଫଟୋଜେନିକ୍ ଓ ମିସ୍ ବଡି ବିୟୁଟି ଟାଇଟଲ୍ ମିଳିଛି। ମେଲିସା ପହଂଚିବା ପରେ ରାଇକିଆରେ ସ୍ୱାଗତ ସମ୍ବର୍ଧନା ଦିଆଯାଇଛି। ମେଲିସାଙ୍କୁ ସୁସଜ୍ଜିତ ଗାଡିରେ ସହର ପରିକ୍ରମା କରିବା ସହିତ ସମ୍ବର୍ଧନା ଦିଆଯାଇଥିଲା। କନ୍ଧମାଳ ଜିଲା ରାଇକିଆ ବ୍ଲକ ଗୁନ୍ଧାଣୀ ଗାଁର ଝିଅ ମେଲିସା ନାୟକ। ଫେସନ ପ୍ରତି ରହିଛି ତାଙ୍କର ଅହେତୁକ ଆଗ୍ରହ। ସେହି ଆଗ୍ରହ ହିଁ ଉଦ୍ୟମ ଜାରି ରଖିବାକୁ ସାହସ ଦେଇଥିଲା। ୨୦୨୦ ସେପ୍ଟେମ୍ବରରେ ଅନଲାଇନ ମାଧ୍ୟମରେ ପରୀକ୍ଷା ଦେଇଥିଲେ ମିସ ଟିନ୍ ଡିଭା ୨୦୨୦ ପ୍ରତିଯୋଗୀତା ପାଇଁ। ପ୍ରତିଯୋଗୀତାରେ ସାରା ଦେଶରୁ ତିନି ହଜାରରୁ ଅଧିକ ଅଂଶଗ୍ରହଣ କରିଥିବା ବେଳେ ୨୫ ଜଣ ଫାଇନାଲ ରାଉଣ୍ଡ ପାଇଁ ମନୋନିତ ହୋଇଥିବା ଇ-ମେଲ ଯୋଗେ ସୂଚନା ଆସିଥିଲା ସେହି ସେପ୍ଟେମ୍ବର ମାସରେ। ମେଲିସାଙ୍କ ସହିତ ଭୁବନେଶ୍ୱରର ଜଣେ ମଧ୍ୟ ମନୋନିତ ହୋଇଥିଲେ। ତେବେ ଏପରି ପ୍ରତିଯୋଗୀତା ପାଇଁ ପରିବାର ପାଖରେ ସମ୍ବଳ ନଥିଲା। କିନ୍ତୁ ଦୃଢ ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରତିବନ୍ଧକ ହାର୍ ମାନିଥିଲା। ବିଭିନ୍ନ ଲୋକ ଏବଂ ଅନୁଷ୍ଠାନ ସହାୟତାର ହାତ ବଢାଇଥିଲେ। ମେଲିସା ବିୟୁଟି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ସହ ମୁଖ୍ୟ ଟାଇଟଲ୍ ଜିଣି ନ ଥିଲେ ହେଁ ଦୁଇଟି ଅନ୍ୟ ଟାଇଟଲ୍ ଜିଣି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛନ୍ତି। ମିସ୍ ଟିନ୍ ଡିଭା ୨୦୨୦ରେ ସେ ହୋଇଛନ୍ତି ମିସ୍ ଫଟୋଜେନିକ୍ ଏବଂ ମିସ୍ ବଡି ବିୟୁଟି। ଫଳରେ ଫେସନ୍ ଓ ଗ୍ଲାମର ଦୁନିଆରେ ଆଗକୁ ବଢିବା ସହିତ ସେ ଦିଗରେ କ୍ୟାରିୟର କରିବା ପାଇଁ ଅଧିକ ବିଶ୍ୱାସ ଏହି ପ୍ରତିଯୋଗୀତା ଦେଇଛି ବୋଲି କହିଛନ୍ତି ମିସ୍ ମେଲିସା। ମେଲିସା ବ୍ରହ୍ମପୁର ଖଲିକୋଟ୍ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ। ବାପା ଆରପାରିକୁ ଚାଲିଯାଇଥିବା ବେଳେ ମାଆ ଟାଇନ୍ ନାୟକଙ୍କ ମାର୍ଗଦର୍ଶନରେ ଆଗକୁ ବଢୁଥିବା କହିଛନ୍ତି ମେଲିସା।

# ବ୍ରହ୍ମବରଦା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ ଟିକା ପ୍ରଦାନ

ଧର୍ମଶାଳା,୫।୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ବ୍ରହ୍ମବରଦା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡି କର୍ମୀଙ୍କୁ କୋଭିଡ ଭ୍ୟାକସିନ ପ୍ରଦାନ କରାଯାଇଛି। ଏହି ଅବସରରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ,ମୁଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବିଶ୍ୱ ରଂଜନ କର ଓ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟ ଚତୃଭୂଜ ଦ୍ୱିବେଦୀ ଏବଂ ଧମୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ ଡ. ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଡ. ବସନ୍ତ ପଣ୍ଡା ଉପସ୍ଥିତ ରହି ଟୀକା ନେଇଥିବା ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ମୋଟ ୧୬୦ ଜଣଙ୍କୁ ଟୀକା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆୟୁଷ ଡାକ୍ତର ଡ. ହୁସେନ,ସନ୍ଧ୍ୟାରାଣୀ ଦ୍ୱିବେଦୀ,ଫାର୍ମାସିଷ୍ଟ କଳ୍ପତରୁ ରଥ,କ୍ରୀଷ୍ଣା ମହାପାତ୍ର,ସୁଜାତା ଦାସ ଓ ଷ୍ଟାପନର୍ସ ନିର୍ମଳା ତାପୋ ଓ ୪ର୍ଥ ଶେଣ୍ରୀକର୍ମଚାରୀ ବିପିନ ମଲିକ,ସକ୍ ସନୱାର ଅଲ୍ଲୀ ଓ ସିକ୍ୟୁରିଟି ସେକ୍ ସଦାଫ ସହଯୋଗ କରିଥିଲେ। ଟୀକା ନେଇଥବବା ସମସ୍ତ କର୍ମଚାରୀ ପୁଣି ୨୮ ଦିନ ପରେ ଟୀକା ନେବେ ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଜଳେଶ୍ୱର,୫।୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆର ଚୁଡାମଣିପୁର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନତ କୁମାର ମହନ୍ତି, ବିରାଣୀ ସୁଧିର କୁମାର ମହନ୍ତ ଓ ଶିକ୍ଷାକର୍ମଚାରୀ ବିଜୟ କୁମାର ମହନ୍ତଙ୍କୁ ମାନପତ୍ର ଉପଢୌକନ ନେଇ ବିଦାୟ କାଳୀନ ସମ୍ବର୍ଦ୍ଧନା କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସରପଂଚ ଦିଲ୍ଲିପ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ଯୋଗ ଦେଇ ମୋ ସ୍କୁଲ ଅଭିଯାନରେ ଆଲୁମିନି ମାନଙ୍କର ଉପାଦେୟତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କମ ମଧ୍ୟରେ ଓଷ୍ଟା ପୂର୍ବତନ ଯୁଗ୍ମ ସାଧାରଣ ସଂପାଦକ ଅକ୍ଷୟ କୁମାର ମିଶ୍ର, ମୋସ୍କୁଲ ଅଭିଯାନର ଜିଲା ସଂଯୋଜକ ଡ. ସନ୍ଦିପ କୁମାର ଖଟୁଆ, ଜିଲା ଓଷ୍ଟା ସମ୍ପାଦକ ମନୋରଂଜନ ଦାସ, ରାଇବଣିଆ ସଂପାଦକ ବଂଶୀଧର ବାରିକ, ଅଜିତ୍ କୁମାର ମହାନ୍ତି, ସୁକୁମାର ମିଶ୍ର, ସୁକୁମାର ପ୍ରଧାନ, ଅଶୋକ କୁମାର ଘଡେଇ, ବରିଷ୍ଠ ପରିଚାଳନା କମିଟି ସଦସ୍ୟ ଗୁରୁଚରଣ ମହାନ୍ତ, ଲକ୍ଷ୍ମୀନାରାୟଣ ମହାନ୍ତ, ସବର ସିଂ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକୁ ହରେନ୍ଦ୍ର ମହାନ୍ତ, ପ୍ରଦୀପ ସିଂ, ଶିଶିର ମହାନ୍ତ, ଲବ ମହାନ୍ତ, ବିବେକ ମହାନ୍ତି, ବିକାଶ ମହାନ୍ତ, ନିର୍ମଳ ମହାନ୍ତ, ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ସୀତାରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶା ବିକାଶରେ ବାଧକ ନସାଜି ରାଜ୍ୟ ସରକାର ବିକାଶମୁଖୀ କାମ କରନ୍ତୁ: ବିଜେପି

ଭୁବନେଶ୍ୱର,୫।୨ (ନି.ପ୍ର): କେନ୍ଦ୍ରରେ ମୋଦି ସରକାର ଆସିବା ପରେ ବିଗତ ୭ ବର୍ଷରେ ରେଳବାଇ ବିକାଶ କ୍ଷେତ୍ରରେ ଓଡିଶା ପ୍ରତି ଦୀର୍ଘଦିନର ଅବହେଳାକୁ ଦୂର କରି ରାଜ୍ୟକୁ ପ୍ରଚୁର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତା କାରଣରୁ ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ ଓ ଆଇନଶୃଙ୍ଖଳା ପରିସ୍ଥିତି ସମସ୍ୟା ଯୋଗୁଁ ରେଳ ପ୍ରକଳ୍ପ କାମ ଦୀର୍ଘ ଦିନ ଅଟକି ରହୁଛି। ଓଡିଶାରେ ରେଳବାଇର ବିକାଶ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୬ ହଜାର ୯୯୫.୫୮ କୋଟି ଟଙ୍କା ଅନୁଦାନ ଦିଆଯାଇଛି। ଗତ ବର୍ଷ ରାଜ୍ୟକୁ ରେଳ ବଜେଟର ମିଳିଥିବା ଅନୁଦାନର ଏହା ୬୦ ପ୍ରତିଶତ ଅଧିକା ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୋଦି ସରକାରରେ ଓଡିଶାକୁ ରେଳବାଇ କ୍ଷେତ୍ରରେ ଐତିହାସିକ ଭାବେ ଅର୍ଥ ବରାଦ ହୋଇଛି। ୧୦ ବର୍ଷର ଉପା ସରକାରରେ ଓଡିଶାକୁ ମାତ୍ର ୪୨୩୨ କୋଟି ଟଙ୍କା ଦିଆଯାଇଥିଲା। ମୋଦି ସରକାର ୭ ବର୍ଷରେ ମୋଟ ୩୬ ହଜାର ୧୦୭ କୋଟି ଟଙ୍କା ରେଳ ବଜେଟରେ ଅନୁଦାନ ଦେଇଛନ୍ତି। ଓଡିଶାର ରେଳ ଭିତିଭୂମିର ବିକାଶ ପାଇଁ ଗତ ବର୍ଷ ୨୦୨୦-୨୧ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୪ ହଜାର ୩୭୩ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ୧୦ ବର୍ଷର ୟୁପିଏ ଶାସନରେ ବାର୍ଷିକ କେବେ ବି ୧ ହଜାର କୋଟି ଟଙ୍କାରୁ ଉପରକୁ ଉଠି ନଥିବା ବେଳେ ମୋଦି ୪ ହଜାର କୋଟି ଟଙ୍କାରୁ କମ୍ ଦେଇନାହାନ୍ତି। ରେଳମନ୍ତ୍ରୀ ପିୟୂଷ ଗୋଏଲ ୧୫ ଜୁନ ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଓଡିଶାରେ ରେଳ ପ୍ରକଳ୍ପ ଆଗକୁ ଯିବା ମାମଲାରେ ଥିବା ସମସ୍ୟା ଗୁଡିକର ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟରେ ଜମି ଅଧିଗ୍ରହଣ ଓ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ବିଭିନ୍ନ ପ୍ରକଳ୍ପ ଅଟକିକି ରହିଛି। ରାଜ୍ୟ ସରକାର ଏହି ସମସ୍ୟା ଗୁଡିକର ସମାଧାନ ପାଇଁ କଣ ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେହିପରି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୃହ କମିଟି ରେଳମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଭେଟିବା ଅବସରରେ ରାଜ୍ୟରେ ‘ଜମି ଅଧିଗ୍ରହଣ ତ୍ୱରାନ୍ୱିତ କଲେ ଅର୍ଥର ଅଭାବ ରହିବ ନାହିଁ’ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଠି ରାଜ୍ୟ ସରକାର ଜମି ଅଧିଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀ ପୂର୍ବ ଭାରତ ତଥା ପୂର୍ବ ଭାରତର ପ୍ରମୁଖ ରାଜ୍ୟ ଓଡିଶାର ବିକାଶ ପାଇଁ ବଦ୍ଧ ପରିକର। ଓଡିଶା ବିକାଶରେ ବାଧକ ନସାଜି ବାଦ ବିବାଦରୁ ଉପରକୁ ଉଠି ରାଜ୍ୟ ସରକାର ବିକାଶମୁଖୀ କାମ କରନ୍ତୁ ଏବଂ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# ମଧୁବାବୁ ଥିଲେ ଜାତୀୟ ଗୌରବର ଅଧିକାରୀ

ଭୁବନେଶ୍ୱର,୫।୨ (ନି.ପ୍ର): ନବ ଉତ୍କଳର ନିର୍ମାତା, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ପାଳିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ବଡମ୍ବା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ମଧୁବାବୁ କେବଳ ଓଡିଶାର ଗୌରବ ନୁହଁନ୍ତି, ସେ ଥିଲେ ଯଥାର୍ଥରେ ଭାରତର ଜାତୀୟ ଗୌରବର ଅଧିକାରୀ। ଭର୍ଚୁଆଲ ବ୍ୟବସ୍ଥାରେ ସାଲେପୁର ବିଧାୟକ ଶ୍ରୀ ପ୍ରଶାନ୍ତ ବେହେରା ଯୋଗଦେଇ ମଧୁବାବୁ ସର୍ବଦା ଓଡିଶାବାସୀଙ୍କ ମଙ୍ଗଳ ପାଇଁ ଚିନ୍ତା କରି କାର୍ଯ୍ୟ କରୁଥିଲେ ଏବଂ ତାଙ୍କର କାର୍ଯ୍ୟଧାରା ଉପରେ ଆଲୋକପାତ କରି ସମସ୍ତେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ ଯୋଗଦେଇ ମଧୁବାବୁ ବାଳିକା ଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ ବୋଲି ପ୍ରକାଶ କରିଥିଲେ। ମଧୁବାବୁଙ୍କ ଓଡିଆ ଜାତି ପାଇଁ ନିଃସ୍ୱାର୍ଥପର କାର୍ଯ୍ୟ ଓ ଚିନ୍ତାଧାରାକୁ ଆମେ ସମସ୍ତେ ଅନୁସରଣ କରିବା ଉଚିତ୍ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ ଯେ, ମଧୁବାବୁଙ୍କ ଦ୍ୱାରା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀକୁ ନେତୃତ୍ୱ ଓ ସାଧାରଣ ସଭା ପରବର୍ତ୍ତୀ ସମୟରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ମାର୍ଗଦର୍ଶନ କରିଥିଲା। ରାଜ୍ୟରେ କୁଟୀର ବିକାଶଠାରୁ ଆରମ୍ଭ କରି ଓଡିଆ ଜାତି ଓ ଦେଶ ପାଇଁ ମଧୁବାବୁ ଯାହା କରିଯାଇଛନ୍ତି, ତାହା ସ୍ମରଣୀୟ ହୋଇ ରହିଛି। ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ପ୍ରଫେସର ଡଃ. ସନ୍ତୋଷ ତ୍ରିପାଠୀ ଯୋଗଦେଇ ମଧୁବାବୁଙ୍କର ଜାତୀୟ ପ୍ରୀତି, ଦେଶପ୍ରେମ, ଜୀବନାଦର୍ଶ ଓ ଓଡିଆ ଜାତିର କଲ୍ୟାଣ ପାଇଁ ତାଙ୍କର ସଂଗ୍ରାମର କାହାଣୀ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର କୂଳବୃଦ୍ଧ ମଧୁସୁଦନଙ୍କୁ ପ୍ରଜ୍ଞାପୁରୁଷ ଭାବେ ଅଭିହିତ କରି ମଧୁବାବୁଙ୍କ ଜୀବନୀ ସଦା ସର୍ବଦା ଆମକୁ ସ୍ୱାଭିମାନର କଥା ଜାଗ୍ରତ କରାଉଛି ବୋଲି କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଂଜନ ସେଠୀ ଓ ଅନ୍ୟ ଅତିଥିମାନେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ଡଃ. ପ୍ରମୋଦ କୁମାର ମଲ୍ଲିକ ଓ ବିଭାଗୀୟ ଅନ୍ୟ ପଦାଧିକାରୀ, ବୁଦ୍ଧିଜୀବୀ ଓ ଜନସାଧାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦଶମ ଦିନରେ ଆଦିବାସୀ ମେଳା : ଜନଜାତିଙ୍କ ଜୀବିକାର୍ଜନ ଓ ସଶକ୍ତିକରଣର ନିଆରା ଚିତ୍ର

ଭୁବନେଶ୍ୱର,୫।୨ (ନି.ପ୍ର): ଓଡ଼ିଶାରେ ଆର୍ଥିକ ଦିଗରୁ ଗରିବ ଓ ଉପେକ୍ଷିତ ଅବସ୍ଥାରେ ରହିଥିବା ବିଶାଳ ଆଦିବାସୀ ବର୍ଗଙ୍କୁ ପ୍ରଗତିର ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଜନଜାତି ବର୍ଗର ଲୋକଙ୍କ ପାଇଁ ଜୀବିକା ବା ରୋଜଗାରର ପନ୍ଥା ବାହାର କରିବା ସରକାରଙ୍କ ଆଗରେ ବଡ଼ ଆହ୍ୱାନ୍ ସୃଷ୍ଟି କରିଛି। ସେଥିପାଇଁ ସରକାର ଗତ କିଛି ବର୍ଷ ହେଲା ଆଦିବାସୀଙ୍କ କଲ୍ୟାଣ ନିମନ୍ତେ ଦୁଇଟି ବଡ଼ କାର୍ଯ୍ୟକ୍ରମ ଜନଜାତି ଅଧ୍ୟୁଷିତ ଜିଲ୍ଲା ଗୁଡିକରେ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ଅର୍ଜନ ପ୍ଲସ୍ ନାମରେ ଏକ ଯୋଜନା ୨୦୧୧ ମସିହାରେ ପ୍ରଥମେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଏବେ ଆଉ ଆଠଟି ଜିଲ୍ଲା ନବରଙ୍ଗପୁର, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ସଶକ୍ତିକରଣ ଦିଗରେ ଜନଜାତିଙ୍କ ଦକ୍ଷତା ବୃଦ୍ଧି, ଜୀବିକାର ଉନ୍ନତିକରଣ ଓ ଉନ୍ନୟନ ମୂଳକ ପାଣ୍ଠିର ବ୍ୟବସ୍ଥା କରିବା ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ। ଆଦିବାସୀ ମାନଙ୍କ ମଧ୍ୟରେ ଥିବା ଦେଶୀୟ ଜ୍ଞାନ କୌଶଳର ଉପଯୋଗ ଦ୍ୱାରା ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା, ଗରିବ ଆଦିବାସୀ ପରିବାରଙ୍କ ଜୀବିକାର୍ଜନ ନିମନ୍ତେ ଅଣକୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ତଥା ପଂଚାୟତିରାଜ ଅନୁଷ୍ଠାନକୁ ସହଭାଗିତା ଜରିଆରେ ସାମିଲ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ସେହିପରି ରାଜ୍ୟର ଜନଜାତି ମାନଙ୍କର ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ୨୦୧୬-୧୭ ମସିହାରୁ ‘ଓଡ଼ିଶା ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ’ ନାମରେ ଆଉ ଏକ ଯୋଜନା ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ଉନ୍ନୟନ ପାଣ୍ଠି (ଆଇ.ଏଫ୍.ଏ.ଡି) ସହାୟତାର ହାତ ବଢ଼ାଇଛି। ରାଜ୍ୟରେ ଚିହ୍ନଟ ହୋଇଥିବା ୧୩ ପ୍ରକାର ଆଦିବାସୀ ସଂପ୍ରଦାୟ ପାଇଁ ୧୭ଟି ଅଣୁ ପ୍ରକଳ୍ପ ଉନ୍ନୟନ ସଂସ୍ଥା ଗଠିତ ହୋଇଛି ଏବଂ ଏହି ସଂସ୍ଥା ଗୁଡିକ ୧୨ଟି ଜିଲ୍ଲାରେ କାର୍ଯ୍ୟ କରୁଛି। ଜୀବିକାର୍ଜନର ପନ୍ଥା ବାହାର କରିବା ପାଇଁ ଉଦ୍ଦିଷ୍ଟ ଏହି ଦୁଇଟି କାର୍ଯ୍ୟକ୍ରମର ସଫଳତାର ଚିତ୍ର ପ୍ରତିଫଳିତ ହୋଇଛି ରାଜଧାନୀର ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଏ ବର୍ଷର ଆଦିବାସୀ ମେଳାରେ। ଏହି ଦୁଇଟି କାର୍ଯ୍ୟକ୍ରମର ଆର୍ଥିକ ସହାୟତାରେ ବିକଶିତ ବିଭିନ୍ନ ଆଦିବାସୀ ଉନ୍ନୟନ ସଂସ୍ଥା ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ସାମଗ୍ରୀ ଗୁଡିକୁ ଧରି ଆସିଛନ୍ତି ଏହି ମେଳାକୁ। କେତେକ ଷ୍ଟଲରେ ସେମାନଙ୍କ ସାମଗ୍ରୀ ଗୁଡିକର ପ୍ରଦର୍ଶନ ଓ ବିକ୍ରି ଖୁବ୍ ଜମୁଥିବାର ଲକ୍ଷ୍ୟ କରାଯାଉଛି। ଆଜି ଥିଲା ଆଦିବାସୀ ମେଳାର ଦଶମ ଦିନ। ପୂର୍ବାହ୍ନ ଅପେକ୍ଷା ଅପରାହ୍ନରେ ଅଧିକ ଦର୍ଶକ ମେଳା ପରିସରକୁ ଆସି ନିଜ ନିଜର ପସନ୍ଦର ଘରକରଣା ସାମଗ୍ରୀ କ୍ରୟ କରିଥିଲେ। କେତେକ ମହିଳା ସେମାନଙ୍କ ଶିଶୁ ସନ୍ତାନକୁ କୋଳରେ କାଖରେ ଧରି ବିଭିନ୍ନ ଷ୍ଟଲରେ ଜିନିଷ କିଣୁଥିବାର ଦୃଶ୍ୟ ନଜରକୁ ଆସିଥିଲା।

# ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ନିମନ୍ତେ ବୈଷୟିକ ତାଲିମ ଶୁଭାରମ୍ଭ

ଜୟପୁର, ୦୪ ଫେବୃୟାରୀ (ହି.ସ.)- ଜୟପୁର ଉପଖଣ୍ଡ କାରାଗାରରେ ଜନ ଶିକ୍ଷଣ ସଂସ୍ଥାନ ତରଫରୁ ଅନ୍ତେବାସୀଙ୍କ ଦକ୍ଷତା ବିକାଶ ନିମନ୍ତେ ବୈଷୟିକ ତାମିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଆର.ରାୟ କୁମାରି, ଡିଆଇସିର ପରିଚାଳକ ଆର. କେ ମହାପାତ୍ର, କିରଣ କୁମାର, ଉପଖଣ୍ଡା ଉପସ୍ଥିତ ରହିଥିଲେ। ଅନ୍ତେବାସୀଙ୍କୁ ଗୃହ ଉପକରଣ ନିର୍ମାଣ ଏକ ଅଗରବତି ପ୍ରସ୍ତୁତି ଉପରେ ତାଲିମ ଦେଇଥିଲେ। ଅନ୍ତେବାସୀଙ୍କୁ ୪୫ ଦିନ ତାଲିମ ଦିଆଯିବ। ତାଲିମ ନେବା ପରେ ସେମାନଙ୍କୁ ଥଇଥାନ ମଧ୍ୟ ପରବର୍ତ୍ତୀ ସମୟରେ କରାଯିବ ବୋଲି ଡିଆଇସି ପରିଚାଳକ ମହାପାତ୍ର ମତବ୍ୟକ୍ତ କରିଥିବା ଉପଖଣ୍ଡ କାରାଗାର ସୁପରିଟେଣ୍ଡେଂଟ ଲଲାଟେନ୍ଦୁ ଭୁଷଣ ଦାସ ସୁଚନା ଦେଇଛନ୍ତି।

# ଶୈଶବ ଅବସ୍ଥାରେ ପାଠପଢା ବଦଳରେ ଭିକ୍ଷାବୃତ୍ତି

ଧର୍ମଶାଳା,୫।୨ (ନି.ପ୍ର): ସରକାର ସର୍ବଶିକ୍ଷା ଅଭିଯାନରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ଶିଶୁମାନଙ୍କୁ ଉତ୍ତମ ଶିକ୍ଷା ସହିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା କରାଯାଉଛି। ହେଲେ ବାସ୍ତବରେ ତାହା କାର୍ଯ୍ୟରେ ପରିଣତ ହେଉ ନଥିବା ଦେଖିବାକୁ ମିଳିଛି। କୋମଳମତି ଶିଶୁଙ୍କ ହାତରେ ପାଠ ବହି ବଦଳରେ ଭିକ୍ଷା ଥାଳି ଧରୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦିନକୁ ଦିନ ବଢିବାରେ ଲାଗିଛି। ହେଲେ ଏଦିଗରେ ରୋକ ଲାଗୁ ନ ଥିବା ଅଭିଯୋଗ ହୋଇଛି। ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ ଦିନକୁ ଦିନ କୋମଳମତି ଶିଶୁଙ୍କ ଭିକ୍ଷାବୃତି କରୁଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେବ ବାହାର ଜିଲାରୁ ୨୦ରୁ ଉର୍ଦ୍ଧ ଆଦିବାସୀ ପରିବାର ଏବଂ ସେମାନଙ୍କ ପିଲାଛୁଆଙ୍କୁ ଧରି ଭିକ୍ଷାବୃତିକୁ ଆପଣାଉଛନ୍ତି। ଦିନ ମଜୁରିଆ ଭାବେ କାମ କରି ପେଟ ପୋଷୁଥିବା ଏହି ଆଦିବାସୀ ପରିବାରର ସଦସ୍ୟ ମାନେ ରାତି ପାଇଲେ ନିଜ ନିଜର ଧନ୍ଦାରେ ଚାଲି ଯାଇଥାନ୍ତି। ତାଙ୍କ ସହିତ କିଛି କୁନିକୁନି ପିଲାମାନେ କାର୍ଯ୍ୟସ୍ଥଳକୁ ଯାଇ ବାପା,ମାଙ୍କୁ ସହାୟତା କରୁଥିବା ବେଳେ ଅନେକ କୁନିକୁନି ପିଲାମାନେ ଏଣେତେଣେ ବୁଲାବୁଲି କରିବା ସହ ଅନେକ ପିଲା ଭିକ୍ଷାବୃତି କରୁଛନ୍ତି।

# ଦେଶୀ ମଦ ସହ ବେପାରୀ ଗିରଫ

କୋରେଇ,୫।୨ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ପୋଟ୍ରୋଲିଙ୍ଗ ସମୟରେ ଦେଶୀ ମଦ ଜବତ କରିବା ସହ ବ୍ୟବହୃତ ବାଇକ ଓ ବେପାରୀକୁ ଗିରଫ କରିବାକୁ ସକ୍ଷମ ହୋଇଛି। ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ଅନ୍ତଗତ ପୁରୀପଡା ଗ୍ରାମର ନରେନ୍ଦ୍ର ମଲିକଙ୍କ ପୁଅ ପ୍ରଶାନ୍ତ(୨୩) ଏକ ବାଇକ ଯୋଗେ ୨ ପେଟି (୫୦ବୋତଲ) ଦେଶୀ ମଦ ନେଇ ଯାଉଥିବା ବେଳେ ପୋଟ୍ରୋଲିଙ୍ଗ ଗାଡି ତାକୁ ଧରିଥିଲା। ଗାଡିକୁ ଯାଂଚ କରିବାରୁ ମଦ ଥିବା ଦେଖି ଥାନାକୁ ନେଇଥିଲା। ଏନେଇ ଏକ ମାମଲା ୪୪/୨୧ ରୁଜୁ କରାଯିବା ସହ ପ୍ରଶାନ୍ତକୁ ଗିରଫ କରାଯାଇଛି।

# ସ୍ଥାୟୀ ଲୋକ ଆଦାଲତର ଦ୍ୱାରସ୍ଥ ପରେ ଦାବି ପୂରଣ

ଜୟପୁର,୫।୨ (ନି.ପ୍ର): ଜୟପୁର ବିକ୍ରମ ଦେବ ସ୍ୱାଙ୍ଗ ଶାସିତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ସ୍ଥାୟୀ ଲୋକ ଅଦାଲତରେ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଆଜି ଆଦାଲତର ଅଧ୍ୟକ୍ଷା ସରୋଜ କୁମାର ସାହୁ ଆବେଦନକାରି ଓ ଆଇନଜୀବିଙ୍କୁ ଡକାଇ ଦାବୀ ପୁରଣ ହେବା ନେଇ ଆଲୋଚନା କରିଥିଲେ। ଉପସ୍ଥିତ ରହି ଦାବୀ ଗୁଡିକର ବହୁତ ଦାବି ପୁରଣ ହୋଇଥିବା ସୁଚନା ଦେଇଥିଲେ। ଜୟପୁର ସ୍ଥାୟୀ ଲୋକ ଅଦାଲତ ୨୦୧୬ ରେ ବିକ୍ରମ ଦେବ ସ୍ୱଂୟ ଶାସିତ ମହାବିଦ୍ୟାଳୟରେ ଅନେକ ସମସ୍ୟାକୁ ନେଇ କଲେଜର ଛାତ୍ର ମାନେ ବହୁ ଦିନ ଧରି ଭୋକ ଉପବାସରେ ରହି ଅନଶନ କରିଥିଲେ। ତଥାପି ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବାରୁ ୨ ଛାତ୍ର ସନ୍ଦିପ ସମନ୍ତରାୟ ଓ ମାନସ ନାୟକ ଜୟପୁର ଆଇନଜୀବି ସନ୍ଦିପ ସାଇ ପାଣିଗ୍ରାହୀ ତାଙ୍କ ପାଇଁ ସ୍ଥାନୀୟ ଲୋକ ଅଦାଲତରେ ପିଏଲଏ ମାମଲା ୧୫୧/୧୬ ପଞ୍ଜିକୃତ କରି ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ଦାବୀ ନେଇ ପୁବରୁ ଛାତ୍ର ମାନେ କରିଥିବା ଆନ୍ଦୋଳନରେ କିଛି ଦାବୀ ପୁରଣ ହୋଇଛି। ଫୁଟ୍ ଓଭର ବ୍ରିଜ, ସିସି ଟିଭି କ୍ୟାମେରା, କୋଠା ନିର୍ମାଣ, ନୂତନ ପାଠାଗାର, ନୁତନ ବହି ପୁସ୍ତକ ଏବଂ ବ୍ୟାଙ୍କ, ଖେଳ ପଡ଼ିଆ, ଜଳ ଯୋଗାଣ, ସ୍ୱଚ୍ଛ କ୍ୟାଂଟିନ, ଶୌଚାଳୟ ଏବଂ ସୁରକ୍ଷା ବ୍ୟବସ୍ଥା ନେଇ ଦାବି ହୋଇଥିଲା।

# କନ୍ଧମାଳ ଜିଲ୍ଲାର ଗରିବ ଅସହାୟର ସହାୟତା କରିବ ମାରୁତୀସେନା

କନ୍ଧମାଳ,୫।୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ନିକଟବର୍ତ୍ତି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜଙ୍ଗଲ ପରିବେଷ୍ଟିତ ଉର୍ମାଗଡଠାରେ ମାରୁତୀ ସେନାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତି ନିଆଯାଇଛି। ଗରୀବ ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇବା ଲାଗି ଆଗେଇ ଆସିଛି ମାରୁତୀସେନା। ଏହି ବୈଠକରେ ଗରୀବ ଅସହାୟ ତଥା ସମାଜରେ ଅବହେଳିତ ହୋଇ ରହିଥିବା ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ସହ ସ୍ୱେଚ୍ଛାକୃତ ଭାବେ ରକ୍ତ ଯୋଗାଇଦିଆଯିବ। ଏଥି ସହ ସବୁଜ ସମାଜ ଗଠନ କରିବାସହ ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ଲଢ଼େଇ କରିବା ଏକ ମାତ୍ର ଲକ୍ଷ୍ୟ ବୋଲି ରାଜ୍ୟ ସଭାପତି ପପୁ ଦଳବେହେରା କହିଛନ୍ତି। ସେହିପରି ମାରୁତୀସେନା ଉପରେ ଲୋକଙ୍କ ଯେପରି ଆଶା ଓ ଭରଷା ରହିବ ସେଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟ କରିବାଲାଗି ସମ୍ପାଦକ ଶ୍ରୀଧର ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ କଟକର ଜ୍ୟୋତି ସାହୁ, ଲିପାଞ୍ଜଳୀ ସ୍ୱାଇଁ, ଜଗତସିଂପୁରର ଶୁବାଶିଶ ସାହୁ ସମେତ ରାଜ୍ୟର ୩୦ଟି ଜିଲ୍ଲାର ସଦସ୍ୟ ଯୋଗ ଦେଇଥିଲେ।

## ଉଜ୍ଜ୍ୱଳ କୁମାର ଗିରି ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ମନୋନୀତ

ବାଲିଆପାଳ,୦୫।୦୨ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଂଚାୟତର ବିଜେଡି ଯୁବ ନେତା ଉଜ୍ଜ୍ୱଳ କୁମାର ଗିରିଙ୍କୁ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତି ଦିଆଯାଇଛି । ଏହି ଅବସରରେ ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ଦଳର କର୍ମୀ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ସୁପାରିଶ, ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ସଭାପତି ଇଂ ରବିନ୍ଦ୍ର ଜେନାଙ୍କ ସମ୍ମତି କ୍ରମେ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡା ଶ୍ରୀ ଗିରିଙ୍କୁ ଏହି ଦାୟିତ୍ୱ ଦେଇଥିବାରୁ ଶ୍ରୀ ଗିରି ସେମାନଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି । ସେହିପରି ତାଙ୍କର ଏହି ନିଯୁକ୍ତିକୁ ଅନୁମୋଦନ କରି ଏକ ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ସେ ରାଜ୍ୟ ଯୁବ ବିଜେଡି ସଭାପତି ବିଧାୟକ ବ୍ୟୋମକେଶ ରାୟ ଓ ରାଜ୍ୟ ବିଜେଡି ସଭାପତି ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କୁ ମଧ୍ୟ ନିଜର କୃତଜ୍ଞତା ଜଣାଇଛନ୍ତି ।

## ପ୍ରତୀକାତ୍ମକ ରାଇବଣିଆ ଲୋକ ମହୋତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୫/୨ (ନିପ୍ର) : ରାଇବଣିଆ ଲୋକ ମହୋତ୍ସବ ସ୍ମୃତିଚାରଣ ସହିତ ଏକ ପ୍ରତିକାତ୍ମକ ସଭା ଆୟୋଜକ କମିଟିର ସଭାପତି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅନନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ କୋଭିଡ୍-୧୯ର କଟକଣା ଓ ସରକାରୀ ନିତିନିୟମକୁ ସମ୍ମାନ ଜଣାଇ ଉତ୍ସବକୁ ସୀମୀତ ରଖା ଯାଇଛି । ଚିରାଚରିତ ନିତିରେ ଶକ୍ତିସ୍ଥଳ ମା ଗଡଚଣ୍ଡୀଙ୍କ ଦର୍ଶନ ପରେ ମହୋତ୍ସବ ମଇଦାନ ପରିଭ୍ରମଣ କରାଯାଇଥିଲା । ଏହା ପରେ କଲ୍ୟାଣ ମଣ୍ଡପର କୋଭିଡ୍ ନିୟମ ମାନି ସଭା ଆୟୋଜନ ହୋଇଥିଲା । ସଭାରେ କାର୍ଯ୍ୟକାରୀ ସଭାପତି ଗଂଗାଧର ଦାସ, ସାଧାରଣ ସଂପାଦକ ଦିଲ୍ଲିପ ସାମଲ, ଯୁଗ୍ମ ସାଧାରଣ ସଂପାଦକ ସନ୍ଦିପ ନାରାୟଣ ଘୋଷ, ଉପସଭାପତି ବସନ୍ତ ଘୋଷ, ନିଗମାନନ୍ଦ ଘୋଷ, ମାନସ ଦାସ ମହାପାତ୍ର, କୋଷାଧ୍ୟକ୍ଷ ମନ୍ମଥ କୁମାର ଖଟୁଆ, ସଂପାଦକ ଅନନ୍ତ କୁମାର ମହାନ୍ତି,ପ୍ରଦୀପ କୁମାର ଘୋଷ, ଗୋପାଳ ଚନ୍ଦ୍ର ଜେନା, ରାଧାଶ୍ୟାମ ଜେନା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ । କୋଷାଧ୍ୟକ୍ଷ ଶ୍ରୀ ଖଟୁଆ ବିଗତ ବର୍ଷ ବର୍ଷ ଆୟ-ବ୍ୟୟ ଉପସ୍ଥାପନ କରିବା ସହିତ ବିବରଣୀ ପାଠ କରିଥିଲେ । ଉପସଭାପତି ବସନ୍ତ କୁମାର ଘୋଷ ଧନ୍ୟବାଦ ଅର୍ପଣ ପୂର୍ବକ ପ୍ରତିକାତ୍ମକ ଏହି ଉତ୍ସବକୁ ଉଦ୍‌ଯାପନ କରାଯାଇଥିଲା ।

# ପାରାଦୀପଗଡରେ ଅପରାଧିଙ୍କୁ ଧରିବା ବେଳେ ପୋଲିସ ଉପରେ ଆକ୍ରମଣ : ୭ଗିରଫ

ପାରାଦୀପ,୦୫।୦୨ (ନି.ପ୍ର): ପାରାଦୀପଗଡ ଗ୍ରାମର ଦଳେଇ ସାହିରେ ଜଣେ ୱାରେଣ୍ଟ ଆସାମୀଙ୍କୁ ଧରିବାକୁ ଯାଇ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ପାରାଦୀପ ଅଭୟଚାନ୍ଦପୁର ପୋଲିସ୍ । ଏହି ଆକ୍ରମଣରେ ଜଣେ ଏସ୍‌ଆଇଙ୍କ ସମେତ ୪ଜଣ ପୋଲିସ୍ କର୍ମୀ ଆହାତ ହୋଇ ଏବେ ଚିକିତ୍ସାଧିନ ଅଛନ୍ତି । ସୂଚନା ସୁତାବକ ପାରାଦୀପଗଡ ଦଳେଇ ସାହିର ତ୍ରିନାଥ ଦଳେଇ ନାମରେ ଅଭୟଚାନ୍ଦପୁର ଥାନାରେ ଏକ ମାମଲା ରହିଥିଲା ଏବଂ ସେ ଦୀର୍ଘ ଦିନ ହେବ ଫେରାର୍ ଥିଲା । ମାତ୍ର ଗୁରୁବାର ତ୍ରିନାଥ ଗ୍ରାମକୁ ଆସିଥିବା ପୋଲିସ୍ କୌଣସି ସୁତ୍ରରୁ ଖବର ପାଇ ଏସ୍‌ଆଇ ଆଶୁତୋଷ ହୋତାଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ଚଢାଉ କରି ଏକ କ୍ଲବ ନିକଟରୁ ତାକୁ ଗିରଫ କରି ଗାଡିରେ ବସାଇବା ବେଳେ ହଠାତ୍ ଗ୍ରାମର କିଛି ଯୁବକ ପୋଲିସ୍ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଏଥିରେ ଏସ୍‌ଆଇ ଆଶୁତୋଷ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଆହାତ ହେବା ସହିତ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏହା ପରେ ପାରାଦୀପ ଏଏସ୍‌ପି ନିମାଇଁ ଚରଣ ସେଠୀଙ୍କ ନେତୃତ୍ୱରେ ଅଭୟଚାନ୍ଦପୁର ଥାନା ଆଇଆଇସି ଯୁଗୋଳ କିଶୋର ଦାସ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ରଜନୀ କାନ୍ତ ସାମଲ, ଲକ୍ ଥାନା ଆଇଆଇସି ପ୍ରଭାସ ସାହୁ ସହିତ ଦୁଇ ପ୍ଲାଟୁନ୍ ଫୋର୍ସ ସମ୍ପୃକ୍ତ ଗ୍ରାମରେ ପହଂଚି ଆକ୍ରମଣରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରିଥିଲେ ଏବଂ ଗ୍ରାମକୁ କର୍ଡନ କରାଯାଇ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୋଜାଖୋଜି କରି ନ ମିଳିବାରୁ ଧରାପଡି ଥିବା ୭ଜଣଙ୍କୁ କୋର୍ଟ ଚାଲାଣ୍ କରାଯାଇଛି । ତେବେ ଯେଉଁମାନେ ଆଇନ୍‌କୁ ନିଜ ହାତକୁ ନେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସ୍ଥାନୀୟ ଅଂଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ୍ ଫୋର୍ସ ନିୟୋଜିତ ହୋଇଥିବା ନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

# କୋଭିଡ୍ ନିୟମରେ ଜଳେଶ୍ୱରରେ ପଠାଣୀ ସାମନ୍ତ ପରୀକ୍ଷା ଅନୁଷ୍ଠିତ

ଜଳେଶ୍ୱର,୦୫।୦୨ (ନି.ପ୍ର): କୋଭିଡ୍ କଟକଣା ଯୋଗୁଁ ପ୍ରାୟ ୧୧ ମସି ଧରି ବିଦ୍ୟାଳୟ ଗୁଡିକ ବଂଦ ଥିବାରୁ ପଠପଢା ହୋଇପାରୁନଥିବା ବେଳେ କେତେକ ବୃତ୍ତି ପରୀକ୍ଷା ସରକାର କୋଭିଦ୍ ନିୟମ ଅନୁସାରେ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଶୁକ୍ରବାର ପଠାଣୀ ସାମନ୍ତ ଗଣିତ ପରୀକ୍ଷା ୨ଟି ପର୍ଯ୍ୟାୟରେ ଜଳେଶ୍ୱରରେ ୩ଟି ପରୀକ୍ଷା କେନ୍ଦ୍ରରେ କୋଭିଦ୍ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍‌କେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଟାଉନ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ୬ଷ୍ଠ ଶ୍ରେଣୀ ଲାଗି ୩୮୯ ଜଣଙ୍କ ମଧ୍ୟରୁ ୩୬୬ ଜଣ ଓ ୯ମ ଶ୍ରେଣୀ ଲାଗି ଅନୁଷ୍ଠିତ ପରୀକ୍ଷାରେ ୨୭୨ ଜଣଙ୍କ ମଧ୍ୟରୁ ୨୬୪ ଜଣ ପରୀକ୍ଷା ଦେଇଥିବା ବେଳେ ପର୍ଯ୍ୟୟକ୍ରମେ ୨୩ଜଣ ୮ଜଣ ଅନୁପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ବିଇଓ ବିରଞ୍ଜନ ଦାସ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏବିଓ ଲଲାଟେନ୍ଦୁ ଜେନା, ସୁଶାନ୍ତ ଜେନା ଓ ଅଜୟ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ସିଦ୍ଧେଶ୍ୱର ଯୁଥ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଜୁଲବଣଦା ଟିମ୍ ଚାମ୍ପିଅନ

ବସ୍ତା,୦୫।୦୨ (ନି.ପ୍ର): ବସ୍ତା ବ୍ଲକ୍ ପୁରୁଷୋତ୍ତମପୁର ପଂଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ଯୁଥ୍ କ୍ଲବ ପକ୍ଷରୁ ସୋମବାର ଠାରୁ ଆରମ୍ଭ ହୋଇ ୪ଦିନ ଧରି ଚାଲୁଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ମା ମଙ୍ଗଳା କ୍ରିକେଟ ଟିମ୍ ଜୁଲବଣଦା ଓ ଇଲେଭେନ ଷ୍ଟାର କ୍ରିକେଟ ଟିମ ଗାଁ ଅମର୍ଦ୍ଦା ମଧ୍ୟରେ ଖେଳାଯାଇଥିଲା । ତେବେ ଏହି ଖେଳରେ ମା ମଙ୍ଗଳା କ୍ରିକେଟ ଟିମ ବିଜୟୀ ହୋଇଥିଲା । ଅପରାହ୍ନରେ ଯୁଥ କ୍ରିକେଟକ୍ଲବ ପକ୍ଷରୁ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ କରୁଣାକର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥିଭାବେ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଂପାଦକ ରାଜଶ୍ରୀ ମହାନ୍ତି



ମୁଖ୍ୟବକ୍ତା ରଞ୍ଜିତ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ପଞ୍ଚାନନ ମନ୍ତ୍ରୀ,ସତ୍ୟନାରାୟଣ ମହାପାତ୍ର, ଅକ୍ଷୟ ସ୍ୱାଇଁ ଓ ହରିନାରାୟଣ ଦାସ ଉକ୍ତ ଉତ୍ସବରେ ମଞ୍ଚାସୀନ ଥିଲେ । ଶିକ୍ଷା ସହିତ ଖେଳ ଆଜିର ଯୁବ ପିଢିପାଇଁ ନିତ୍ୟାନ୍ତ ଜରୁରୀ ଓ ପରସ୍ପର ମଧ୍ୟରେ ଭାଇଚାରାର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ଖେଳକୁ ୨ ଅମ୍ପାୟାର ଅରବିନ୍ଦ ପ୍ରଧାନ ଓ ପ୍ରଭୁରାମ ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ଚମ୍ପିଆନ ଭାବେ ମା ମଙ୍ଗଳା କ୍ରିକେଟ ଟିମକୁ ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । କମିଟି ପକ୍ଷରୁ ରଞ୍ଜିତ, ନୀଳମାଧବ, କାଳିଆ ଆଦି ସଦସ୍ୟମାନେ ଉକ୍ତ ଖେଳକୁ ଆୟୋଜନ କରିଥିଲେ ।

## ସହରର ୪ସ୍ଥାନରେ ମହିଳା ପରିଚୟ ଗୃହ ଉଦଘାଟିତ

ବାଲେଶ୍ୱର,୦୫।୦୨ (ନି.ପ୍ର): ବାଲେଶ୍ୱର ପୌରପାଳିକା ପକ୍ଷରୁ ଶୁକ୍ରବାର ଦିନ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଥିବା ନୂତନ ବ୍ୟାଟେରୀ ଚାଳିତ ଆବର୍ଜନା ସଂଗ୍ରହ ଗାଡ଼ି ଓ ମିନି ସେସପୁଲ ଗାଡ଼ିକୁ ଉଦଘାଟନ କରିଥିଲେ । ମହିଳାମାନଙ୍କୁ ଆତ୍ମନିର୍ଭର ହେବା ପାଇଁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହନ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ଶ୍ରୀ ଦାସ ମତପ୍ରକାଶ କରିଥିଲେ । ବାଲେଶ୍ୱର ଉପ-ଜିଲ୍ଲାପାଳ ତଥା ପୌରପାଳିକାର ନିର୍ବାହୀ ଅଧିକାରୀ ଆଶିଷ ଇଶ୍ୱର ପାଟିଲ ଏଥିରେ ଉପସ୍ଥିତ ରହି ବ୍ୟାଟେରୀ ଚାଳିତ ଗାଡିର ଆବଶ୍ୟକତା ଓ ଉପଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ପୌରପାଳିକାର ୧୬ ନଂ ୱାର୍ଡରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ 'ପରିଚୟ ଗୃହ' ନାମରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଥିଲା । ବିଧାୟକ ଶ୍ରୀ ଦାସ ଓ ଉପ-ଜିଲ୍ଲାପାଳ ଶ୍ରୀ ପାଟିଲଙ୍କ ଉପସ୍ଥିତିରେ ସ୍ଥାନୀୟ ବରିଷ୍ଠ ନାଗରିକ ମହିଳା ନୂତନ ଗୃହକୁ ଉଦଘାଟନ କରିଥିଲେ । ୨୦୦୦ ବର୍ଗଫୁଟ ପରିମିତ ଅଂଚଳରେ ମହିଳାମାନଙ୍କ ବ୍ୟବହାର ନିମନ୍ତେ ସହରର ୪ଟି ସ୍ଥାନରେ ପରିଚୟ ଗୃହ ସ୍ଥାପନ କରାଯାଇଥିବା ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ ।

# ଜଳେଶ୍ୱର ତହସିଲ ପକ୍ଷରୁ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ



ଜଳେଶ୍ୱର, ୫/୨ (ନିପ୍ର) : ସରକାରଙ୍କ ଭୂମିହୀନଙ୍କୁ ଜାଗା ଓ କାହାରିକୁ ଭୋକିଲା ରହିବାକୁ ଦିଆନଯିବା ନାରାରେ ବାଲେଶ୍ୱର ଜିଲାର ଜଳେଶ୍ୱର ତହସିଲ ପକ୍ଷରୁ ବିଭିନ୍ନ ପଂଚାୟତର ଭୂମୀହୀନଙ୍କୁ ଘରପଟ୍ଟା ଦିଆଯାଇଛି । ଆଜି ଶୁକ୍ରବାର ବସୁନ୍ଧରା ଯୋଜନାରେ ୩୪ଜଣଙ୍କୁ ପଟ୍ଟା ପଣ୍ଟନ କରାଯାଇଥିଲା । ଜଳେଶ୍ୱର ତହସିଲଦାର କ୍ଷୀରୋଦ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପଟ୍ଟାବଣ୍ଟନ ଉତ୍ସବରେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଏଲ୍.ଇ କେସ୍ ମୂଳେ ଏବଂ ନିର୍ଦ୍ଦିଷ୍ଟ ଫୋରମ୍‌ରେ ଆବେଦନ କରିଥିବା ଭୂମୀହିନଙ୍କୁ ପଣ୍ଟା ବଣ୍ଟନ କରିଥିଲେ । ୨୦୧୪-୧୫ ଠାରୁ ଅଦ୍ୟାବଧି ମୋଟ ୯୭୭ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ସେ ପ୍ରକାଶ କରିଥିଲେ । ଆଜିର ଏହି ପଟ୍ଟା ପଶ୍ଚିମବାର୍ଡ-୩, ଜମାଲପୁର-୪, ଜଳେଶ୍‌ବର ସଦର-୧୦, ସରଡିହା-୧୭ଜଣ ଭୂମୀହୀନଙ୍କୁ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆର୍‌ଆଇ ମାନସ ବେହେରା, ଦିଲ୍ଲିପ ଚନ୍ଦ, ସରପଂଚ ମୀନତୀ କର, ସୂର୍ଯ୍ୟାନନ୍ଦ ପାଳ, ସତ୍ୟସୁନ୍ଦର ଦାସ, ରିତାଂଜଳି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ଏନ୍‌ଏସି ଅଞ୍ଚଳ ରାସ୍ତାରୁ ଚୋରାଇ ନେଲେ ୫୧ଟି ଷ୍ଟ୍ରିଟ୍ ଲାଇଟ୍

ଧାମନଗର,୦୫।୦୨ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ୩ଟି ରାସ୍ତାରୁ ପ୍ରାୟ ୫ଲକ୍ଷ ଟଙ୍କା ମୂଲ୍ୟର ୫୧ଟି ଏଲ୍‌ଇଡ଼ି ଲାଇଟି ଚୋରି ହୋଇଥିବା ଜଣାଯାଇଛି । ଧାମନଗର ସହର ଉପକଣ୍ଠ ଗ୍ରିନ୍ ଫିଲ୍ଡ ରାସ୍ତା ଗୁଡ଼ିକରେ ଏହି ଷ୍ଟ୍ରିଟ୍‌ଲାଇଟ୍ ଗୁଡ଼ିକ ଲାଗିଥିଲା । ଧାମନଗର- ଭଦ୍ରକ ମୁଖ୍ୟ ରାସ୍ତାରୁ ୮ଟି ୭୦ୱାର୍ଟ ଏଲ୍‌ଇଡ଼ି ଲାଇଟ୍ ଚୋରି ହୋଇଥିବାବେଳେ ଧାମନଗର- କାଙ୍କରା ରାସ୍ତାରୁ ୪୧ଗୋଟି ଓ ଧାମନଗର ଚିଲପଦି ରାସ୍ତାରୁ ୨ଗୋଟି ୪୫ ୱାର୍ଟ ଏଲ୍‌ଇଡ଼ି ଲାଇଟ୍ ଦୁର୍ବୁର୍ତ୍ତ ମାନେ ଚୋରି କରି ନେଇଛନ୍ତି । ଚୋରି ହୋଇଯାଇଥିବା ଏହି ଏଲ୍‌ଇଡ଼ି ଷ୍ଟ୍ରିଟ ଲାଇଟ ଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବବୋଲି ଜଣାଯାଇଛି । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନିୟୋଜିତ ସୂର୍ଯ୍ୟ ରଶ୍ମି ଏଲ୍‌ଇଡ଼ି ଲାଇଟିଂ ପ୍ରୋଜେକ୍ଟ ଲିମିଟେଡ଼ ଦ୍ୱାରା ଧାମନଗର ଏନ୍‌ଏସିର ଷ୍ଟ୍ରିଟ୍‌ଲାଇଟ୍ ସଂଯୋଗୀକରଣ ଓ ରକ୍ଷଣା ବେକ୍ଷଣ ଦାୟିତ୍ୱରେ ରହିଛି । ଉକ୍ତ ସଂସ୍ଥାର ଅଧିକାରୀଙ୍କ ସୂଚନା ଅନୁଯାୟୀ ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ଧାମନଗର ଥାନାରେ ଏତଲା ଦେଇଥିବା ଜଣାଯାଇଛି । ଚୋରି ଯାଇଥିବା ଏଲ୍‌ଇଡ଼ି ଷ୍ଟ୍ରିଟଲାଇଟ୍ ସମ୍ପର୍କରେ ବିହିତ ପଦକ୍ଷେପ ନେବା ସହିତ ଆଗାମୀ ଦିନ ଏନ୍‌ଏସି ଅଞ୍ଚଳରେ ରାତ୍ରୀକାଳୀନ ପେଟ୍ରୋଲିଂ କଢା କଢି କରାଯିବୋଲି ଆଇଆଇସି ରତିକାନ୍ତ ଗିରି କହିଛନ୍ତି । ଜନସାଧାରଣ ଏହି ସମ୍ପତ୍ତିକୁ ସୁରକ୍ଷିତ ରଖିବାପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ ତଥା ଧାମନଗର ଏନ୍‌ଏସି ପ୍ରଶାସକ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଶ୍ରୀ ମିଶ୍ର ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ତିନିଦିନିଆ ପଶ୍ଚିମବଙ୍ଗ...

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଓ ସଡ଼କ ପରିବହନ ବିଭାଗର ମୋଟ୍ ୪ ହଜାର ୭୦୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୪ଟି ବିକାଶମୂଳକ ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଆଜି ଦୁର୍ଗାପୁର ସ୍ଥିତ ପାନାଗଡ଼ ଇଣ୍ଡଷ୍ଟ୍ରିଆଲ ପାର୍କର ଥିବା ମେଟ୍ରିକ୍ସ ଫର୍ଟିଲାଇଜର ଏଣ୍ଡ କେମିକାଲ୍ସ ଲିମିଟେଡ୍ ପରିଦର୍ଶନ କରିବା ପରେ ଗଣମାଧ୍ୟମକୁ ସାକ୍ଷାତ୍ କରିବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମବଙ୍ଗ ଗସ୍ତ ନେଇ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଦେଶର ଶାସନ ଭାର ଗ୍ରହଣ କରିବା ପରେ ପୂର୍ବ ଭାରତର ରାଜ୍ୟ ଗୁଡିକୁ ସର୍ବାଧିକ ପ୍ରାଧାନ୍ୟ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଆସନ୍ତା ୭ ତାରିଖରେ ପଶ୍ଚିମବଙ୍ଗରୁ ଭାରତ ପେଟ୍ରୋଲିୟମ କର୍ପୋରେସନ (ବିପିସିଏଲ) ଦ୍ୱାରା ହଳଦିଆ ଠାରେ ୧୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏଲପିଜି ଇମ୍ପୋର୍ଟ ଟର୍ମିନାଲର ଲୋକାର୍ପଣ କରାଯିବ । ଏହି ଏଲପିଜି ଟର୍ମିନାଲ ପୂର୍ବ ଭାରତର ଏଲପିଜିର ବଢୁଥିବା ଚାହିଦାକୁ ପୂରଣ କରିବ ଏବଂ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ରନ୍ଧନ ଏଲପିଜି ଯୋଗାଇବା ପାଇଁ ଥିବା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବ । ପ୍ରଧାନମନ୍ତ୍ରୀ ୩୪୭ କିଲୋମିଟର ଲମ୍ବ ଧୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ ପାଇପଲାଇନର ଲୋକାର୍ପଣ କରିବେ । ଫଳରେ ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ପାଇପରେ ଗ୍ୟାସ ଆସିବ । ଏହି ଧୋବି-ଦୁର୍ଗାପୁର ଗ୍ୟାସ୍ ପାଇପଲଇନ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରକଳ୍ପର ମହତ୍ୱକାଂକ୍ଷୀ ପ୍ରକଳ୍ପ । ଏହି ପାଇପଲାଇନ ୨୪୩୩ କୋଟି ବ୍ୟୟରେ ଗେଲ୍ ଦ୍ୱାରା ନିର୍ମାଣ କରାଯାଇଛି । ଏହି ପାଇପଲାଇନ ଝାଡ଼ଖଣ୍ଡର ହର୍ଲ ସିନ୍ଦରି ସାର କାରଖାନାର ପନଃଉଦ୍ଧାର କରିବା ସହ ଏହି ପ୍ଲାଟ୍ ସମେତ ଶିଳ୍ପ, ବାଣିଜ୍ୟିକ ଏବଂ ଅଟୋମୋବାଇଲ କ୍ଷେତ୍ର ତଥା ଆଖପାଖର ପ୍ରମୁଖ ସହରକୁ ଗ୍ୟାସ ଯୋଗାଇବ । ପ୍ରଧାନମନ୍ତ୍ରୀ ଇଣ୍ଡିଆନ ଅଏଲର ହଳଦିଆ ରିଫାଇନାରୀର ଦ୍ୱିତୀୟ କାଟାଲିଟିକ୍ ଡ଼ିୱାକ୍ସିଂ ୟୁନିଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

## ବାଲେଶ୍ୱରରେ ହେବ ଦେଶର ....

ଅଧିକ ସଠିକତାର ସହ ଝଡ଼, ପବନ, ବିଜୁଳି, ବର୍ଷାର ପୁର୍ବାନୁମାନ କରିବା ନିମନ୍ତେ ବାଲେଶ୍ୱର ନିକଟରେ ଏକ ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା ପାଇଁ ଯୋଜନା ହେଉଛି । ଯଦିଓ ଏହା ଉତ୍ତର ଓଡ଼ିଶାରେ ପ୍ରତିଷ୍ଠ ହେବାକୁ ଯାଉଛି । କିନ୍ତୁ ଏହାଦ୍ୱାରା ସମଗ୍ର ଉତ୍ତର ଓଡ଼ିଶା, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରରେ ବି ପର୍ଯ୍ୟବେକ୍ଷଣକୁ ବଢ଼ାଯିବ । ଏପ୍ରିଲ-ଜୁନ୍ ମାସରେ ହେଉଥିବା କାଳ ବୈଶାଖୀ ବିହାର, ଝାଡ଼ଖଣ୍ଡରୁ ଉତ୍ପନ୍ନ ହେବା ପରେ ଉତ୍ତର ପଶ୍ଚିମ ଦିଗରୁ ଦକ୍ଷିଣ ପୂର୍ବ ଦିଗକୁ ଗତି କରିଥାଏ । ଓଡ଼ିଶା, ପଶ୍ଚିମବଙ୍ଗ ଦେଇ ଯିବା ବେଳେ ଏହା ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ସଂଗ୍ରହ କରିଥାଏ । ତେଣୁ ଏହାର ରୂପରେଖ ଜାଣିବାକୁ ସମଗ୍ର ଅଞ୍ଚଳରେ ପର୍ଯ୍ୟବେକ୍ଷଣ କେନ୍ଦ୍ର ବଢ଼ାଇବାକୁ ବଢ଼ିବ । ବାଲେଶ୍ୱରରେ ବଜ୍ରପାତ ଅନୁସନ୍ଧାନ କେନ୍ଦ୍ର ସ୍ଥାପନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲେ ବି ଏହା ବର୍ତ୍ତମାନ ପ୍ରାଥମିକ ସ୍ତରରେ ରହିଛି । ଏଥିନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଲୋଡ଼ା । ଆଇଏମ୍‌ଡି, ଆଇଏସ୍‌ଆର୍‌ଓ, ଡିଆର୍‌ଡିଓ ମିଳିତ ଭାବେ ଏହାକୁ ପ୍ରତିଷ୍ଠା କରିବେ । ଆଇଆଇଟି ଖଡ଼ଗପୁର, ଆଇଆଇଟି ଭୁବନେଶ୍ୱର, ଏଫ୍‌ଏମ୍ ୟୁନିଭରସିଟି , ଉତ୍ତର ୟୁନିଭରସିଟି ଓ କଲିକତା ୟୁନିଭରସିଟି ମିଶିକି କାମ କରିପାରିବେ । ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଯନ୍ତ୍ରାଂଶ ବ୍ୟବହାର କରାଯାଇ ତଥ୍ୟ ସଂଗ୍ରହ ହେବ । ସଠିକ୍ ସୂଚନା ମିଳିବା ଦ୍ୱାରା ମୃତ୍ୟୁ ସଂଖ୍ୟା ହ୍ରାସ ପାଇବ ।

## କୋଟିଆ ପଂଚାୟତରେ...

ଜୀବନଜୀବିକା ପାଇଁ ମଧ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମାଲକାନଗିରିରୁ ମୟୁରଭଂଜ, କୋରାପୁଟରୁ କଟକ – ସବୁ ଅଂଚଳର ବିକାଶ ପାଇଁ ସେ କାମ କରୁଛନ୍ତି । ବିକାଶର ସୁଫଳ ପ୍ରତି ପରିବାର ପାଖରେ ପହଂଚାଇବା ପାଇଁ, ରାଜ୍ୟର ସବୁ କୋଣ ଅନୁକୋଣରେ ପହଂଚାଇବା ପାଇଁ କାମ କରୁଛୁ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ଆମର ମା । ଓଡିଆ ଆମର ଭାଷା । ମହାପ୍ରଭୁ ଜଗନ୍ନାଥ ଆମର ବଡ ଠାକୁର । ଜଗନ୍ନାଥ ସଂସ୍କୃତି ଆମର ସଂସ୍କୃତି । କୋରାପୁଟକୁ ଆମେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି କହିଥାଉ । ସ୍ୱାଧୀନତା ସଂଗ୍ରାମରେ ମଧ କୋରାପୁଟ ବଡ ଭୂମିକା ବିଷୟରେ ଆଲୋକପାତ କରି ସେ ଏହି ଅବସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ଯୋଗୁ କାଟିଆ ପଂଚାୟତରେ ବହୁତ ଉନ୍ନତି ଆସିଛି । ଗାଁର ଲୋକମାନେ ରାସ୍ତାଘାଟ, ପାଣି, ବିଜୁଳି, ଶିକ୍ଷା ଆଦି ବିଭିନ୍ନ ସୁବିଧା ପାଇପାରୁଛନ୍ତି । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ ।

## ଆସନ୍ତାକାଲି ଚକାଜାମ୍ ....

କରାଯିବା ସହିତ କେନ୍ଦ୍ର ସରକାର କୃଷକମାନଙ୍କ ଉପରେ କରୁଥିବା ଅତ୍ୟାଚାର ପ୍ରସଙ୍ଗରେ ବୁଝାଯିବ । ତେବେ ଏହି ଆନ୍ଦୋଳନକୁ ନେଇ ବିଜେଡି ପ୍ରତିକ୍ରିୟା ରଖିଛି । ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି ଚାଷୀ ଆନ୍ଦୋଳନ ହିଂସାତ୍ମକ ନହେଉ । ଆଲୋଚନାରୁ ନିଷ୍କର୍ସ ବାହାରିବ ବୋଲି କହିଛନ୍ତି ଶଶିଭୂଷଣ । ଅନ୍ୟପଟେ ଏହି ଚକାଜାମକୁ ସମର୍ଥନ କରିଛି କଂଗ୍ରେସ । ଚାଷୀଙ୍କ ଆନ୍ଦୋଳନକୁ ସରକାର ଗୁରୁତ୍ୱ ଦେବା ଦରକାର ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ତେବେ ବିଜେପି କୃଷି ଆଇନ ଲାଗୁ ହେବା ଦ୍ୱାରା ଚାଷୀମାନେ ଉପକୃତ ହେବେ ବୋଲି ଦୋହରାଇଛି ।

## ମୋବାଇଲ ଓ ଟିଭି ରିଚାର୍ଜ ....

ବର୍ଷେ ରିଚାର୍ଜ ପାଇଁ ଟଙ୍କା ନେଇ କିଛି ଗ୍ରାହକଙ୍କର ୨ରୁ ୩ ମାସ ପାଇଁ ମୋବାଇଲ ଓ ଟିଭି ରିଚାର୍ଜ କରିଥିଲା ସଂସ୍ଥା । ଏହାପରେ ସଂପୃକ୍ତ କଂପାନିରେ ତାଲା ପକାଇ ସଂସ୍ଥାର ଏମ୍‌ଡି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । କେବଳ ଓଡ଼ିଶା ନୁହେଁ କୋଲକାତାରେ ବି ସଂପୃକ୍ତ ସଂସ୍ଥା ଠକେଇ କରିଥିବା ଅଭିଯୋଗ ହୋଇଛି । ତେବେ ସଂପୃକ୍ତ ସଂସ୍ଥା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେନେଇ ପୁଲିସ୍‌ର ପ୍ରତିକ୍ରିୟା ମିଳିପାରିନାହିଁ ।

## କୃଷି ଆଇନକୁ ବିରୋଧ ....

ଚକଅଖ ଜାମ କରାଯିବ । ତେବେ ଏହା ଭାରତ ବନ୍ଦ କି ଓଡ଼ିଶା ବନ୍ଦ ଭଳି ନୁହେଁ । ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ୩ଘଣ୍ଟା ପାଇଁ ରାସ୍ତାରେ ଗାଡ଼ିମୋଟର ବନ୍ଦ କରାଯିବ । ରାସ୍ତାରେ ଚକଅଖ ଜାମକୁ ଛାଡ଼ିଦେଲେ ଅନ୍ୟ କୌଣସି ସେବା ପ୍ରଭାବିତ ହେବ ନାହିଁ । ଦୋକାନବଜାର ଓ ଅଫିସ ସ୍ୱାଭାବିକ ରହିବ ତଥା ଏହି ପ୍ରଦର୍ଶନ ଶାନ୍ତିପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି ।

## ଭିନ୍ନକ୍ଷମ ତାଲିମ...

କିଛି ଅନ୍ତେବାସୀ ଓ ଷ୍ଟାଫ୍ । କେମିତି ହୁଏ ଡିଲ୍ ତାହାର ଏକ ଭିଡିଓ ସାମ୍ନାକୁ ଆସିବା ପରେ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ଦିନରେ ୨୫ ଶହ, ରାତି ପାଇଁ ୫ ହଜାର ଟଙ୍କାରେ ହୁଏ ଡିଲ୍ । ବାହାରୁ ଯୁବତୀ ଆସନ୍ତି । ଆଉ ତାଙ୍କ ପାଇଁ ନାମୀଦାମୀ ଗ୍ରାହକ ଠିକ୍ କରନ୍ତି ସୁରେଶ ଚନ୍ଦ୍ର ବେହେରା । ଏମିତିକି ତାଲିମ କେନ୍ଦ୍ର ତଦାରଖ କରିବାକୁ ଆସୁଥିବା କିଛି ସରକାରୀ ବାବୁଙ୍କ ପାଇଁ ଏଠାରେ ଥିଲା ସ୍ୱତନ୍ତ୍ର ରୁମ୍ ସହ ସ୍ୱତନ୍ତ୍ର ବ୍ୟବସ୍ଥା । ବଡ କଥା ହେଲା କେବେ କେବେ ବାହାରୁ ଯୁବତୀ ଆସି ନ ପାରିଲେ, ସେଠାରେ ରହୁଥିବା ଭିନ୍ନକ୍ଷମ ଯୁବତୀଙ୍କୁ ମଧ ବାଧ କରାଯାଇ ବ୍ୟବହାର କରାଯାଉଥିବାର ସାଂଘାତିକ ଅଭିଯୋଗ ହୋଇଛି । ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ଏଭଳି ଅନୈତିକ କାଣ୍ଡ ନେଇ ଡିସେମ୍ବରରୁ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଥିଲେ ବି ଚାପରେ ପଡ଼ି ତଦନ୍ତ ଆଗକୁ ବଢ଼ିନଥିବା ଅଭିଯୋଗ ହୋଇଥିଲା । ତେବେ ଘଟଣା ସାମ୍ନାକୁ ଆସିବା ପରଠୁ ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ବେହେରାଙ୍କ ପତ୍ତା ମିଳୁ ନ ଥିଲା ।

## ମାଓବାଦୀଙ୍କ ହିଂସାକାଣ୍ଡ....

ପୁଲିସକୁ ଏକ ବଡ଼ ଧରଣର କ୍ଷତି ପହଞ୍ଚାଇବା ପାଇଁ ଯୋଜନା କରିଥିଲେ । ଘଟଣା ସ୍ଥଳରୁ ଜିଲଟିନ, ଡିଟୋନେଟର, କାଡେକ୍ସ ୱାୟର, ମାଓ ୟୁନିଫର୍ମ, ମାଓ ପୁସ୍ତିକା ଆଦି ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ତେବେ ଏତେ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଦେଖିଲେ ସୁରକ୍ଷା ଯବାନଙ୍କୁ ଏକ ବଡ଼ ଧରଣର ହିଂସାକାଣ୍ଡ ଘଟାଇବାକୁ ଯୋଜନା କରୁଥିଲେ ମାଓବାଦୀ । ଆନ୍ଧ୍ର ଓଡ଼ିଶା ବୋର୍ଡର ମାଓ ସଙ୍ଗଠନ ଏହାକୁ ଲୁଚାଇଥିବା ଅନୁମାନ କରାଯାଉଛି । ବର୍ତ୍ତମାନ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି ।

# ଭାରତୀୟ ଉପକୂଳରେ ଭାସମାନ ଜେଟି, ପ୍ଲାଟଫର୍ମକୁ ପ୍ରୋତ୍ସାହନ

ପାରାଦୀପ,୦୫।୦୨ (ନି.ପ୍ର): ବନ୍ଦର ପରିବହନ ଓ ଜଳପଥ ମନ୍ତ୍ରଣାଳୟ ଚୁଡ଼ାନ୍ତ ଏବଂ ଫ୍ଲୋଟିଂ ସଂରଚନା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି । ଏହି ନିର୍ଦ୍ଦେଶାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ଆଗାମୀ ପ୍ରକଳ୍ପଗୁଡ଼ିକରେ ସମଗ୍ର ଉପକୂଳବର୍ତ୍ତୀ ବିଶ୍ୱସ୍ତରୀୟ ଭାସମାନ ଭିତ୍ତିଭୂମି ସ୍ଥାପନ କରିବାର ଲକ୍ଷ୍ୟ ରଖିଛି । ମାଇନର ହାର୍ବର, ଫିସିଂ ହାର୍ବର, ଫିସ୍ ଲ୍ୟାଣ୍ଡି ସେଣ୍ଟର ଇତ୍ୟାଦି ସମାନ ସୁବିଧାଗୁଡ଼ିକ ଉପକୂଳବର୍ତ୍ତୀ ଅଞ୍ଚଳ, ସମୁଦ୍ର, ଜଳପଥ, ନଦୀ ଏବଂ ଜଳଭଣ୍ଡାରରେ ଫ୍ଲୋଟି ଜେଟି, ପ୍ଲାଟଫର୍ମ କାର୍ଯ୍ୟକାରୀ କରିବା ପାଇଁ ଏହି ନିର୍ଦ୍ଦେଶାବଳୀରେ ବିଭିନ୍ନ ବୈଷୟିକ ଦିଗ ନିର୍ଦ୍ଧାରଣ କରାଯାଇଛି । ଏହି ନିର୍ଦ୍ଦେଶାବଳୀଗୁଡ଼ିକ ବିଭିନ୍ନ ଜଳପ୍ରବାହ ପ୍ରଣାଳୀରେ ଭାସମାନ ପ୍ଲାଟଫର୍ମ ଏବଂ ମାଇନର ହାର୍ବର ଇତ୍ୟାଦି ସୁବିଧା ପାଇଁ ଭାସମାନ ତରଙ୍ଗ ଓ ବ୍ରେକ୍ ୱାଟର୍ ପାଇଁ ମଧ ଉପଯୁକ୍ତ ଭାବେ ବ୍ୟବହୃତ ହେବ । ଏହାର ଅନ୍ତର୍ନିହିତ ସୁବିଧା ହେତୁ ଭାସମାନ ସଂରଚନା ଏକ ଆକର୍ଷଣୀୟ ସମାଧାନ । ତେଣୁ ବନ୍‌ଦର, ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଏହା ପ୍ରୋତ୍ସାହିତ ହୋଇଛି । ବିଭାଗୀୟ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟା କହିଛନ୍ତି ଯେ ମନ୍ତ୍ରଣାଳୟ ଏକ ମାନଦଣ୍ଡ ସୃଷ୍ଟି କରୁଛି ଏବଂ ଏହି ନିର୍ଦ୍ଦେଶାବଳୀରେ ଗୁଣାତ୍ମକ ନିର୍ଦ୍ଦିଷ୍ଟତାକୁ ଆନ୍ତର୍ଜାତୀୟ ଗୁଣାତ୍ମକ ସହିତ ବିକଶିତ କରାଯାଇଛି । ଉପଯୋଗୀତା, ସ୍ଥାୟୀତ୍ୱ, ନିରାପତା, ସ୍ୱଳ୍ପ ରକ୍ଷଣାବେକ୍ଷଣ, ବ୍ୟୟ ପ୍ରଭାବଶାଳିତା ଏବଂ ସର୍ବୋପରି ସର୍ବନିମ୍ନ ପ୍ରଭାବ ସହିତ ସର୍ବଶେଷ୍ଠ ପ୍ରକଳ୍ପ ହାସଲ କରିବାକୁ ଆଗାମୀ ପ୍ରକଳ୍ପଗୁଡ଼ିକରେ ଦେଶରେ ଏହିପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ସ୍ଥାପନକୁ ପ୍ରୋତ୍ସାହିତ କରିବା ମନ୍ତ୍ରଣାଳୟର ପ୍ରୟାସ । ଏହି ନିର୍ଦ୍ଦେଶାବଳୀଗୁଡ଼ିକ ସମସ୍ତ ସାମୁଦ୍ରିକ ରାଜ୍ୟ, ରାଜ୍ୟ ସାମୁଦ୍ରିକ ବୋର୍ଡ଼, ପ୍ରମୁଖ ବନ୍ଦର, ଆଇଡ଼ବ୍ଲ୍ୟୁଏଆଇ ଏବଂ ମତ୍ସ୍ୟ ବିଭାଗ ସେମାନଙ୍କ ଆଗାମୀ ପ୍ରକଳ୍ପ ପାଇଁ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡଭ୍ୟା କହିଥିବା ପାରାଦୀପ ବନ୍ଦର ଲୋକମମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

# ରେଡ଼କ୍ରସ ସୋସାଇଟି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୦୫।୦୨ (ନି.ପ୍ର): ଆଂଚଳିକ ପରିବହନ ବିଭାଗ ଏବଂ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ମିଳିତ ସହଯୋଗରେ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୧ ଅବସରରେ ଜିଲ୍ଲା ରେଡ଼କ୍ରସ ସୋସାଇଟି ପକ୍ଷରୁ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସହରର ଫାଣ୍ଡିଛକଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାକୁ ଜିଲ୍ଲା



ରେଡ଼କ୍ରସ ସୋସାଇଟିର ସଭାପତି ତଥା ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଉଦଘାଟନ କରିଥିଲେ । ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ସାଙ୍ଗକୁ କଡ଼ାକଡ଼ି ଟ୍ରାଫିକ ନିୟମ ପାଳନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ପିତ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା, ଟ୍ରାଫିକ ଥାନା ଅଧିକାରିଣୀ ମୋନାଲିସା କର, ରେଡ଼କ୍ରସ ସୋସାଇଟିର ସଦସ୍ୟ କବି ପ୍ରଶାନ୍ତ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଦୁର୍ଲଭ ମନୁଷ୍ୟ ଜୀବନ ରକ୍ଷା ସାଙ୍ଗକୁ ପରିବାରର ସୁରକ୍ଷାରେ ଏହି ଭଳି ସଚେତନତା କାର୍ଯ୍ୟକ୍ରମ ସହାୟକ ହୋଇପାରିଛି ବୋଲି କହିଥିଲେ । ରେଡ଼କ୍ରସ ସୋସାଇଟିର ବହୁ ସ୍ୱେଚ୍ଛାସେବୀ ପ୍ଲାକାର୍ଡ ହାତରେ ଧରି ସ୍ଲୋଗାନ ଦେବା ସହ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ଫାଣ୍ଡିଛକରୁ ବାହାରି ସହର ପରିକ୍ରମା ସହ ସିନେମା ଛକ ଶହୀଦ ପାର୍କଠାରେ ଶେଷ ହୋଇଥିଲା ।

ଶନିବାର,୦୬ ଫେବୃୟାରୀ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮


## ଓଭରବ୍ରିଜ୍ ନିର୍ମାଣରେ ଜମି ହରାଇଥିବା ହିତାଧିକାରୀଙ୍କୁ ପୂର୍ତ୍ତବିଭାଗ ପକ୍ଷରୁ ଚେକ୍‌ବଣ୍ଟନ

ଜଳେଶ୍ୱର, ୫/୨ (ନିପ୍ର) : ବାଲେଶ୍ୱର ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନୂଆବଜାରଠାରେ ଏକ ଓଭରବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଛି । ଏହା ଜୁଲାଇ ୨୦୧୮ ରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୨୦୨୦ରେ ଶେଷ ହେବା କଥା । ପ୍ରାୟ ୧ କିମି ଲମ୍ବ ବିଶିଷ୍ଟ ଓଭରବ୍ରିଜ୍ ନିର୍ମାଣରେ ୬୨କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ମୋଟ ୩୦ଟି ପିଲ ମଧ୍ୟରୁ ୪ଟି ପିଲର ରେଳବାଇ ବିଭାଗର ଓ ୨୬ଟି ପିଲର ପିଡବ୍ଲୁ ବିଭାଗ ପକ୍ଷରୁ ନିର୍ମାଣ ଚାଲିଛି । ରେଳବାଇର ୨ଟି ପିଲର ସରିଥିବା ବେଳେ ଓଭରବ୍ରିଜ୍‌ର ପଶ୍ଚିମପଟେ ପିଡବ୍ଲୁର ୧୨ଟି ପିଲର କାର୍ଯ୍ୟ ସରିଛି । ରେଳ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ପିଲର ନିମ୍ନ ମାନର ବୋଲି କେତେକ ଯନ୍ତ୍ରୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଗୋଟିଏ ପିଲରକୁ ୫ଟି ସ୍ତରରେ ନିର୍ମାଣ ହେବାକୁ ଥିବା ବେଳେ ପ୍ରତି ସ୍ତରର କଂକ୍ରିଟ କାମ ୨୪ ଘଣ୍ଟା ମଧ୍ୟ ଶେଷ କରିବା କଥା । ହେଲେ ରେଳ ବିଭାଗରେ ହେଉଥିବା ପ୍ରତିସ୍ତରର ନିର୍ମାଣ ୩ ଦିନ ପର୍ଯ୍ୟନ୍ତ ଚାଲୁଥିବା ଦେଖିବାକୁ ମିଳୁଛି । ଏପରିକି କଂକ୍ରିଟ ଗୁଡିକ ହେଲ ଲଡିଂ ଜରିଆରେ କରାଯାଉଥିବାରୁ ଏହାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୋଟ କାର୍ଯ୍ୟର ୪୦% ସରିଥିବା ବେଳେ ରାଜ୍ୟସରକାରଙ୍କ ପକ୍ଷରୁ ପ୍ରାଇଭେଟ ଜମିଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇନଥିବାରୁ ନିର୍ମାଣ ସରିବାରେ ବିଳମ୍ବ ହେଉଥିବା ଜଣାଯାଇଛି । ଅବଶିଷ୍ଟ ୦.୩୬୬ଏକର ଜମି ଅଧିଗ୍ରହଣ ନିମନ୍ତେ ଚେଷ୍ଟା ଜାରି ରହିଛି ବୋଲି ଯନ୍ତ୍ରୀ ନିହାର ରଂଜନ ବେହେରା କହିଛନ୍ତି । ଜଳେଶ୍ୱର ମ୍ୟୁନିସୀପାଲଟିର ଦେଉଳିପଂଚୁଘଣ୍ଟା ମୌଜାର ବାସନ୍ତି ମୁଖୀ ନାମକ ଜନୈକ ଅସହାୟା ମହିଳାଙ୍କର ଏକମାତ୍ର ୪ଡିସିମିଲ ଘରବାରୀକୁ ଅଧିଗ୍ରହଣ କରିବାକୁ ଥିବା ବେଳେ ପିଡବ୍ଲୁଡି ପକ୍ଷରୁ ପ୍ରୟାସ ଜାରି ରହିଥିଲା । ସଂପୂର୍ଣ୍ଣ ଉଚ୍ଛେଦ ନ କରି ସେ ସେହିସ୍ଥାନରେ ଅତିକମ୍‌ରେ ଅଳ୍ପକିଛି ଜମି ଦେବାକୁ ନିବେଦନ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ତାଙ୍କୁ ସଂପୂର୍ଣ୍ଣ ଉଚ୍ଛେଦ କରାଗଲେ ସେ ଆତ୍ମାହୁତି ଦେବେବୋଲି ଗଣମାଧ୍ୟମରେ ପ୍ରକାଶିତ ପରେ ଜିଲାପାଳଙ୍କ ନିର୍ଦ୍ଦେଶପରେ ତା ନିକଟରୁ ୦.୦୩୭୫ଏକର ଜମି ଅଧିଗ୍ରହଣ କରାଯାଇଛି । ଏହି ରେଜିଷ୍ଟ୍ରେସନ ସମୟରେ ଜେଇ ନିହାର ରଂଜନ ବେହେରା ଉପସ୍ଥିତ ରହି ବାସନ୍ତି ମୁଖୀଙ୍କୁ ୨୧,୩୯,୧୫୪ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି ।

## ସ୍ୱଳ୍ପ ଦୃଷ୍ଟି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସହାୟକ ଉପକରଣ ବଣ୍ଟନ ଓ ତାଲିମ ଶିବିର



ବାରିପଦା,୦୫।୦୨ (ନି.ପ୍ର): ସମଗ୍ର ଶିକ୍ଷା ମୟୂରଭଞ୍ଜ ଓ ସାଇଟସେଭର୍ସ ଭୁବନେଶ୍ୱର ମିଳିତ ଆନୁକୁଲ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ସାଧାରଣ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ୨୯ ଜଣ ସ୍ୱଳ୍ପ ଦୃଷ୍ଟି ଓ ୬ ଜଣ ମସ୍ତିଷ୍କ ପକ୍ଷାଘାତ ଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ ଓ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଜିଲ୍ଲା ଭିନ୍ନକ୍ଷମ ଓ ଗଣମାଧମ ସଂଯୋଜକ ଶ୍ରୀ ନିରଞ୍ଜନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି, ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ଅନ୍ତର୍ନିବେଶି ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ? ଉଦୟନାଥ ମାଝି, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ମୟୂରଭଞ୍ଜର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ପ୍ରଦୋଷ ନାଏକ, ସାଇଟସେଭର୍ସ, ଭୁବନେଶ୍ୱରର ଚକ୍ଷୁ ସ୍ୱାସ୍ଥ୍ୟ ପରାମର୍ଶ ଦାତା ଶ୍ରୀଯୁକ୍ତ ନିରଞ୍ଜନ ରାଜ ଓ ଶ୍ରୀଯୁକ୍ତ ସାରଦା ପ୍ରସନ୍ନ ଷଡଙ୍ଗୀ ଯୋଗ ଦେଇଥିଲେ । ଉଦ୍ଘାଟନୀ ଉତ୍ସବରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଉପକରଣ ବଣ୍ଟନ କରିବା ସହିତ ସେଗୁଡିକର ଯତ୍ନ ଓ ବ୍ୟବହାର ସମ୍ପର୍କରେ ସଚେତନ ରହିବା ସହିତ ଏଗୁଡିକ ଯେପରି ଭାବରେ ଶିକ୍ଷା କ୍ଷେତ୍ରରେ ବ୍ୟବହାର କରି ସେମାନଙ୍କର ଶିକ୍ଷାକୁ ଆଗକୁ ବଢାଇବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ତର୍ନିବେଶି ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ଉଦୟନାଥ ମାଝି ଉପସ୍ଥିତ ଅଭିଭାବକ ମାନଙ୍କୁ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଉଦିଷ୍ଟ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିବା ସହିତ ନିଜ ଅଞ୍ଚଳରେ ଥିବା ଭିନ୍ନକ୍ଷମ ପିଲାମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା, ମୟୂରଭଞ୍ଜର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ପ୍ରଦୋଷ ନାଏକ ସମଗ୍ର ଶିକ୍ଷା ତରଫରୁ ଭିନ୍ନକ୍ଷମ ପିଲା ମାନଙ୍କୁ ଦିଆଯାଉଥିବା ବିଭିନ୍ନ ଆର୍ଥିକ ସହାୟତା ଉପରେ ଅଲୋଚନା କରିବା ସହ ଏହି ପିଲା ମାନଙ୍କୁ ମିଳିଥିବା ଉପକରଣ ଗୁଡିକର କିପରି ସଦୁପଯୋଗ କରାଯାଇ ପାରିବ ସେଥି ପାଇଁ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସାଇଟସେଭର୍ସ, ଭୁବନେଶ୍ୱରର ଚକ୍ଷୁ ସ୍ୱାସ୍ଥ୍ୟ ପରାମର୍ଶ ଦାତା ଶ୍ରୀଯୁକ୍ତ ନିରଞ୍ଜନ ରାଜ ଓ ଶ୍ରୀଯୁକ୍ତ ସାରଦା ପ୍ରସନ୍ନ ଷଡଙ୍ଗୀ ଯୋଗ ଦେଇ ଏଗୁଡ଼ିକର ଯତ୍ନ ଓ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

## ବେଆଇନ୍ ମାଟିବୋଝେଇ ଡମ୍ଫର ଜବତ୍

ଜଳେଶ୍ୱର, ୫/୨ (ନିପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ ଜାରି ରହିଥିବାରୁ ବାଲି ମାଫିଆମାନେ ଏବେ ବେଆଇନ୍‌ଭାବେ ଚାଷଜମିରୁ ଉର୍ବର ମାଟି ଉପରେ ନଜର ରଖିଛନ୍ତି । ବେଆଇନ୍‌ଭାବେ ହଜାର ହଜାର ଟ୍ରାକ୍ଟର ଓ ଡମ୍ଫର ବୋଝେଇ ମାଟି ନେଇ ମାଲେମାଲ ହେଉଥିବାର ଜଣାଯାଇଛି । ଆଜି ଶୁକ୍ରବାର ସକାଳେ ଓଡି୦୧ଏବି୪୨୯୧ ମାଟିବୋଝେଇ ଡମ୍ଫରକୁ ଅତିରିକ୍ତ ତହସିଲଦାର ବାଘାବାଳୀ ଛକ ନିକଟରେ ଜବତ୍ କରିଛନ୍ତି । ତାଙ୍କ ସହିତ ଆର୍‌ଆଇ ଦିଲ୍ଲିପ କୁମାର ଚନ୍ଦ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ଉପସ୍ଥିତ ଥିଲେ ।

## ବେଆଇନ୍ ବାଲିଖାଦାନ ଚଢାଉବେଳେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

ଜଳେଶ୍ୱର, ୫/୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ତହସିଲ ମଧ୍ୟଦେଇ ପ୍ରବାହିତ ହୋଇଥିବା ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଛି । ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲ ପକ୍ଷରୁ ଗୁରୁବାର ରାତ୍ରୀ ୧୦ଟାରେ ଚଢାଉ କରାଯାଇଥିଲା । ରାୟାଁରାମଚନ୍ଦ୍ରପୁର ଠାରେ ଏପରି ବାଲିଉତ୍ତୋଳନ ହେଉଥିବା ଜାଣି ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ୱମଙ୍କ ସହିତ ଆରଆଇ ଦିଲ୍ଲିପ କୁମାର ଚନ୍ଦ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ବେଆଇନ୍ ବାଲିବୋଝେଇ ନମ୍ବରବିହୀନ ଟ୍ରାକ୍ଟରକୁ ଜବତ୍ କରିବା ସମୟରେ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ଶ୍ରୀ ହେମ୍ବ୍ରମଙ୍କ ଅଭିଯୋଗ ମୂଳେ ଆଜି ଜଳେଶ୍ୱର ଥାନା ପକ୍ଷରୁ ମହାନ୍ତିସାହି ଗ୍ରାମର ସୁଶାନ୍ତ ଦାସଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି ।

## ଭୁତମୁଣ୍ଡାଇ ନିକଟରୁ ୫୦କେଜି ଗଂଜେଇ ଜବତ, ଆସାମୀ ଫେରାର୍




ପାରାଦୀପ ତା୦୫/୦୨ ପରାଦୀପ ପ୍ରବେଶ ପଥ କୁହାଯାଉଥିବା ଭୁତମୁଣ୍ଡାଇ ଛକ ନିକଟରୁ ୫୦କେଜି ଗଂଜେଇ ଶୁକ୍ରବାର ଜବତ କରିଛି ପାରାଦୀପ ଅବକାରୀ ବିଭାଗ । ଘଟଣାରୁ ପ୍ରକାଶ, ରାସ୍ତା ଉପରେ ସନ୍ଦିଗ୍ଧ ଅବସ୍ଥାରେ ଛିଡା ହୋଇଥିବା ଏକ କାର୍ ଓଡି-୦୨-କେ-୦୩୫୫ରେ ଏହି ଗଂଜେଇ ଥିବାବେଳେ ପାରାଦୀପ ଅବକାରୀ ବିଭାଗ ସୂଚନା ପାଇ ଗାଡି ସହିତ ୫୦କେଜି ଗଂଜେଇକୁ ଜବତ୍ କରି ପାରାଦୀପ ପୋଲିସ୍‌ର ଜିମା ଦେଇଥିବାର ଜଣାପଡିଛି । ତେବେ ଗଂଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତି ଫେରାର ହୋଇ ଯାଇଥିବାର କୁହାଯାଇଛି ।

### ଧାନ କିଣା ଅନିୟମିତତାକୁ ନେଇ ପୂର୍ବତନ ବିଧାୟକଙ୍କ ଉଦବେଗ

## କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ଆହ୍ୱାନ

ବାଲେଶ୍ୱର,୦୫।୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଶିଷ୍ଟ ରାଜନେତା ତଥା ପୂର୍ବତନ ବିଧାୟକ ଅରୁଣ ଦେ। ଧାନ ସଂଗ୍ରହରେ ଚାଷୀଙ୍କ ସ୍ୱାର୍ଥରକ୍ଷା ପରିବର୍ତ୍ତେ ସମ୍ପ୍ରତି ମିଲରଙ୍କ ଫାଇଦାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଶ୍ରୀ ଦେ ଅୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଆରୋପ ଉଠାଇଛନ୍ତି। ଧାନ ସଂଗ୍ରହ ସମୟ ଅବଧି ଶେଷ ହବାକୁ ବସିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୪୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ବାକି ୬୦ ପ୍ରତିଶତ ଚାଷୀଙ୍କ ଧାନ ଏବେ ବିଭିନ୍ନ ସମବାୟ ସମିତିମାନଙ୍କରେ ପଡ଼ିରହିଛି। କେବଳ ଭଲ ଅରୁଆ ଚାଉଳ ହୋଇପାରୁଥିବା ଧାନ ନେବାକୁ ମିଲରମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଟୋକନ ପାଇନଥିବା ଚାଷୀଙ୍କଠାରୁ ମିଲରମାନେ କ୍ୱିଣ୍ଟାଲ ପ୍ରତି ମାତ୍ର ହଜାରେ ଟଙ୍କାରେ ଧାନ କିଣୁଥିବା ଏବେ ଚାଷୀମହଲରୁ ଶୁଣିବାକୁ ମିଳୁଛି ବୋଲି ପୂର୍ବତନ ବିଧାୟକ ଶ୍ରୀ ଦେ କହିଛନ୍ତି। କେନ୍ଦ୍ର ସରକାରଙ୍କ ଚଳିତ ବର୍ଷର ଅରୁଆ ନୀତି ଯୋଗୁଁ ଓଡ଼ିଶାର ଚାଷୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ତେବେ ଚାଷୀଙ୍କ ପ୍ରକୃତ ସମସ୍ୟା ସମାଧାନ କରିବା ପରିବର୍ତ୍ତେ କେବଳ ଚର୍ଚ୍ଚାରେ ରହିବାକୁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ବଭିନ୍ନ ମଣ୍ଡିକୁ ଯାଇ ଧାନ ସଂଗ୍ରହକାରୀଙ୍କ ଉପରେ ଜୁଲମ କରିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ମନ୍ତ୍ରୀ ନିଜ ଜିଲ୍ଲାରେ ପହିଲମାନ ସାଜି କାହାକୁ ଗାଳିଗୁଲଚ କରୁଛନ୍ତି ତ କାହାକୁ ପୁଣି ମାଡ଼ ମାରିବାର ଧମକ ଦେଉଛନ୍ତି। ମାତ୍ର ଦିଲ୍ଲୀରେ ଚାଷୀଙ୍କ ସ୍ୱାର୍ଥରକ୍ଷା ଦିଗରେ ମୁହଁ ନଖୋଲି ରାମଭକ୍ତ ହନୁମାନ ସାଜୁଛନ୍ତି। ଧାନ କିଣିବା ପାଇଁ କେନ୍ଦ୍ର ସରକାର ଟଙ୍କା ନ ଦେଇ କେବଳ ଅରୁଆ ଚାଉଳ କିଣିବାକୁ ଜିଦ୍ ଧରିଥିବା ବେଳେ ବାଲେଶ୍ୱର ସାଂସଦ ଚୁପ ରହୁଛନ୍ତି କାହିଁକି ବୋଲି ଶ୍ରୀ ଦେ ପ୍ରଶ୍ନ କରିଛନ୍ତି। ଧାନ କିଣିବା ପାଇଁ କେନ୍ଦ୍ର ସରକାର ଅର୍ଥ ଦେଉନଥିବା ବେଳେ ରାଜ୍ୟ ଫାଇନାନ୍ସ ସଚିବ ଏବେ ଦିଲ୍ଲୀରେ ଡେରା ପକାଇଛନ୍ତି। ଏଭଳି ସ୍ଥିତିରେ ଚାଷୀଙ୍କ ସ୍ୱାର୍ଥରକ୍ଷା ଦିଗରେ ଦଳମତ ନିର୍ବିଶେଷରେ ମୁହଁ ଖୋଲିବାର ବେଳ ଆସିଛି। କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ସମସ୍ତେ ଏକଜୁଟ ହୋଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଶ୍ରୀ ଦେ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ତଥା ଶ୍ରୀ ଦେଙ୍କ ସହଯୋଗୀ ବିଷ୍ଣୁ ପ୍ରସାଦ ମହାନ୍ତି, ରଂଜନ ବାଗ ଓ ଶାନ୍ତନୁ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ବିଶେଷ ଟ୍ରେନ ଆଂଶିକ ବାତିଲ ହେବ

ଭୁବନେଶ୍ୱର,୦୫।୦୨ (ନି.ପ୍ର): ଫେବୃଆରୀ ମାସ ୭ ଏବଂ ୮ ତାରିଖରେ ବାଙ୍ଗାଲୋର ନିକଟସ୍ଥ ବାଇୟାପ୍ପାନାହାଲି ଷ୍ଟେସନ ଠାରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ (ନନ-ଇଂଟରଲକିଙ୍ଗ) କାର୍ଯ୍ୟପାଇଁ ଭୁବନେଶ୍ୱର ଓ ବାଙ୍ଗାଲୋର ମଧରେ ଚଳାଚଳ କରୁଥିବା ପ୍ରଶାନ୍ତି ବିଶେଷ ଟ୍ରେନ କୁ ଦୁଇଦିନ ପାଇଁ ଆଂଶିକ ବାତିଲ କରାଯିବାକୁ ନିଷ୍ପତି ନିଆଯାଇଅଛି । ଫେବୃୟାରୀ ମାସ ୬ ରୁ ୭ ତାରିଖରେ ଭୁବନେଶ୍ୱର ଠାରୁ ଛାଡିବାକୁ ଥିବା ୦୮୪୬୩ ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ବିଶେଷ ଟ୍ରେନ ଭୁବନେଶ୍ୱର ଏବଂ ସତ୍ୟ ସାଇ ପ୍ରଶାନ୍ତ ନିଳୟମ ଏସଏସପିଏନ ଷ୍ଟେସନ ମଧରେ ଚଳାଚଳ କରିବ ଏବଂ ୱେଚଘ ରୁ ବାଙ୍ଗାଲୋର ପର୍ଯ୍ୟନ୍ତ ବାତିଲ ରହିବ ।

## ରେଣୁପଦା ମକରମେଳା ଉଦଯାପିତ



ବାଲିଆପାଳ,୦୫।୦୨ (ନି.ପ୍ର): ରେଣୁପଦା ମକରମେଳା ଦ୍ୱାରା ଗତ ୧ ତାରିଖଠାରୁ ୪ ତାରିଖ ପର୍ଯ୍ୟନତ ଅନୁଷ୍ଠିତ ହୋଇଆସୁଥିବା ମକରମେଳା ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମକରମେଳା କମିଟିର ସଭାପତି ସମାଜସେବୀ ସୁଦର୍ଶନ ପ୍ରଧାନ, ମୁଖ୍ୟ ପରିଚାଳକ ରବୀନ୍ଦ୍ର କୁମାର ସିଂ,ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲ ।ଏହି ଅବସରରେ ସମାଜସେବୀ ସ୍ୱର୍ଗତଃ ପ୍ରଭାକର ସିଂଙ୍କ ।ମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କୁ ଚଳିତବର୍ଷ ପ୍ରଭାକରସ୍ମୃତ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।ସୂଚନା ଯୋଗ୍ୟ ଏହି ମେଳା ୧୯୭୫ ମସିହାରୁ ଗ୍ରାମବାସିଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଆସୁଅଛି ।

## କୋର୍ସ ଫି ଛାଡ଼ ଦାବିରେ ଏଫଏମ ୟୁନିଭର୍ସିଟି ଛାତ୍ରଛାତ୍ରୀଙ୍କ ଧାରଣା

ବାଲେଶ୍ୱର,୦୫।୦୨ (ନି.ପ୍ର): କରୋନା ଯୋଗୁଁ ସବୁ କ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ୫୦ ପ୍ରତିଶତ କୋର୍ସ ଫି’ ଛାଡ଼ କରିଛନ୍ତି। ଅନୁରୂପ ଭାବେ ଅତିକମ୍‌ରେ ୫୦ ପ୍ରତିଶତ ଫି’ଛାଡ଼ ଦାବି ନେଇ ଅହୋରାତ୍ର ଧାରଣାକୁ ଓହ୍ଲାଇଛନ୍ତି ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ ଓ ଏମଏଡ ଛାତ୍ରଛାତ୍ରୀ ମାନେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଏଡ ଓ ଏମଏଡ ଛାତ୍ରଛାତ୍ରୀମାନେ ଆଜି ରେମୁଣା ଗୋଲେଇସ୍ଥିତ କ୍ୟାମ୍ପସ ସମ୍ମୁଖରେ ଧାରଣାରେ ବସିଥିଲେ। ସର୍ବାଧିକ ୫୮ ହଜାର ୫୯୨ ଟଙ୍କା କୋର୍ସ ଫି’ ଛାଡ଼ ପାଇଁ ସେମାନେ କରିଥିବା ଦାବିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତ୍ୟାଖାନ କରିଦେଇଥିଲେ। ମାତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଠାକାର ଛାତ୍ରଛାତ୍ରୀଙ୍କୁ ୫୦ ପ୍ରତିଶତ ଫି’ ଛାଡ଼ କରିପାରିଥିବା ବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ କାହିଁକି ଛାଡ଼ ହୋଇ ନପାରିବ ବୋଲି ଧାରଣାରତ ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିଛନ୍ତି। କରୋନା ମହାମାରୀ ଯୋଗୁଁ ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ୫୦ ପ୍ରତିଶତ ଫି’ଛାଡ଼ ପାଇଁ କର୍ତ୍ତୃପକ୍ଷଙ୍କର ଏକ କୁଣ୍ଠାବୋଧ କାହିଁକି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଧାରଣା ଅହରାତ୍ରୋ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ଏବିଭିପି ସଂଗଠନର ଛାତ୍ରନେତା ଲକ୍ଷ୍ମୀନାରାୟଣ ନାୟକ ଚେତାବନୀ ଦେଇଛନ୍ତି।

## ବେଆଇନ କରତ କଳ ଉପରେ ଚଢଉ : ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ



ବାଲିଆପାଳ,୦୫।୦୨ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ଚାଲିଥିବା ଏକ ବେଆଇନ କରତ କଳ ଉପରେ ଜଙ୍ଗଲ ବିଭାଗ ଚଢଉ କରି ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରିଛି । କରତ କଳ ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସୂଚନାମୁତାବକ ବାଲେଶ୍ୱର ଜିଲ୍ଲାପାଳ କେ. ସୁର୍ଦଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦିପୁର ରେଞ୍ଜର ସୁକୁମାର ଦାସଙ୍କ ନେତୃତ୍ୱରେ ବନ ବିଭାଗ ଓ ପୁଲିସ ମିଳିତ ଭାବେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ କରତକଳ ଉପରେ ଚଢଉ କରିଥିଲେ ସୁରକ୍ଷା ଦୃଷ୍ଟିରୁ ଏକ ପ୍ଲାଟୁନ ଫୋର୍ସ ମୂତୟନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଏବେ ୨୦ରୁ ଉର୍ଦ୍ଧ ବେଆଇନ କରତକଳ ଚାଲିଛି । ଫଳରେ ବଙ୍ଗୋପସାଗର ଉପକୂଳରେ ଥିବା ବିସ୍ତିର୍ଣ୍ଣ ଝାଉଁ ଜଙ୍ଗଲ ନଷ୍ଟ ହେଉଛି ।

## ହାଇସ୍କୁଲ ବୋର୍ଡ ପରୀକ୍ଷା ଲାଗି ପ୍ରସ୍ତୁତି ବୈଠକ



ଜଳେଶ୍ୱର,୦୫।୦୨ (ନି.ପ୍ର): ଚଳିତବର୍ଷ ହାଇସ୍କୁଲ ପରୀକ୍ଷା ବିଭିନ୍ନ ପରୀକ୍ଷାକେନ୍ଦ୍ର ବଦଳରେ ନିଜ ବିଦ୍ୟାଳୟରେ କରାଯିବାକୁ ସରକାର ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଜଳେଶ୍ୱର ହାଇସ୍କୁଲରେ ବିଇଓ ବିରଞ୍ଚନ ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ୧୩ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପି.ଟି.ଏମ୍ ବୈଠକ କରିବାକୁ ସରକାର ଘୋଷଣା କରିଥିବାରୁ ଏଥିଲାଗି ସମସ୍ତ ସିଆର୍‌ସି ଓ ପ୍ରଧାନ ଶିକ୍ଷକ ମାନଙ୍କୁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଶ୍ରେଣୀରେ ହେବାକୁ ଥିବା ବାର୍ଷିକ ପରୀକ୍ଷା ସଂପର୍କରେ ମଧ୍ୟ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଓ ଲଲାଟେନ୍ଦୁ ଜେନା, ସୁଶାନ୍ତ ଜେନା ଓ ଅଜୟ ଜେନାଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଂଜ ବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## କିନ୍ନର ଚଳାଇବେ ସ୍ୱଚ୍ଛ ସବାରୀ : ଘରକୁ ଘର ବୁଲି ସଂଗ୍ରହ କରିବେ ଅଳିଆ



ଭଦ୍ରକ,୦୫।୦୨ (ନି.ପ୍ର): ଭଦ୍ରକ ପୌରପାଳିକା ପକ୍ଷରୁ ଆଜି ସ୍ୱଚ୍ଛ ସବାରୀର ଉଦ୍‌ଘାଟନ ହୋଇ ଯାଇଛି। ବ୍ୟାଟେରୀ ଚାଳିତ ଏହି ଗାଡିକୁ କିନ୍ନରମାନେ ଚଳାଇବେ। ସେମାନେ ଘରକୁ ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରିବେ। ସହରକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବା ନିମନ୍ତେ ଭଦ୍ରକ ପୌରପାଳିକା ପାଇଁ ୪୦ ଗୋଟି ବ୍ୟାଟେରୀ ଚାଳିତ ଗାଡି ସ୍ୱଚ୍ଛ ସବାରୀ ଆସିଛି। ସେଥିମଧ୍ୟରୁ ଆଜି ୬ଟି ଗାଡି ୬ଜଣ କିନ୍ନରଙ୍କୁ ପ୍ରଦାନ କରାଯାଇଛି। ଏହି ଗାଡି ପ୍ରଦାନ ଉତ୍ସବରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ପୌରପାଳିକା ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଚରମ୍ପା ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘର ସମ୍ପାଦିକା ସୌମ୍ୟା ଦାସ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଏ ନେଇ ପୌରପାଳିକା ପକ୍ଷରୁ ଇଚ୍ଛୁକ ୭ଜଣ କିନ୍ନରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି କିନ୍ନରମାନେ ତୃତୀୟଲିଙ୍ଗୀଙ୍କୁ ନେଇ ଗଠିତ ଚରମ୍ପା ସିଂହବାହିନୀ ତୃତୀୟଲିଙ୍ଗୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମା’ ଭଦ୍ରକାଳୀ ତୃତୀୟଲିଙ୍ଗୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା। ସେମାନଙ୍କ ମଧ୍ୟରୁ ଆଜି ୬ଜଣ ସଞ୍ଜନା ସାମଲ, ସୀମା ଟାଙ୍ଗୁରୁ, ଏମ୍.ରବୀନ୍ଦ୍ର, ମାଧବୀ ବାରିକ, ଯଦୁନାଥ ହାଁସଦା, ପାୟଲ କିନ୍ନରଙ୍କୁ ପୌରପାଳିକାରେ ନିଯୁକ୍ତି ପ୍ରଦାନ କରାଯିବା ସହ ସେମାନଙ୍କୁ ଏହି ଗାଡି ଚଳାଇ ଅଳିଆ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ‘ଓଡ଼ିଶା ରାଜନୀତି’ର ପ୍ରବନ୍ଧ ପ୍ରତିଯୋଗିତା

ଭୁବନେଶ୍ୱର,୦୫।୦୨ (ନି.ପ୍ର): ମାରୁତି ମିଡିଆ ପକ୍ଷରୁ ପ୍ରକାଶ ପାଇବାକୁ ଯାଉଥିବା ‘ଓଡ଼ିଶା ରାଜନୀତି’ର ନୂତନ ସଂସ୍କରଣ ନିମନ୍ତେ ଏକ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ‘ଓଡ଼ିଶା ରାଜନୀତି’ରେ ରାଜ୍ୟର ସମସ୍ତ ନିର୍ବାଚିତ ସାଂସଦ, ବିଧାୟକ, ବ୍ଲକ ଅଧକ୍ଷ ଏବଂ ସରପଞ୍ଚଙ୍କ ନାମ ଓ ଯୋଗାଯୋଗ ନମ୍ବର; ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତା ତାଲିକା, ବିଭିନ୍ନ ସରକାରୀ ଓ ଅର୍ଦ୍ଧସରକାରୀ ସଂସ୍ଥାରେ ନିଯୁକ୍ତ ରାଜନୈତିକ ନେତୃବୃନ୍ଦଙ୍କ ତାଲିକା ସନ୍ନିବେଶିତ ହେବ। ଏଥିସହିତ ତିନୋଟି ପ୍ରସଙ୍ଗ ଉପରେ ଓଡ଼ିଆ ଭାଷାରେ ଲିଖିତ ଗୋଟିଏ ଲେଖାଏଁ ପ୍ରବନ୍ଧ ମଧ ରହିବ। ଏଥିନିମନ୍ତେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ପ୍ରବନ୍ଧଗୁଡ଼ିକର ବିଷୟବସ୍ତୁ ରହିଛି- (୧) ଲୋକ ପ୍ରତିନିଧି ପ୍ରାର୍ଥୀଙ୍କ ନିମନ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରହିବା ଉଚିତ କି?, (୨) ରାଜ୍ୟର ବିକାଶରେ ଆଞ୍ଚଳିକ ଦଳର ଭୂମିକା, ଏବଂ (୩) ଓଡ଼ିଶାରେ ନୂଆ ପିଢ଼ିର ରାଜନୈତିକ ଦଳର ଆବଶ୍ୟକତା ରହିଛି କି? ପ୍ରତ୍ୟେକ ଲେଖା ସର୍ବାଧିକ ୨୦୦୦ ଶବ୍ଦ ମଧରେ ହୋଇଥିବା ଅବଶ୍ୟକ। ଯେକୌଣସି ବୟସର ପାଠକ, ପାଠିକା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ତେବେ ଜଣେ ବ୍ୟକ୍ତି କେବଳ ଗୋଟିଏ ବିଷୟରେ ଲେଖିପାରିବେ। ଲେଖାଗୁଡ଼ିକ ଡାକ ଯୋଗେ କିମ୍ୱା ଇ-ମେଲ୍ ଆଇଡିରେ ୧୫-୦୨-୨୦୨୧ ତାରିଖ ସୁଦ୍ଧା ପହଞ୍ଚିବା ଦରକାର। ଯେଉଁମାନେ ଇ-ମେଲ୍ କରିବେ, ସେମାନଙ୍କୁ ଆକୃତି ଫଣ୍ଟରେ ଟାଇପ କରି ଲେଖା ପଠେଇବାକୁ ହେବ। ଏକ ନିରପେକ୍ଷ ବିଚାରକମଣ୍ଡଳୀଙ୍କ ଦ୍ୱାରା ଲେଖାଗୁଡ଼ିକର ମୂଲ୍ୟାୟନ କରାଯାଇ ପ୍ରତ୍ୟେକ ବିଷୟରେ କେବଳ ପ୍ରଥମ ବିବେଚିତ ପ୍ରବନ୍ଧକୁ ‘ଓଡ଼ିଶା ରାଜନୀତି’ରେ ପ୍ରକାଶ କରାଯିବ। କୌଣସି ପ୍ରତିଯୋଗୀଙ୍କର ଏକାଧିକ ଲେଖା ଆସିଲେ ସବୁଗୁଡ଼ିକ ଲେଖା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବିଚାରକମଣ୍ଡଳୀଙ୍କର ରହିଛି। ଲେଖା ପଠେଇବାର ଠିକଣା :ମାରୁତି ମିଡିଆ, ଏସ୍ ୩-୩୮, ବିଡିଏ କମର୍ସିଆଲ କମ୍ପ୍ଲେକ୍ସ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, E-mail : marutimedia13@gmail.comö ଯୋଗ୍ୟ ବିବେଚିତ ପ୍ରବନ୍ଧର ନାମ ଓ ଲେଖକ, ଲେଖିକାଙ୍କ ନାମ ସର୍ବସାଧାରଣରେ ଘୋଷଣା କରାଯିବା ସହ ସମ୍ପୃକ୍ତ ଲେଖକ, ଲେଖିକାଙ୍କୁ ‘ଓଡ଼ିଶା ରାଜନୀତି’ ଉନ୍ମୋଚନ ଉତ୍ସବରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ ମାରୁତି ମିଡିଆର ନିର୍ଦ୍ଦେଶକ ମନୋଜ ପୃଷ୍ଟି ଜଣାଇଛନ୍ତି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo